R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୯
ତିଥି : ଚତୁର୍ଦ୍ଦଶୀ
୧୪ ଜୁନ୍ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 249
14 June 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ, ୫ ସହିଦ



ନୂଆଦିଲ୍ଲୀ, ୧୩।୬ : ଭାରତୀୟ ବାୟୁ ସେନାର ଏଏନ୍ - ୩୨ ବିମାନ ଦୁର୍ଘଟଣା ଗ୍ରସ୍ତ ହେବାରୁ ୫ ଯବାନ ସହୀଦ ହୋଇଛନ୍ତି। ଆସାମର ଜୋରହାଟ୍ ଏୟାର ବେସ୍‌ରେ ବାୟୁସେନାର ଏହି ପରିବହନ ବିମାନ ଅବତରଣ କରିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବାୟୁସେନା ସ୍ୱୀକାର କରିଛି। ବିମାନର ସହପାଇଲଟ ବର୍ତ୍ତି ଯାଇଛନ୍ତି ଓ ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବାୟୁସେନା ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି ଯେ, କୋର୍ଟ ଅଫ ଇନକ୍ୱାରୀର ନିର୍ଦ୍ଦେଶ ଦିଆଯାଇଛି ଏବଂ ବିମାନ ଦୁର୍ଘଟଣା ହେବାର କାରଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ କୁହାଯାଇଛି। ଏହି ଦୁର୍ଘଟଣାରେ ସ୍କ୍ୱାଡେନ୍ ଲିଡର ପ୍ରଶାନ୍ତ ସିଂ ଫ୍ଲାଇଟ୍ ନେଟ୍‌ଲାଣ୍ଟ ଶୁଭମ୍ କୁମାର, ସର୍ଜେନ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ବାୟୁ ଖେମରାନ୍ କୁମାୟତ ଓ ଅଗ୍ନିବୀର ବାୟୁ ଡାନିସ୍ ଆଲାମ ପ୍ରାଣ ହରାଇଛନ୍ତି। ସେନା ପକ୍ଷରୁ ଏଥିଲାଗି ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରାରମ୍ଭିକ ଆକଳନରୁ ଜଣାଯାଇଛି ଯେ, ବିମାନଟି ନିୟମିତ ଉଡାନ ପରେ ଅବତରଣ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏହା ପରେ ବିମାନରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ବିମାନଟି ଦୁଇଭାଗ ହୋଇଯାଇଥିଲା। ଦୁର୍ଘଟଣା ପରେ ଅଗ୍ନି ନିରୋଧକ ଟିମ୍ ସେଠାରେ ତୁରନ୍ତ ପହଞ୍ଚିଥିଲେ। ବାୟୁସେନା ପକ୍ଷରୁ ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି। ବରିଷ୍ଠ ବାୟୁସେନା ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଛନ୍ତି ଏବଂ ଜରୁରୀକାଳୀନ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ବାୟୁସେନା ପକ୍ଷରୁ ଏହାର ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଜୟଶଙ୍କରଙ୍କୁ ରୁବିଓଙ୍କ ଜବାବ

# ହରମୁଜ୍ ପ୍ରତିରୋଧ ଉଲ୍ଲଙ୍ଘନ ବରଦାସ୍ତ ହେବନି

ନୂଆଦିଲ୍ଲୀ, ୧୩।୬ : ହର୍ମୁଜ ପ୍ରଣାଳୀରେ ଭାରତୀୟ ନାବିକ ଥିବା ଜାହାଜ ଗୁଡିକ ଉପରେ ଆକ୍ରମଣ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଗଭୀର ଆପତ୍ତି ଉଠାଇଛନ୍ତି। ଜୟଶଙ୍କର ଆମେରିକାର ସେକ୍ରେଟେରୀ ଅଫ ଷ୍ଟେଟ୍ ମାର୍କ ରୁବିଓଙ୍କ ନିକଟରେ ଆପତ୍ତି ଦର୍ଶାଇଛନ୍ତି। ତେବେ ଏହା ପରେ ରୁବିଓ ଜୟଶଙ୍କରଙ୍କୁ କହିଛନ୍ତି ହର୍ମୁଜ ପ୍ରଣାଳୀରେ ହୋଇଥିବା ପ୍ରତିବନ୍ଧକର ଉଲ୍ଲଂଘନକୁ ସହ୍ୟ କରାଯିବ ନାହିଁ।

ଗତ ୧୨ ତାରିଖରେ ଜୟଶଙ୍କର ରୁବିଓଙ୍କ ସହ କଥା ହୋଇ ଆମେରିକା ସୈନ୍ୟଙ୍କ ନିକଟରେ ୩ ଭାରତୀୟ ନାବିକଙ୍କ ମୃତ୍ୟୁ ନେଇ ଗଭୀର ଆପତ୍ତି ଦର୍ଶାଇଥିଲେ। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ବୋଲି ସେ କହିଥିଲେ। ଜୟଶଙ୍କର ଉଲ୍ଲେଖ କରିଥିଲେ ଯେ, ବାଣିଜ୍ୟିକ ଜାହାଜ ଉପରେ ହେଉଥିବା ଆକ୍ରମଣରେ ଭାରତର ୩ ନାବିକ ମୃତ୍ୟୁ ବରଣ କରିଛନ୍ତି। ୨ ଅଧିକାରୀ ହର୍ମୁଜ ପ୍ରଣାଳୀରେ ଘଟିଥିବା ସଦ୍ୟ ଘଟଣା ଉପରେ ଆଲୋଚନା କରିଥିଲେ। ତେବେ ରୁବିଓ କହିଥିଲେ ଯେ, ବାଣିଜ୍ୟିକ ଜାହାଜଗୁଡିକ ଆମେରିକା ସେନା ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମାନନ୍ତୁ ଏବଂ ହର୍ମୁଜ ପ୍ରଣାଳୀରେ ଶାନ୍ତି ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ। ସେ କହିଥିଲେ ଯେ, ଆମେରିକା ପକ୍ଷରୁ ହୋଇଥିବା ପ୍ରତିବନ୍ଧକର ଉଲ୍ଲଂଘନକୁ ବର୍ଦାସ୍ତ କରାଯିବ ନାହିଁ। ଇରାନ ତେଲର ବେଆଇନ ପରିବହନକୁ ଅନୁମତି ଦିଆଯିବ ନାହିଁ। ଆମେରିକା ପକ୍ଷରୁ ଓମାନ ଉପକୂଳରେ ଯେଉଁ ଜାହାଜ ଉପରେ ଆକ୍ରମଣ ହୋଇଥିଲା ସେଥିରେ ୨୪ ଜଣ ଭାରତୀୟ ନାବିକ ଥିଲେ। ପ୍ରଥମେ ୩ (୯ ପୃଷ୍ଠାରେ)

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପ୍ରସ୍ତୁତିର ସମୀକ୍ଷା

# ୨୦ରେ ବିଭିନ୍ନ କାର୍ଯ୍ୟକ୍ରମ, ସାଧାରଣ ସଭାରେ ଯୋଗଦେବେ



ଭୁବନେଶ୍ୱର, ୧୩।୬ (ସବ୍ୟୁ) : ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଜୁନ୍ ୧୯ ତାରିଖରେ ରାଇରଙ୍ଗପୁରରେ ପହଁଚିବେ। ଏହାର ପରଦିନ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରେ ପହଁଚିବେ। ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଉଭୟ ଜୁନ ୨୦ରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦଘାଟନ ଓ ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗଦେବେ। ସାଧାରଣ ସଭା ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ରାଇରଙ୍ଗପୁର ସ୍ଥିତ ପାହାଡ଼ପୁର ଯାଇ ସେଠାରେ ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦାନ ସହ ଏକ ପ୍ରଦର୍ଶନୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ (୯ ପୃଷ୍ଠାରେ)

# ଉପକୂଳ ଓଡ଼ିଶାରେ ମୌସୁମୀ ପ୍ରବେଶ



◇ ଚାଷ ଉପଯୋଗୀ ବର୍ଷା ବିଳମ୍ବ ହୋଇପାରେ
◇ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ
◇ ତାପମାତ୍ରା, ଆର୍ଦ୍ରତା ଜାରି ରହିବ

ଭୁବନେଶ୍ୱର, ୧୩।୬ (ସବ୍ୟୁ) : ଉପକୂଳ ଓଡିଶାରେ ଆନୁଷ୍ଠାନ ଭାବେ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ତେବେ ସାରା ରାଜ୍ୟରେ ବ୍ୟାପକ ଏବଂ ଚାଷ ପାଇଁ ଉପଯୋଗୀ ବର୍ଷା ହେବାରେ ବିଳମ୍ବ ହୋଇପାରେ ବୋଲି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି। ସେହିପରି ଆଇଏମଡି ପକ୍ଷରୁ ହୋଇଥିବା ଆକଳନ ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସୋଲାପୁର, ହାଇଦ୍ରାବାଦ, କଳିଙ୍ଗପାଟନମ୍, ପାରାଦୀପ, ବାରିପଦା, କୁରୁଲିଆ, ଧାନବାଗ୍ ଏବଂ ମୁଜାଫରନଗରରେ ପ୍ରବେଶ କରିଛି। ତେବେ ମୌସୁମୀ ପାଇଁ ପାଗ ଅନୁକୂଳ ଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର, ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ରହିଛି। ତେବେ ଓଡିଶାର କିଛି ଅଞ୍ଚଳ ଓ ଦକ୍ଷିଣ ଛତିଶଗଡର କିଛି ଅଞ୍ଚଳରେ ଆଗାମୀ ଦୁଇରୁ ତିନିଦିନ ମଧ୍ୟରେ ପ୍ରବେଶ କରିପାରେ।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ ୨ ଦିନ ଯାଏ କାଳବୈଶାଖୀ ସହ ବ୍ୟାପକ ବର୍ଷା କନ୍ଧମାଳ, ରାୟଗଡା, ଗଜପତି, କୋରାପୁଟ ଓ ମାଲକାନାଗିରିରେ ହେବାର ସମ୍ଭାବନା ରହିଛି। ଏଥିଲାଗି ସେଠାରେ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ସେହିଭଳି ଦୁଇଦିନ ଲାଗି ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ (୯ ପୃଷ୍ଠାରେ)

# ସ୍ଥଳସେନା ମୁଖ୍ୟ ହେବେ ଧୀରଜ ସେଠ୍



ନୂଆଦିଲ୍ଲୀ, ୧୩।୬ : ଦେଶର ପରବର୍ତ୍ତୀ ସ୍ଥଳସେନା ମୁଖ୍ୟ ଭାବେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ନିଯୁକ୍ତି ପାଇଛନ୍ତି। ଆସନ୍ତା ୩୦ରେ ସେ ଦେଶର ନୂଆ ସ୍ଥଳସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ସ୍ଥଳସେନା ମୁଖ୍ୟ ଥିବା ଜେନେରାଲ ଉପେନ୍ଦ୍ର ଦିବେଦୀଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଛି। (୯ ପୃଷ୍ଠାରେ)

# ସଡ଼କ ଦୁର୍ଘଟଣାରେ ୪ ମୃତ

ବେତନଟୀ/ଭବାନୀପାଟଣା, ୧୩।୬ (ସବ୍ୟୁ): ପୃଥକ ସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବାଲକା ରାସ୍ତାରେ ଶନିବାର ଅପରାହ୍ନ ରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିବାରୁ ଫଳରେ ମୃତକଙ୍କ ଗାଁରେ ଶୋକର ବାତାବରଣ ଖେଳିଯାଇଛି। ଘଟଣାରୁ ପ୍ରକାଶ ରଙ୍ଗାମାଟିଆରୁ ବାଲକା (୯ ପୃଷ୍ଠାରେ)

# ଜେଲ୍‌ରୁ ହସ୍ପିଟାଲ ଗଲେ ଚାମେଲି



❒ କେନ୍ଦ୍ରାପଡା ଏସ୍‌ପିଙ୍କୁ ଭେଟିଲେ ଚାମେଲିଙ୍କ ମା’
❒ ପ୍ରତିବାଦରେ ମହାକାଳପଡା ଥାନା ଘେରାଉ
❒ ନ୍ୟାୟ ପାଇଁ ବିଭିନ୍ନ ମହଲରେ ଦାବି

ମହାକାଳପଡା, ୧୩।୬ (ସବ୍ୟୁ) : ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ଗିରଫଦାରୀ ଘଟଣାକୁ ନେଇ ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚା ବଢ଼ିବାରେ ଲାଗିଛି। ମହାକାଳପଡ଼ା ବିଡ଼ିଓଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ତାଙ୍କୁ ପ୍ରଥମେ ଗିରଫ କରି ଜେଲ୍ ପଠାଇ ଦିଆଯାଇଥିଲା। ତେବେ ଜେଲ୍‌ରେ ପହଞ୍ଚିବା ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ପୁନର୍ବାର ତାଙ୍କୁ କେନ୍ଦ୍ରାପଡ଼ା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ବିଡ଼ିଓଙ୍କୁ ଦୁର୍ବ୍ୟବହାର ଓ ମହାକାଳପଡା ଥାନା ପୋଲିସଙ୍କୁ ମାଡ ମାରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଏହା ପୂର୍ବରୁ ଚାମେଲିଙ୍କ ଭାଇ ସୂର୍ଯ୍ୟକାନ୍ତଙ୍କୁ ମଧ ଗିରଫ କରି ପୋଲିସ ଜେଲ୍ ପଠାଇଥିଲା। ଗିରଫଦାରୀକୁ ନେଇ ଚାମେଲିଙ୍କ ମା’ ଭାରତୀ ଓଝା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। କୌଣସି ସୂଚନା ନ ଦିଆଯାଇ ତାଙ୍କ ଝିଅକୁ ମେଡିକାଲରୁ ପୋଲିସ (୯ ପୃଷ୍ଠାରେ)

15001/67/2627

ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା’ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0067

୧୯୦୧ - ପ୍ରଥମ ଥର ପାଇଁ ଗଲ୍ଫ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।
୧୯୯୯ - ଥାବୋ ମବେକି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ।
୨୦୦୧ - ତଦନ୍ତ କମିଶନ ଦୀପେନ୍ଦ୍ରଙ୍କୁ ହିଁ ଶାହୀ ପରିବାରର ହତ୍ୟାକାରୀ ବୋଲି ଦର୍ଶାଇଥିଲେ ।
୨୦୦୪ - ପଞ୍ଚଶୀଳ ନୀତିର ୫୦ତମ ବାର୍ଷିକୀ ଅବସରରେ ବେଜିଂରେ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା ।
୨୦୦୫ - ମାଇକେଲ୍ ଜ୍ୟାକସନ୍ ପିଲାମାନଙ୍କ ସହ ଯୌନ ନିର୍ଯାତନା ସମ୍ବନ୍ଧୀୟ ଦଶଟି ମାମଲାରୁ ଦୋଷମୁକ୍ତ ହୋଇଥିଲେ ।
୨୦୦୭ - ଚୀନର ଗୋବି ମରୁଭୂମିରେ ପକ୍ଷୀ ସଦୃଶ ବିଶାଳ ଡାଇନୋସରର ଜୀବାଶ୍ମ ମିଳିଥିଲା ।
୨୦୦୮ - କେନ୍ଦ୍ର ସରକାର ପୃଥକ ଗୋର୍ଖାଲ୍ୟାଣ୍ଡ ରାଜ୍ୟ ଗଠନର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

## ପହିଲି ରଜ



ଓଡ଼ିଶାର ଗଣପର୍ବ ତଥା କୃଷି ଓ ନାରୀତ୍ୱର ଅନନ୍ୟ ଗାଥା ବହନ କରୁଥିବା ତିନିଦିନିଆ ଗଣପର୍ବ 'ରଜ' ଆଜିଠାରୁ ସାରା ରାଜ୍ୟରେ ବେଶ୍ ହର୍ଷଉଲ୍ଲାସର ସହ ଆରମ୍ଭ ହୋଇଯାଇଛି ଯାହାର ପ୍ରଥମ ଦିବସକୁ 'ପହିଲି ରଜ' ଭାବେ ବଡ଼ ଧୂମଧାମରେ ପାଳନ କରାଯାଉଛି । ବିଶ୍ୱାସ କରାଯାଏ ଯେ ଏହି ଦିନଠାରୁ ବସୁଧା ମାତା ରଜସ୍ୱଳା ହୁଅନ୍ତି, ତେଣୁ ଆଗାମୀ ଭଲ ଫସଲ ଆଶାରେ ଏହି ତିନିଦିନ ପାଇଁ ଧରିତ୍ରୀ ମାତାଙ୍କୁ ପୂର୍ଣ୍ଣ ବିଶ୍ରାମ ଦିଆଯିବା ସହ ସମସ୍ତ ପ୍ରକାର କୃଷି କାର୍ଯ୍ୟ ଓ ଖୋଳାଖୋଳି ବନ୍ଦ ରଖାଯାଏ । ବିଶେଷ କରି କୁମାରୀ କନ୍ୟାମାନଙ୍କ ପାଇଁ ପହିଲି ରଜ ସବୁଠାରୁ ଆକର୍ଷଣୀୟ ହୋଇଥାଏ । ଏହି ଦିନ ସେମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ସ୍ନାନ ସାରି ନୂଆ ପୋଷାକ, ମଥାରେ ଚନ୍ଦନ, ଅଳତା ଓ ସିନ୍ଦୂର ପିନ୍ଧି ସଜବାଜ ହୋଇଥାନ୍ତି । ଏହାସହ ପହିଲି ରଜର ବିଧି ଅନୁଯାୟୀ ଖାଲି ପାଦରେ ଭୂମି ସ୍ପର୍ଶ ନକରି ଗୁଆ ଚିରା ବା କଦଳୀ ପଟୁଆରେ ଚପଲ ସଦୃଶ ପିନ୍ଧି ଚଳପ୍ରଚଳ କରନ୍ତି । ଗାଁଠୁ ସହର ସବୁଠି ରଜ ଦୋଳିର ମଜା ସାଙ୍ଗକୁ ପାରମ୍ପରିକ ରଜ ଗୀତର ସୁମଧୁର ସ୍ୱର ପରିବେଶକୁ ଆହୁରି ଉତ୍ସବମୁଖର କରିଦିଏ । ଏହା ସହିତ ଘରେ ଘରେ ସୁଆଦିଆ ପୋଡ଼ପିଠା, ଚକୁଳି, ମଣ୍ଡା ଏବଂ ବିଭିନ୍ନ ପ୍ରକାରର ପିଠାପଣାର ମହକ ଛୁଟିବା ସହ ସାଙ୍ଗସାଥୀଙ୍କ ମଧ୍ୟରେ ମିଠା ରଜପାନ ବଣ୍ଟନର ପରମ୍ପରା ଏହି ପର୍ବର ଆନନ୍ଦକୁ ଦ୍ୱିଗୁଣିତ କରିଥାଏ । ଯାହା ଆମ ଓଡ଼ିଆ ସଂସ୍କୃତିର ଭ୍ରାତୃଭାବ ଓ ସାମାଜିକ ସଂହତିର ଏକ ଜ୍ୱଳନ୍ତ ଉଦାହରଣ ।

## ସୋସିଆଲ କୋଟ୍ସ



ଜୀବନର ଏହା ହେଉଛି ସବୁଠାରୁ ଭଲ ଉପହାର, ଯାହାମୋତେ ଠାକୁର ଦେଇଛନ୍ତି । ତୁମ ଦୁଇଜଣଙ୍କ ଧନ୍ୟବାଦ ମୋତେ ମାଆ ଭାବେ ଚୟନ କରିଥିବାରୁ ।

**ଦିବ୍ୟଙ୍କା ତ୍ରିପାଠୀ, ଅଭିନେତ୍ରୀ**



ମୁଁ ରଣବୀରଙ୍କ ଉପରେ ବ୍ୟାନ ଲାଗିବା ଆଗରୁ, ରଣବୀର ଓ ଫରହାନଙ୍କର ବ୍ୟକ୍ତିଗତ ଚାଟ ପଢିଛି । ଫିଲ୍ମର ସବୁକିଛି ନିର୍ଦ୍ଧାରିତ ହେବାପରେ ହିଁ ରଣବୀର ଏହି ଫିଲ୍ମକୁ ମନା କରିଥିଲେ । ତେଣୁ ତାଙ୍କ ବିରୋଧରେ ଆକସନ ନିଆଯାଇଛି ।

**ଅଶୋକ ପଣ୍ଡିତ, FWICE ମୁଖ୍ୟ ପରାମର୍ଶଦାତା**



ଫିଲ୍ମଟି ପୁରା ଦେଶ ପାଇଁ ସମର୍ପିତ । ଚେଷ୍ଟା କରିଛି ଜଣେ ନର୍ସଙ୍କର ସଂଘର୍ଷ ଓ ସାହସକୁ ପରଦାରେ ଜୀବନ୍ତ କରିବାକୁ । ସେମାନେ ଆମ ପାଇଁ ଅନେକ କିଛି କରୁଛନ୍ତି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**

## ପିଲାଙ୍କ କ୍ଷେତ୍ରରେ ବଢୁଛି ମାୟୋପିଆ

ଆଜିରଆଧୁନିକ ଲାଇଫ୍‌ଷ୍ଟାଇଲ୍‌ରେ ଶିଶୁ ତଥା କୋମଳମତି ପିଲାମାନେ ଖେଳପଡ଼ିଆ ଛାଡ଼ି ମୋବାଇଲ୍, ଟାବଲେଟ୍ ଓ ଟିଭି ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଉଛନ୍ତି । ତେବେ ଏହାର ଗମ୍ଭୀର ପ୍ରଭାବ ସେମାନଙ୍କ ଆଖି ଉପରେ ପଡୁଛି । ବାହାରେ ଶାରୀରିକ ପରିଶ୍ରମ ଓ ଆଉଟ୍‌ଡୋର ଆକ୍ଟିଭିଟି କମିଯିବା ଯୋଗୁଁ



ପିଲାଙ୍କ ମଧ୍ୟରେ 'ମାୟୋପିଆ' ଭଳି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । 'ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ'ର ଏକ ଅଧ୍ୟୟନ ଅନୁଯାୟୀ, ଆସନ୍ତା ୨୦୫୦ ମସିହା ସୁଦ୍ଧା ବିଶ୍ୱର ପ୍ରାୟ ଅଧାରୁ ଅଧିକ ଜନସଂଖ୍ୟାକୁ ଚଷମା ପିନ୍ଧିବାକୁ ପଡ଼ିପାରେ । ବର୍ତ୍ତମାନ ଭାରତର ସହରାଞ୍ଚଳରେ ପ୍ରାୟ ୧୪ ପ୍ରତିଶତ ପିଲା ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ଏହା କ୍ରମାଗତ ଭାବେ ବଢ଼ିଚାଲିଛି । ଏହି ସଂକଟଜନକ ସ୍ଥିତିକୁ ଦୃଷ୍ଟିରେ ରଖି 'ଅଲ୍ ଇଣ୍ଡିଆ ଅପ୍‌ଥାଲ୍‌ମୋଲୋଜିକାଲ ସୋସାଇଟି' ପକ୍ଷରୁ ଏକ ଜାତୀୟ ଗାଇଡ୍‌ଲାଇନ୍ ଜାରି କରାଯାଇଛି, ଯେଉଁଥିରେ ପିଲାଙ୍କ ଆଖିର ନିୟମିତ ଯାଞ୍ଚ କରିବା, ସ୍କ୍ରିନ୍ ଟାଇମ୍ କମାଇବା ଏବଂ ଦୈନିକ ଅତିକମରେ ଦୁଇ ଘଣ୍ଟା ବାହାରେ ଖେଳକୁଦ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବିଶେଷଜ୍ଞଙ୍କ ଅନୁସାରେ ପ୍ରାକୃତିକ ସୂର୍ଯ୍ୟାଲୋକର ଅଭାବ ଯୋଗୁଁ ଆଖିର ସ୍ୱାଭାବିକ ବିକାଶ ବାଧାପ୍ରାପ୍ତ ହେଉଛି, ଯାହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଠପଢ଼ା, ଭବିଷ୍ୟତର କାର୍ଯ୍ୟଦକ୍ଷତା ତଥା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ । ମାୟୋପିଆ କେବଳ ଚଷମା ଲାଗିବା ଭଳି ଏକ ସାଧାରଣ ସମସ୍ୟା ନୁହେଁ, ବରଂ ଅଧିକ ପାୱାର ବଢ଼ିଗଲେ ଏହା ଆଖିର ଗମ୍ଭୀର ରୋଗର କାରଣ ମଧ୍ୟ ପାଲଟିପାରେ । ଏହାକୁ ସମ୍ପୂର୍ଣ୍ଣ ଭାବେ ଭଲ କରାଯାଇନପାରିଲେ ମଧ୍ୟ ଚଷମା, ଲୋ-ଡୋଜ୍ ଆଟ୍ରୋପିନ୍ ଆଇ ଡ୍ରପ୍ସ, ଅର୍ଥୋ-କେ ଲେନ୍ସ ଏବଂ ସଫ୍ଟ ମଲ୍ଟିଫୋକାଲ କଣ୍ଟାକ୍ଟ ଲେନ୍ସ ସାହାଯ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାର ପ୍ରଭାବକୁ ନିୟନ୍ତ୍ରଣ କରାଯାଇପାରିବ । ଏଥିରୁ ବର୍ତ୍ତିବା ପାଇଁ ପିଲାମାନେ ବହି ବା ମୋବାଇଲକୁ ଆଖିଠାରୁ ୨୫-୩୦ ସେମି ଦୂରରେ ରଖିବା, ପର୍ଯ୍ୟାପ୍ତ ଆଲୋକରେ ପଢ଼ିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ '୨୦-୨୦-୨୦' ନିୟମ (ପ୍ରତି ୨୦ ମିନିଟ୍‌ରେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ୍ ଦୂରକୁ ଚାହିଁବା) ଅନୁସରଣ କରିବା ଉଚିତ । ପିତାମାତାମାନେ ନିଜେ ସ୍କ୍ରିନ୍ ବ୍ୟବହାର କମାଇ ଉଦାହରଣ ସାଜିବା ସହ ଘରେ 'ନୋ-ସ୍କ୍ରିନ୍ ଜୋନ୍' ତିଆରି କରିବା ଏବଂ ପିଲାଙ୍କ ମଧ୍ୟରେ ବହି ପଢ଼ିବା, ଚିତ୍ର ଆଙ୍କିବା ଓ ବାହାରେ ଖେଳିବା ଭଳି ସୁଭ୍ୟାସ ଗଠନ କରାଇଲେ ହିଁ ଭବିଷ୍ୟତ ପିଢ଼ିର ଆଖିକୁ ଏହି ମାୟୋପିଆର କବଳରୁ ସୁରକ୍ଷିତ ରଖାଯାଇପାରିବ ।

## ଫକୀରମୋହନ ସେନାପତି

ଜଣେ ବିଶିଷ୍ଟ ଓଡ଼ିଆ ଲେଖକ ଭାବେ ଘରେଘରେ ପରିଚିତ ଫକୀର ମୋହନ ସେନାପତି । ସେ ଥିଲେ ପ୍ରଥମ ଓଡ଼ିଆ ଆଧୁନିକ କ୍ଷୁଦ୍ରଗଳ୍ପ 'ରେବତୀ'ର ଲେଖକ, ଯାହା ତାଙ୍କୁ ଦେଇଥିଲା ଏକ ସ୍ୱତନ୍ତ୍ର ପରିଚୟ । ଏହାସହ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ବଞ୍ଚାଇବା ପାଇଁ ତାଙ୍କର ଅବଦାନ ଅତୁଳନୀୟ । ବ୍ୟାସକବି ଫକୀର ମୋହନ ସେନାପତି ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଭାବରେ ପରିଚିତ । ୧୩ ଜାନୁଆରୀ ୧୮୪୩ରେ ମକର ସଂକ୍ରାନ୍ତି ଦିନ ସେ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିଲେ । ସେ ବାଲ୍ୟକାଳରେ ସବୁବେଳେ ଅସୁସ୍ଥ ରହୁଥିବାରୁ, ୯ ବର୍ଷ ବୟସରେ ପଢା ଶିଖିବା ଆରମ୍ଭ କରିଥିଲେ । ତାଙ୍କର



ଅନେକ ଭାଷା ଉପରେ ରହିଥିଲା ପାଣ୍ଡିତ୍ୟ । ମାଇନର ପାଶ୍ କଲା ପରେ ସେ ବାଲେଶ୍ୱରର ବାରବାଟୀ ସ୍କୁଲରେ ବିଦ୍ୟାଧ୍ୟୟନ ଜାରି ରଖିଥିଲେ । ସେଠାରେ ସେ ଇତିହାସ, ଭୂଗୋଳ ଏବଂ ଗଣିତ ଶିକ୍ଷା କରୁଥିଲେ । ଏହାପରେ ବିଭିନ୍ନ ବିଦ୍ୟାଳୟରେ ସେ ଶିକ୍ଷକତା କରିଥିଲେ । ସାହିତ୍ୟର ବିଭିନ୍ନ ବିଭାଗ ଯଥା ସଂସ୍କୃତ ସାହିତ୍ୟରୁ ଅନୁବାଦ କାବ୍ୟ-କବିତା ଇତ୍ୟାଦି ସେ ସାହିତ୍ୟ ସୃଜନ କରିଥିଲେ ହେଁ ମୁଖ୍ୟତଃ ଓଡ଼ିଆ ଉପନ୍ୟାସ ସାହିତ୍ୟର ସେ ସୃଷ୍ଟିକର୍ତ୍ତା ରୂପେ ସୁପରିଚିତ । ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ - 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ, 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଛକ ଦର୍ପଣ । 'ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସରେ ଜମିଦାରମାନଙ୍କ ଜରିଆରେ ଗରିବ ଚାଷୀମାନଙ୍କର ଶୋଷଣର କାହାଣୀ ବର୍ଣ୍ଣିତ ହୋଇଛି । ଓଡ଼ିଆର ପ୍ରଥମ ଆତ୍ମଚରିତର ମଧ୍ୟ ସେ ଥିଲେ ରଚୟିତା । ଫକୀରମୋହନ ସେନାପତି ଓଡ଼ିଆ ଗଳ୍ପ ସାହିତ୍ୟର ଜନକ । ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଥିଲା । 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ର ସ୍ଥାନ ପାଇଛି । ଏହି ମହାନ ଲେଖକଙ୍କର ୧୪ ଜୁନ ୧୯୧୮ ରେ ଦେହାନ୍ତ ହୋଇଥିଲା ।

## ହାଇକୋର୍ଟରେ ସଲମାନ



ବଲିଉଡ୍ ସୁପରଷ୍ଟାର୍ ସଲମାନ ଖାନଙ୍କ ଜୀବନ ଓ ବିବାଦୀୟ କୃଷ୍ଣସାର ମୃଗ ଶିକାର ମାମଲାକୁ ନେଇ ନିର୍ମିତ ହେଉଥିବା ଚଳଚ୍ଚିତ୍ର 'କାଲା ହିରଣ: ଦ ବ୍ୟାଟେଲ ଫର୍ ଲେଗାସୀ'ର ସ୍କ୍ରିନିଂ ଏବଂ ପ୍ରମୋସନ ଉପରେ ରୋକ ଲଗାଇବାକୁ ନେଇ ଆଇନଗତ ବିବାଦ ଏବେ ଘନେଇବାରେ ଲାଗିଛି । ନିକଟରେ ଦିଲ୍ଲୀ ହାଇକୋର୍ଟ ଏହି ସିନେମାର ପ୍ରଯୋଜକ ଅମିତ ଜାନୀ, ନିର୍ଦ୍ଦେଶକ ଭାରତ ଶ୍ରୀନେତ ଏବଂ ଅନ୍ୟ ସଂପୃକ୍ତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି । ଯାହାର ପରବର୍ତ୍ତୀ ଶୁଣାଣି ଜୁନ୍ ୧୯ରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ସଲମାନଙ୍କ ପକ୍ଷରୁ ଦାଖଲ ଆବେଦନରେ ଦର୍ଶାଯାଇଛି ଯେ, ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ର 'ଅୟାନ'ର ଚେହେରା, ଚାଲିଚଳନ ଏବଂ ହାତରେ ପିନ୍ଧିଥିବା ନୀଳ ରଙ୍ଗର ବ୍ରେସଲେଟ୍ ସଲମାନଙ୍କ ପରିଚୟକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି । ଯାହାକି ବର୍ତ୍ତମାନ ଉଚ୍ଚ ଅଦାଲତରେ ବିଚାରାଧୀନ ଥିବା ୧୯୯୮ର କୃଷ୍ଣସାର ମୃଗ ମାମଲା ଏବଂ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ପ୍ରସଙ୍ଗକୁ ଯୋଡ଼ି ଏକ ନକାରାତ୍ମକ ବାର୍ତ୍ତା ଦେବା ସହ ନିଷ୍ପକ୍ଷ ଶୁଣାଣିର ଅଧିକାରକୁ ପ୍ରଭାବିତ କରିପାରେ । ଅପରପକ୍ଷରେ, ପ୍ରଯୋଜକ ଅମିତ ଜାନୀ ନିଜର ସୋସିଆଲ ମିଡିଆରେ ସଲମାନଙ୍କ ଆଇନଗତ ନୋଟିସକୁ ଚିରି ଦେବା ସହ ତାଙ୍କୁ ବିଭିନ୍ନ ମୁସଲିମ୍ ପ୍ରଶଂସକ ଓ 'ଡି-କମ୍ପାନୀ' ନାମରେ ଜୀବନରୁ ମାରିଦେବାର ଧମକ ମିଳୁଥିବା ଅଭିଯୋଗ କରିଛନ୍ତି । ସେହିଭଳି ଏହି ଚଳଚ୍ଚିତ୍ରଟି କୌଣସି ବାୟୋପିକ ନୁହେଁ, ବରଂ ବନ୍ୟଜନ୍ତୁ ସଂରକ୍ଷଣ ପ୍ରତି ବିଷ୍ଣୋଇ ସମାଜର ସଂଘର୍ଷ ଓ ସମର୍ପଣ ଉପରେ ଆଧାରିତ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି । ତେବେ ଏହି ହାଇପ୍ରୋଫାଇଲ ଲଢେଇର ପରିଣାମ କଣ ହେବ ତାହାକୁନେଇ ଫ୍ୟାନମାନେ ଚାହିଁ ରହିଛନ୍ତି ।

## ହାଃ ହାଃ



ଶିକ୍ଷକ: କହିଲୁ ଦେଖି ଚେତନ, 'ରମେଶ ପାଠ ପଢୁଛି' - ଏଥିରେ 'ରମେଶ' କଣ?

ଚେତନ: ସାର୍, ରମେଶ ହେଉଛି ଜଣେ ବୋକା ପିଲା!

ଶିକ୍ଷକ (ରାଗିଯାଇ): କେମିତି କିରେ?

ଚେତନ: ସାର୍, ଆପଣ ତ ପାଠ ପଢଉଛନ୍ତି ସେ ପୁଣି କାଇ ପରିଶ୍ରମ କରି ପଢୁଛି । ସେ ବୋକା ନୁହେଁ ତ ଆଉ କଣ!

## ଆଶ୍ଚର୍ଯ୍ୟ

ଉତ୍ତର ପ୍ରଦେଶର ଶ୍ରାବସ୍ତୀ ଜିଲ୍ଲା ବସଭରିଆ ଗାଁରୁ ଏକ ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ଗିଲୌଲା ଅଞ୍ଚଳର ଜଣେ ଚାଷୀ ସିପାହୀ ଲାଲ୍ କେବଟଙ୍କ ବିଲରେ ଏକ ଗାଈ ଗତ କିଛି ଦିନ ହେବ କ୍ରମାଗତ ଭାବେ ଗୋଲ୍ ଗୋଲ୍ ହୋଇ ଚକ୍କର କାଟୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗାଈଟି ଦିନସାରା ବିନା ବିଶ୍ରାମରେ ଏଭଳି ବୁଲୁଥିଲେ ମଧ୍ୟ ତା'ଠାରେ କୌଣସି କ୍ଳାନ୍ତି ଦେଖାଯାଉ ନାହିଁ । ସେ ଦିନସାରା କାହାରି ଦେଇଥିବା ଦାଣା-ଘାସ ନଖାଇ କେବଳ ସଞ୍ଜ ସମୟରେ ଅଳ୍ପ କିଛି ଖାଇ ପାଣି ପିଉଛି । ଗ୍ରାମବାସୀମାନେ ଏହାକୁ ଏକ ଚମତ୍କାର ବା ଅଲୌକିକ ଘଟଣା ମାନି ଗାଈର ପୂଜା-ଅର୍ଚ୍ଚନା କରିବା ଆରମ୍ଭ କରିଦେଇଛନ୍ତି । ଅପରପକ୍ଷରେ, ଡାକ୍ତରମାନେ ଗାଈର ଯାଞ୍ଚ କରିବା ପରେ ଏହା କୌଣସି ଦୈବୀ ଶକ୍ତି ନୁହେଁ, ବରଂ ଏକ 'ନ୍ୟୁରୋଲଜିକାଲ୍ ଡିସଅର୍ଡର' ଜନିତ ରୋଗର ଲକ୍ଷଣ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି । ଗାଈକୁ ଆବଶ୍ୟକୀୟ ଔଷଧ ଓ ଇଞ୍ଜେକ୍ସନ ଦିଆଯିବା ପରେ ବି ଗାଈର ବ୍ୟବହାରରେ କୌଣସି ପରିବର୍ତ୍ତନ ଆସିନାହିଁ ଏବଂ ସେ ଏବେ ମଧ୍ୟ କ୍ରମାଗତ ଭାବେ ସେମିତି ଗୋଲ୍ ଗୋଲ୍ ବୁଲିବାରେ ଲାଗିଥିବା ଜଣାପଡିଛି ।





**ମେଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଅସହଯୋଗ, ଶାରୀରିକ ସୁସ୍ଥ, ଅର୍ଥ ସମସ୍ୟା, ଅଯଥା କଳହ, ଶତ୍ରୁ ସମସ୍ୟା, ଦ୍ରବ୍ୟ ଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ ସୁଖ, ସମ୍ପତ୍ତି ବିବାଦ, ଦୂର ଯାତ୍ରା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- କୁବେର ଭଗବାନ ।

**ବୃଷ:** ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, ଶୁଭ ଆଲୋଚନା, କର୍ମକ୍ଷେତ୍ରରେ ପରିଶ୍ରମ, ବ୍ୟବସାୟରେ ସଫଳ, ପ୍ରୀତି ବୃଦ୍ଧି, ବନ୍ଧୁ ସାହାଯ୍ୟ, ଶାରୀରିକ କଷ୍ଟ, ଅଯଥା ବିବାଦ, ଶତ୍ରୁ ସମସ୍ୟା, ବନ୍ଧୁଗୃହେ ଯାତ୍ରା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକ ଶାନ୍ତି, ଶାରୀରିକ ସୁସ୍ଥ, ଗୃହେ ସହଯୋଗ, ଦାମ୍ପତ୍ୟ ସୁଖ, ସନ୍ତାନ ସୁଖ, ବ୍ୟବସାୟିକ ଲାଭ, ସମ୍ପତ୍ତି ଲାଭ, ଅଳ୍ପ ବିରୋଧ, ନୂତନ କର୍ମେ ଖୁସି, ସ୍ୱଜନ ବିବାଦ, ଶୁଭ ଆଲୋଚନା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ସୁସମ୍ବାଦ, ନୂତନ କର୍ମ ଆରମ୍ଭ, ମାନସିକ ଖୁସି, ଶତ୍ରୁ ପରାଜିତ, ବିଦେଶ ଭ୍ରମଣ, ଦେବଦର୍ଶନ, ଅର୍ଥ ଲାଭ, ସନ୍ତାନ ଖୁସି, ଶାରୀରିକ ସୁସ୍ଥ, ଗୃହେ ସହଯୋଗ, ପୁରାତନ ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ସମ୍ମାନ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ସିଂହ:** ଋଣଭାର ବୃଦ୍ଧି, କିଛି କାର୍ଯ୍ୟରେ ସମସ୍ୟା, ସନ୍ତାନ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶାରୀରିକ କଷ୍ଟ, ମାନସିକ ଅବସାଦ, ନୂତନ କର୍ମ ପ୍ରତି ଆଗ୍ରହ, ବନ୍ଧୁ ଲାଭ, ସମ୍ପତ୍ତି ସମସ୍ୟା, ବିଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** ଦୂର ଯାତ୍ରା ସଫଳ, କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ଶୁଭ ଖବର, ସମ୍ମାନ ଲାଭ, ସନ୍ତାନ ସମସ୍ୟା, ପାରିବାରିକ ବିରୋଧ, ଦେବଦର୍ଶନ, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମା' କୋଚିଲାଇ ।

**ତୁଳା:** ଶୁଭ ଖବର, ନୂତନ କର୍ମ ଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଅଯଥା କଳହ, ବନ୍ଧୁ ଲାଭ, ସନ୍ତାନ ଖୁସି, ଅତିଥି ଚର୍ଚ୍ଚା, ସୁମିଷ୍ଟ ଭୋଜନ, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ଅର୍ଥ ସମସ୍ୟା ଦୂର, ବିଦ୍ୟାରେ ସଫଳତା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତି ବିବାଦ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, କର୍ମକ୍ଷେତ୍ରରେ ସଫଳତା, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁ ସହଯୋଗ, କ୍ରୟବିକ୍ରୟ, ବ୍ୟବସାୟିକ କଷ୍ଟ, ଶୁଭ କାର୍ଯ୍ୟରେ ଧନ ବ୍ୟୟ, ଲୋକସମ୍ପର୍କ ବୃଦ୍ଧି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ସଫଳତା, କର୍ମକ୍ଷେତ୍ରରେ ପ୍ରଶଂସା, ସମ୍ମାନ ଲାଭ, ଅର୍ଥ ଲାଭ, ମାନସିକ ଶାନ୍ତି, ଭୂସମ୍ପତ୍ତି ଲାଭ, ଲୋକସମ୍ପର୍କ ବୃଦ୍ଧି, ଉତ୍ସବ ସଫଳ, ଦୂର ଯାତ୍ରା, ଶତ୍ରୁ ପରାଜିତ, ମାମଲା ସମାଧାନ, ପଡ଼ୋଶୀ କଳହ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାକୃଷ୍ଣ ।

**ମକର:** ଅପମାନ ଯୋଗ, ଅର୍ଥ ସମସ୍ୟା, ଶାରୀରିକ କଷ୍ଟ, ବନ୍ଧୁ ସାହାଯ୍ୟ, ଅଯଥା ବିବାଦ, ଶୁଭ ଆଲୋଚନା, ସନ୍ତାନ ଖୁସି, ବିଦେଶ ଯାତ୍ରା, ଦେବଦର୍ଶନ, ଯାତ୍ରାରେ ସତର୍କତା, ବ୍ୟବସାୟିକ କଷ୍ଟ, ପୁରାତନ ବନ୍ଧୁ ଦର୍ଶନ, ଦାମ୍ପତ୍ୟ ଖୁସି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୭, ଆରାଧନା- ମା' ଗୌରୀ ।

**କୁମ୍ଭ:** ଖୁସି ଖବର, ଧନଲାଭ, ଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତି ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବନ୍ଧୁ ଦର୍ଶନ, ଶତ୍ରୁ ସମସ୍ୟା, ଦେବ କାର୍ଯ୍ୟରେ ତତ୍ପର, ପାରିବାରିକ ସହଯୋଗ, ଖୁସି ଖବର । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ ।

**ମୀନ:** କାର୍ଯ୍ୟ ସଫଳ, ବନ୍ଧୁ ଲାଭ, ନୂତନ କର୍ମନିଯୁକ୍ତି, ଅର୍ଥ ଲାଭ, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନ ଲାଭ, ଦେବ ଦର୍ଶନ, ପ୍ରତ୍ୟେକ କାର୍ଯ୍ୟ ସଫଳ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଶଙ୍କର ଭଗବାନ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ**
**୧୪.୬.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଫଳତା ପୁସ୍ତିକା ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ) : ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦୁଇ ବର୍ଷର ସଫଳତା ପୁସ୍ତିକା ଏବଂ ଭିଡ଼ିଓର ଉନ୍ମୋଚନ ତଥା ଲୋକାର୍ପଣ ହୋଇଯାଇଛି । ଏହି ଅବସରରେ ପୁସ୍ତିକା ଉନ୍ମୋଚନ କରି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ତହସିଲରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ବିଭାଗର ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ନିରବଛିନ୍ନ ପ୍ରୟାସକୁ ସାଧୁବାଦ ଜଣାଇବା ସହ ବିଗତ ଦୁଇ ବର୍ଷର ସଫଳତା ଏବଂ ଉପଲବ୍ଧିକୁ ପାଥେୟ କରି ଆଗାମୀ ଦିନରେ ରାଜସ୍ୱ ବିଭାଗ ଲୋକସେବାର ଶୀର୍ଷ ସୋପାନରେ ପହଁଞ୍ଚିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଶୀର୍ଷକ ରହିଛି, "ବିକାଶର ଧାରା, ଓଡ଼ିଶା ସାରା" । ଏହି ପରିପ୍ରେକ୍ଷୀରେ ଉନ୍ମୋଚିତ ସଫଳତା ପୁସ୍ତିକାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ସଂସ୍କାରମୂଳକ ପଦକ୍ଷେପ, ଲୋକାଭିମୁଖୀ ଯୋଜନା ଏବଂ ସେସବୁର ସଫଳ କାର୍ଯ୍ୟକାରିତା ତଥା ଆଗାମୀ ଦିନରେ ବିଭାଗର ନୂତନ କାର୍ଯ୍ୟପନ୍ଥା ସଂକଳିତ ହୋଇଛି । କଲମ୍ ୨ ବା ପ୍ରଜା ଖାତା ୨ ଖାନା ସଂଶୋଧନ, ଓଆରଟିପିଏସ୍ ଅଧୀନରେ ୨.୫ କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ସେବା ପ୍ରଦାନ, ଜମିର କିସମ ହ୍ରାସ, ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ପ୍ରତିଷ୍ଠା, ୧୦୮ ନୂତନ ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ, ଜମିଜମା ମାମଲାର ସରଳ ଏବଂ ଶୀଘ୍ର ବନ୍ଦୋବସ୍ତ, ଜନଗଣନା, ତ୍ୱରିତ ବିପର୍ଯ୍ୟୟଜନିତ କ୍ଷତିପୂରଣ ପ୍ରଦାନ, ବାତ୍ୟା ଦାନା ଏବଂ ମନ୍ଥାରେ ଜିରୋ କାଜୁଆଲିଟି ସହ ସଫଳ ପରିଚାଳନା ପରି ଉଲ୍ଲେଖନୀୟ ସଫଳତା ରାଜସ୍ୱ ବିଭାଗକୁ ସାଧାରଣଜନତାଙ୍କ ନିକଟରେ ପହଞ୍ଚାଇଛି । ସେହିପରି ଆଗାମୀ ଦିନରେ "ଆମ ଗାଆଁରେ ଆମ ତହସିଲ୍" କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧୀ ପ୍ରତିଷ୍ଠାନ ସ୍ଥାପନା, ନୂତନ ପୁନର୍ବାସ ଓ ଥଇଥାନ ଆଇନ୍ ଆଦି ଅନେକ ପଦକ୍ଷେପମାନ ଖୁବ୍ ଶୀଘ୍ର ସୂର୍ଯ୍ୟାଲୋକ ଦେଖିବାକୁ ଯାଉଛି କ୍ଷ ଲୋକସେବାକୁ ସହଜଲବ୍ଧ ଏବଂ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ବିଭାଗର ନିରବଛିନ୍ନ ଉଦ୍ୟମ ଅବ୍ୟାହତ ରହିବ ବୋଲି ମାନ୍ୟବର ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସେହିପରି ବ୍ରିଟିଶ୍ ଅମଳରୁ ପ୍ରଚଳିତ ଓଡ଼ିଆ ସ୍ଥାନମାନଙ୍କର ଇଂରାଜୀ ଉଚ୍ଚାରଣ ଅନୁଯାୟୀ ଭୁଲ୍ ବନାନ୍ ମାନଙ୍କର ସଂଶୋଧନ ରାଜସ୍ୱ ବିଭାଗର ଅନ୍ୟତମ ସଫଳତା ବୋଲି ମାନ୍ୟବର ମନ୍ତ୍ରୀ ଅଭିହିତ କରିଛନ୍ତି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ୍ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଗୋ ମାଫିଆ ଘରେ ୪ଟି ଥାନାର ମିଳିତ ଚଢ଼ାଉ

# ଆସାମୀ ଫେରାର, ସୁନା ଗହଣା, ଟଙ୍କା ଜବତ

ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ତାଳପଦା, ଗୋବିନ୍ଦରାୟପୁର ଓ ଡାହିବାଡି ଗ୍ରାମରେ ଗୋ ମାଫିଆ ଙ୍କ ଘରେ ଶନିବାର ସକାଳ ସମୟରେ ମିଳିତ ଭାବେ ଅତର୍କିତ ଚଢାଉ କ୍ଷ ପ୍ରାପ୍ତ ସୂଚନା ମୁତାବକ ପୂର୍ବରୁ ବେଆଇନ ଭାବେ ଇଦ୍‌ରେ କୁରବାନୀ ଦେବାପାଇଁ ଶତାଧିକ ଗୋରୁ ଗାଇଙ୍କୁ ରଖାଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ୪ଟି ଥାନାର ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏକ ଟିମ ଗଠନ କରି ମିଳିତ ଭାବେ ଚଢାଉ କରିଥିଲେ । ଏ ନେଇ କଳମା ପଞ୍ଚାୟତର ତାଳପଦା ଗ୍ରାମର ମଲ୍ଲିକ ଉସମାନ ର ପୁଅ ଡାକ୍ତର ଓରଫ୍ ମଲ୍ଲିକ ଉସ୍ତାର କୁ ଗିରଫ କରିଥିଲେ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ଗୋବିନ୍ଦରାୟପୁର ଗ୍ରାମର ସେକ ମହମ୍ମଦ ର ପୁଅ ଫକୀର ଓରଫ ଅସିକୁର ରେହେମାନ ଫେରାର ହୋଇଯାଇଥିଲା । ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି



ରଖିଥିଲା ପୁଲିସ । ଫେରାର ଥିବା ଅଭିଯୁକ୍ତ ଘରେ ଥିବା ନେଇ ସୂଚନା ପାଇବା ସହ ଗୋ ମାଫିଆ ମାନେ ବେଆଇନ କାର୍ଯ୍ୟକଳାପ ମାଧ୍ୟମରେ ଅର୍ଜନ କରିଥିବା ସମ୍ପତ୍ତିର ଆକଳନ ଓ ଜବତ କରିବା ପାଇଁ ଶନିବାର ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ଓ ୪ ଗୋଟି ଥାନାର ଅଧିକାରୀ ବେତନଟୀ ଥାନାଧିକାରୀ କ୍ରିଷ୍ଣା ପିଙ୍ଗୁଆ, ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ, ମୋରଡା ଥାନାଧିକାରୀ ସୁମିତ ସୋରେନ ଏବଂ ବଡ଼ସାହି ଥାନାଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଉପସ୍ଥିତ ରହି ଚଢାଉ କରିଥିଲେ, ମାତ୍ର ପୂର୍ବ ଫେରାର ଆସାମୀ କୁ ପାଇନଥିଲେ । ୨୧୯/୨୬ର ମାମଲା ମୂଳେ ଉଭୟଙ୍କ ଘରୁ ଚଢାଉ କରି ବ୍ୟାଙ୍କ ପାସବୁକ, ସୁନା ଗହଣା ସହିତ କିଛି ବେଆଇନ କାଗଜ ପତ୍ର ସିଜ୍ କରିଥିବାର ଜଣାଯାଇଛି ।

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା : ଜେଲ୍ ଗଲା ଓଏଏସ୍ ପ୍ରେମିକ ଭୀମସେନ୍

କଟକ,(ସବ୍ୟୁ): କଟକ କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣା ଭିନ୍ନ ମୋଡ଼ ନେବାରେ ଲାଗିଛି । କମିଶନରେଟ୍ ପୁଲିସ ତାଙ୍କ ଓଏଏସ୍ ପ୍ରେମିକ ଭୀମସେନ୍ ଟୁଡୁଙ୍କୁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ସଙ୍କୁଚା ଗ୍ରାମରୁ ଗତକାଲି ଗିରଫ କରିଥିଲା । ଆଜି ଅଭିଯୁକ୍ତ ଭୀମସେନ୍‌ଙ୍କୁ ବାରଙ୍ଗ ଥାନାରେ ଜେରା କରିବା ପରେ କୋର୍ଟକୁ ନିଆଯାଇଥିଲା । ତାଙ୍କର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି । ଖୁବଶୀଘ୍ର ଭୀମସେନ୍‌ଙ୍କୁ ରିମାଣ୍ଡରେ ଅଣାଯିବାକୁ ଥିବା ବେଳେ ତାଙ୍କର ନୂତନ ବାନ୍ଧବୀ ସ୍ୱାତୀଦୀପା ରାଉତଙ୍କୁ ମୁହାଁମୁହିଁ ବସାଇ ଜେରା କରାଯିବ । ତେବେ ଚନ୍ଦ୍ରିକାଙ୍କ ମୃତ୍ୟୁ ଖବର ପାଇ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଫେରାର ଭୀମସେନ୍ ହୋଇଯାଇଥିଲେ । କମିଶନରେଟ୍ ପୁଲିସର ୨ଟି ଟିମ୍ ଭୁବନେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଓ ବାଦାମପାହାଡ଼ ଥାନା ଅଞ୍ଚଳ ସମେତ ଝାଡ଼ଖଣ୍ଡର ଚାଇବାସା ଜିଲ୍ଲାର ମଫ୍‌ସିଲ ଥାନା ଅଞ୍ଚଳରେ ଚଢ଼ାଉ କରିଥିଲା । ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା କିମ୍ବା ସହଯୋଗ କରୁଥିବା ସନ୍ଦେହରେ ଅନେକ ବ୍ୟକ୍ତି ଓ ସ୍ଥାନକୁ ଯାଞ୍ଚ କରାଯାଇଥିଲା । ଭୁବନେଶ୍ୱର, ଖୋର୍ଦ୍ଧା, ଟାଙ୍ଗୀ, ମୟୂରଭଞ୍ଜ ଏବଂ ଝାଡ଼ଖଣ୍ଡରେ ପୁଲିସ ସହ ଲୁଚକାଳି ଖେଳି ଶେଷରେ ମୟୂରଭଞ୍ଜରେ ନିଜ ଗାଁରେ ଆତ୍ମଗୋପନ କରିଥିଲା । ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇ କମିଶନରେଟ୍ ପୁଲିସର ଟିମ୍ ସେଠାରେ ପହଞ୍ଚି ଭୀମସେନଙ୍କୁ କଟକ ଗିରଫ କରି ଆଣିଥିଲା ବୋଲି ଡିସିପି

**ହତ୍ୟା ନା ଆତ୍ମହତ୍ୟା ଦୋଛକିରେ ପୁଲିସ: ଚାଲିଛି ଡିଜିଟାଲ୍ ପ୍ରମାଣ'ର ଯାଞ୍ଚ**

ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଏହି ମାମଲାରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଭୀମସେନ ଏବଂ ତାଙ୍କ ନୂତନ ବାନ୍ଧବୀ ସ୍ୱାତୀଦୀପାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରି କଠାଯୋଡ଼ି ନଦୀରେ ଫିଙ୍ଗିଦେଇଥିବା ପୁଲିସକୁ କହିଛନ୍ତି । ପୁଲିସ ଏହି ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଭାରତୀୟ ନ୍ୟାୟ ସଂହିତା ଧାରା ୧୦୮ ଏବଂ ୩(୫) ଅନୁଯାୟୀ ମାମଲା ରୁଜୁ କରି ବିସ୍ତୃତ ତଦନ୍ତ କରୁଛି । ତଦନ୍ତର ଅଂଶ ଭାବେ ସମସ୍ତ ଫୋରେନ୍ସିକ୍ ରିପୋର୍ଟ, ଡିଜିଟାଲ୍ ପ୍ରମାଣ ଏବଂ ସାକ୍ଷ୍ୟ ସଂଗ୍ରହ କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଚନ୍ଦ୍ରିକାଙ୍କ ପୋଷ୍ଟମର୍ଟମ୍ ରିପୋଟରେ ଉଲ୍ଲେଖ ରହିଛି ଯେ, ତାଙ୍କର ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି, ଓଏଏସ୍ ପ୍ରେମିକ ଭୀମସେନ୍ ଓ ଚନ୍ଦ୍ରିକାଙ୍କ ମଧ୍ୟରେ ହୋଇଥିବା ସମସ୍ତ କଲ୍ ରେକର୍ଡ, ହ୍ୱାଟର୍ସଆପ୍ ଡିଟେଲସ୍ ଓ ଅନ୍ୟ ପ୍ରମାଣକୁ ଯାଞ୍ଚ କରାଯାଉଛି । ଏପର୍ଯ୍ୟନ୍ତ ମିଳିଥିବା ପ୍ରମାଣ ଅନୁଯାୟୀ, ଚନ୍ଦ୍ରିକାଙ୍କ ଆତ୍ମହତ୍ୟାର କାରଣ' ହେଉଛି ତାଙ୍କ ପ୍ରେମିକ ଭୀମସେନ୍ । ତେଣୁ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଥିବା ଭୀମସେନ୍‌ଙ୍କୁ ଗିରଫ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ତ୍ରିକୋଣୀୟ ପ୍ରେମ'ରୁ ଚନ୍ଦ୍ରିକା ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସ୍ପଷ୍ଟ କରିଛି । ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଭୀମସେନ୍ ଓ ଚନ୍ଦ୍ରିକା ପୂର୍ବରୁ ବନ୍ଧୁ ସମ୍ପର୍କରେ ରହିଥିଲେ । ଉଭୟେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ +୨ ବିଜ୍ଞାନରେ ସହପାଠୀ ଥିଲେ । ଦୀର୍ଘ ଦିନ ଧରି ଥିବା ବନ୍ଧୁତା ଶେଷରେ ପ୍ରେମରେ ପରିଣତ ହୋଇଥିଲା । ସେମାନଙ୍କ ମଧ୍ୟରେ ସମ୍ପର୍କ ଥିବାବେଳେ ଗତ କିଛି ମାସ ଧରି ସମ୍ପର୍କରେ ମତଭେଦ ଓ ବିବାଦ ବଢ଼ିଥିବା ତଦନ୍ତରୁ ସାମ୍ନାକୁ ଆସିଥିଲା । ଭୀମସେନ୍ ବାରମ୍ବାର ଚନ୍ଦ୍ରିକାଙ୍କ ବର୍ଣ୍ଣକୁ ନେଇ ଅସନ୍ତୁଷ୍ଟ ଥିଲେ । ଏହା ଜାଣିବା ପରେ ଚନ୍ଦ୍ରିକା ନିଜ ଦେହର ରଂଗକୁ ଗୋରା କରିବାକୁ କସମେଟିକ୍ ସର୍ଜରୀ କରିଥିଲେ । ଶୀଘ୍ର ବାହା ହେବା ପାଇଁ ଚନ୍ଦ୍ରିକା ଜିଦ୍ ଧରିଥିବା ବେଳେ ଭୀମସେନ୍ ଏହି ପ୍ରସଙ୍ଗକୁ ଏଡାଇ ଦେଉଥିଲେ । କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହେଉଥିଲା । ଏହାରି ଭିତରେ ନୂତନ ବାନ୍ଧବୀ ସ୍ୱାତୀଦୀପା ଭୀମସେନ୍‌ଙ୍କ ନିକଟତର ହୋଇଥିଲେ । ଏହା ଚନ୍ଦ୍ରିକା ପ୍ରମାଣ ସହିତ ଜାଣିବାକୁ ପାଇଥିଲେ । ଗତ ୭ ତାରିଖରେ ଭୀମସେନ୍ ଓ ଚନ୍ଦ୍ରିକାଙ୍କ ମଧ୍ୟରେ ଜୋରଦାର ଝଗଡ଼ା ହୋଇଥିଲା । ଶେଷରେ ୮ ତାରିଖରେ ଚନ୍ଦ୍ରିକା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ପୁଲିସ କହୁଛି । କିନ୍ତୁ ପରିବାର ପକ୍ଷରୁ ଏକ ଏହାଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଏତଲାରେ ଦର୍ଶାଯାଇଛି । ତେବେ ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ବାସ୍ତବଚିତ୍ର ସାମ୍ନାକୁ ଆସିବ ।

## ବିଦ୍ୟାଳୟରୁ ଚାଉଳ ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଚୋରି

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଘଣ୍ଟେଶ୍ୱର ମାଣିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାଲା ଭାଙ୍ଗି ୫କୁଇଣ୍ଟାଲରୁ ଉର୍ଦ୍ଧ୍ୱର୍ ଚାଉଳ ଏବଂ ବିଭିନ୍ନ ଦସ୍ତାବିଜ ଚୋରି ହୋଇଛି । ଏ ସମ୍ପର୍କରେ ବିଦ୍ୟାଳୟର କର୍ତ୍ତୃପକ୍ଷ ଘଣ୍ଟେଶ୍ୱର ଫାଣ୍ଡିରେ ଲିଖିତ ଏତଲା ଦେଇଛନ୍ତି । ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ଚୋରମାନଙ୍କୁ ଚିହ୍ନଟ କରିବା ସହ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ପାଇଁ ତଦନ୍ତ ଜୋର କରାଯାଇଛି । ବିଦ୍ୟାଳୟ ପରିସରରେ ଘଟିଥିବା ଏହି ଚୋରି ଘଟଣା ସ୍ଥାନୀୟ ଅଂଚଳର ଚିନ୍ତାର ବିଷୟ ପାଲଟିଛି ।

## ଉଦ୍ଧାର ନେଇଥିବା ୨୫୦ ଟଙ୍କାକୁ ନେଇ ଗଣ୍ଡଗୋଳ

# ଖଣ୍ଡା ଚୋଟରେ ଦୁଇଭାଇ ଆହତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଉଦ୍ଧାର ନେଇଥିବା ୨୫୦ ଟଙ୍କାକୁ ନେଇ ଗଣ୍ଡଗୋଳ ହେବାରୁ ଖଣ୍ଡାଚୋଟରେ ଦୁଇଭାଇ ଆହତ ହୋଇଥିବାବେଳେ ଅଭିଯୁକ୍ତକୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଅଭିଯୁକ୍ତ ସାରଙ୍ଗ ବେହେରା ଓ ଗଗନ ବରାଡ଼ଙ୍କ ମଧ୍ୟରେ ୨୫୦ ଟଙ୍କା ଫେରାଇବାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଅଭିଯୁକ୍ତ ଟଙ୍କା ଫେରସ୍ତ ମାଗିବାରୁ ଗଗନ ବରାଡ଼ ଟଙ୍କା ଶୀଘ୍ର ଫେରାଇବାରେ ଅସମର୍ଥ ପ୍ରକାଶ କରିବା ସହ ପରେ ଦେବ ବୋଲି କହିଥିଲା । ଏହି ଘଟଣାରେ ଉତ୍ୟକ୍ତ ହୋଇ ଅଭିଯୁକ୍ତ ଗଗନ ବରାଡ଼କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଖଣ୍ଡା ସାହାଯ୍ୟରେ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା । ଯଦ୍ୱାରା ଗଗନ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗଗନକୁ ବଞ୍ଚାଇବାକୁ ଯାଇଥିବା ତାଙ୍କ ଭାଇ ଶିବରାମ ବଡ଼ତିଆଙ୍କୁ ମଧ୍ୟ ଅଭିଯୁକ୍ତ ସେହି ଖଣ୍ଡାରେ ଆକ୍ରମଣ କରିଥିଲା । ଯାହାଫଳରେ ତାଙ୍କ ଡାହାଣ ହାତ ବୁଢ଼ା ଆଙ୍ଗୁଳିରେ ଗଭୀର ଆଘାତ ଲାଗିଛି । ଦୁଇ ଭାଇଙ୍କୁ ନିକଟ ଭବିଷ୍ୟତରେ ହତ୍ୟା କରିବା ଧମକ ଦେଇ ସେଠାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ଶିବରାମ ବଡ଼ତିଆଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଆହତ ଦୁଇଭାଇଙ୍କୁ ଚିକିତ୍ସା ପାଇଁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା । ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ କେଳାସାହି ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତ ସାରଙ୍ଗ ବେହେରା (୫୬)କୁ ଗିରଫ କରିବାରେ ପୋଲିସ ସମର୍ଥ ହେଲା । ସେ ବ୍ୟବହାର କରିଥିବା ଖଣ୍ଡାକୁ ପୋଲିସ ଜବତ କରିବା ପରେ ଶନିବାର ତାକୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

# ୩୩ ଆଇପିଏସ୍‌ଙ୍କୁ ଡିଜି ପାହ୍ୟା : ଓଡ଼ିଶା କ୍ୟାଡରରୁ ଦୁଇ

ଭୁବନେଶ୍ୱର (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି ଦେଶର ୩୩ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଡିଜି ଓ ଡିଜି ସମକକ୍ଷ ପଦବୀ ପାଇଁ ତାଲିକା ଭୁକ୍ତ କରିଛି । ଏଥିରେ ଓଡିଶା କ୍ୟାଡରର ଦୁଇ ବରିଷ୍ଠ ଅଧିକାରୀ ୧୯୯୦ ବ୍ୟାଚର ଆଇପିଏସ୍ ଡ. ସୁଧାଂଶୁ ଷଡଙ୍ଗୀ ଓ ୧୯୯୫ ବ୍ୟାଚର ପଦ୍ମାଙ୍କର ଏସ୍ ରଣପିସେ ତାଲିକା ଭୁକ୍ତ ହୋଇଛନ୍ତି । ଏମାନେ କେନ୍ଦ୍ର ସରକାରଙ୍କ ଅଧିନରେ ଡିଜି ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦୀରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ସିଆରପିଏଫ, ବିଏସ୍ଏଫ୍, ସିଆଇଏସଏଫ୍, ଆଇଟିଡିପି ସମେତ ବିଭିନ୍ନ ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାରେ ଉଚ୍ଚ ପଦବୀରେ କାର୍ଯ୍ୟକରିବାକୁ ସୁଯୋଗ ମିଳିଥାଏ ।

## ଜମି କାରବାରକୁ ନେଇ ଅପହରଣ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି କାରବାରକୁ ନେଇ ଅପହରଣ କରାଯାଇଥିବା ଅପହୃତଠାରୁ ପୋଲିସ ଅଭିଯୋଗ ପାଇବା ପରେ ଜଣେ ଅପହର୍ତ୍ତାକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଦିପକ କୁମାର ଦଳାଇଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି । ଅଭିଯୋଗକାରୀ ଭୁବନେଶ୍ୱରରେ ଫ୍ଲଟ୍ ଏବଂ ରିଅଲ ଇଷ୍ଟେଟ୍ ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି । ଅଭିଯୁକ୍ତ ପର୍ଶୁରାମ ଗଜେନ୍ଦ୍ର ଓରଫ ପ୍ରଶାନ୍ତ ଓରଫ ପାଶେଇ ଏବଂ ତା'ର ସହଯୋଗୀଙ୍କ ସହ ସମାନ ବ୍ୟବସାୟ କରନ୍ତି । ଜମି ବିକ୍ରୟକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ପୂର୍ବରୁ ଥିବା ବିବାଦ କାରଣରୁ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ପ୍ରତି ଶତ୍ରୁତା ଭାବ ରଖିଥିଲେ ।

ଚଳିତବର୍ଷ ମେ ୨୯ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଅଭିଯୋଗକାରୀ ହିଲ୍ ଭ୍ୟୁ କାଫେରେ ଜଣେ ଗ୍ରାହକଙ୍କୁ ଜମି ସମ୍ବନ୍ଧୀୟ କାଗଜପତ୍ର ଦେଖାଉଥିବାବେଳେ ଅଭିଯୁକ୍ତମାନେ ଏକତ୍ରିତ ଭାବେ ସେଠାରେ ପହଞ୍ଚି ତାଙ୍କ ମୋବାଇଲ ଫୋନ ଓ ଜମି ସମ୍ବନ୍ଧୀୟ ଦସ୍ତାବିଜ୍ ଛଡ଼ାଇ ନେଇ ତାଙ୍କୁ ମାଡ଼ ମାରିଥିଲେ । ଏହାପରେ ତାଙ୍କୁ ଦାରିଠେଙ୍ଗା ଗାଁକୁ ନେଇ ୫ ଘଣ୍ଟା ଅଟକ ରଖିଥିଲେ । ଅଟକ ରଖିବା ସମୟରେ ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଅଭିଯୋଗକାରୀଙ୍କୁ ଏକ ସାଦା କାଗଜରେ ସ୍ୱଇଚ୍ଛାରେ ଜମି କାଗଜପତ୍ର କରୁଥିବାନେଇ ଲେଖିବାକୁ ବାଧ କରିଥିଲେ ।

## ରାଜ୍ୟରେ ରେକର୍ଡ ସମୟରେ

# ୯୮.୬୫ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ, ତ୍ୱରାନ୍ୱିତ ହେଉଛି ଡିଜିଟାଇଜେସନ୍

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ତ୍ୱରିତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୬୫ ପ୍ରତିଶତ ରେ ପହଞ୍ଚିଛି । ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାବେଳେ ବର୍ତ୍ତମାନ ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ଉପରେ ଗୁରୁତ୍ୱ ଦିଆଯାଉଛି । ବୁଥ୍ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ସଂଗ୍ରହ କରିବା ପରେ ସେଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଡିଜିଟାଇଜ୍ କରୁଛନ୍ତି । ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ନିଜ ଇଖଙ୍କ ନିକଟରେ ଏହା ଜମା କରିବାକୁ ଅନୁରୋଧ କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି (୧୩ ଜୁନ) ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୨୯ ଲକ୍ଷ ୬୪ ହଜାର ୫୦୧ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ କରାଯାଇସାରିଛି, ଯାହା ମୋଟ ଭୋଟରଙ୍କର ୯୮.୬୫ ପ୍ରତିଶତ ।

ସେହିପରି, ଏପର୍ଯ୍ୟନ୍ତ ୯୫ ଲକ୍ଷ ୪୧ ହଜାର ୯୨୪ଟି ପରିଗଣନା ଫର୍ମ ସଫଳତାର ସହ ଡିଜିଟାଇଜ୍ କରାଯାଇଛି, ଯାହା ମୋଟ ଭୋଟରଙ୍କର ୨୮.୫୭ ପ୍ରତିଶତ । ଆସନ୍ତା ଦିନଗୁଡ଼ିକରେ ଏହି ଡିଜିଟାଇଜେସନ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଉଛି । ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ଇଖଙମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରାଯାଇଛି ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ସମ୍ପର୍କରେ ନିୟମାନୁସାରେ ଯାଞ୍ଚ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ । ସେଥିପାଇଁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜର ପରିଗଣନା ଫର୍ମ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ୱେବସାଇଟ୍ ରୁ ପରିଗଣନା ଫର୍ମ ଡାଉନଲୋଡ୍ କରି ନିଜେ ଅନଲାଇନ୍‌ରେ ମଧ୍ୟ ଦାଖଲ କରିପାରିବେ । ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସୂଚନା କିମ୍ବା ସହାୟତା ପାଇଁ ମାଗଣା ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରାଯାଇପାରିବ । ଏହି ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଦୂରପ୍ରସାରୀ ଓ ସଫଳ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ରାଜ୍ୟର ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ, ପ୍ରିଣ୍ଟ ମିଡ଼ିଆ (ଖବରକାଗଜ), ରେଡ଼ିଓ ଏବଂ ସିନେମା ହଲ୍ ଗୁଡ଼ିକରେ ଏସଆଇଆର ସମ୍ପର୍କିତ ସଚେତନତା ବିଜ୍ଞାପନ ଓ ସୂଚନା ପ୍ରସାରଣ କରାଯାଉଛି । ଗଣତନ୍ତ୍ରର ଏହି ମହତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଭୋଟରଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ସହ ଭୋଟର ତାଲିକାକୁ ସଠିକ୍, ଅଦ୍ୟତନ ଓ ତ୍ରୁଟିମୁକ୍ତ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ।




# ଭୌମ ନଗର ହାଟ ବ୍ୟବସାୟୀ ସଂଘର ନବ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ ଉତ୍ସବ




ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ୟୁନିଟ୍ -୪ ସ୍ଥିତ ଭୌମ ନଗର ହାଟ ବ୍ୟବସାୟୀ ସଂଘର ନବ ନିର୍ବାଚିତ କାର୍ଯ୍ୟକର୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ହାଟର ଗଣେଶ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ହାଟର ନିର୍ବାଚନ କମିଶନର ପ୍ରଦୀପ୍ତ କୁମାର ପଣ୍ଡା ପରିଚାଳନା କରିବା ସହ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ହାଟର ସଭାପତି ଭାବେ ଆଲୋକ କୁମାର ରାଉତ, ଉପ ସଭାପତି ଶ୍ରୀ ଉପେନ୍ଦ୍ରନାଥ ସେନାପତି, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ, ସହ ସମ୍ପାଦକ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରଶାନ୍ତ କୁମାର ସାହୁ, ଦୟାନିଧି ବେହେରା, ଦିଲ୍ଲୀପ ସାବତ, ଅଭୟ ବେହୁରିଆ, ରବୀନ୍ଦ୍ର ପାତ୍ର, ସତ୍ୟ ସୁନ୍ଦର ଚିତ୍ରା ପ୍ରମୁଖ କାର୍ଯ୍ୟକର୍ତ୍ତା ସଭ୍ୟବୃନ୍ଦ ଶପଥ ଗ୍ରହଣ କରିଥିଲେ । ଏତତ୍ ବ୍ୟତୀତ ଏହି ଉତ୍ସବରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ହାଟର ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ । ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ହାଟର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ଏହା ସହ ଅମରେଶ ଜେନା, ବସନ୍ତ ବିଶ୍ୱାଳ, ଶ୍ରୀକାନ୍ତ ପାତ୍ର, ଅଜୟ ମଲ୍ଲିକ , ନରେନ୍ ସାହୁ ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀରୂପେ ଚୟନ କରାଗଲା । ଏହି ଅବସରରେ ୟୁନିଟ୍ ୧ ରାଜଧାନୀ ହାଟ ବ୍ୟବସାୟୀ ସଂଘର ସଭାପତି କବିରାଜ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ ।

## ଭୋପାଳ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ

ଭୁବନେଶ୍ୱର (ସବ୍ୟୁ): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ



ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି ।

'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି । ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ସହିତ ଏହି ଅଭିଯାନରେ ଆ ଇ ଆ ଇ ଏ ମ ଭଳି ପ୍ରତିଷ୍ଠିତ ଅ ନୁ ଷ୍ଠା ନ ଗୁ ଡ଼ି କୁ ମଧ୍ୟ ଯୋଡ଼ାଯିବ, ଯା ହା ଦ୍ୱା ରା ମ ହି ଳା ମା ନ ଙ୍କୁ ଉଦ୍ୟମିତା ଓ ମ୍ୟା ନେ ଜ ମେ ଣ୍ଟ କ୍ଷେତ୍ରରେ ନୂଆ ସୁଯୋଗ ମିଳିପାରିବ ବୋଲି ସେ କହିଛନ୍ତି ।

ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶେଷରେ ସେ କହିଛନ୍ତି ଯେ, 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ସହିତ ଭାରତ ଆଜି ଆତ୍ମବିଶ୍ୱାସର ସହ ବିକଶିତ ଭାରତ ୨୦୪୭ ର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଏଥିରେ ଆମ ମାତୃଶକ୍ତିର ଭାଗିଦାରୀ ହିଁ ଦେଶର ପ୍ରଗତିର ମୂଳ ଆଧାର । ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ । ଏହି ବୈଠକରେ ରାଜ୍ୟରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୁବକମାନଙ୍କ ସଶକ୍ତୀକରଣ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା । ଯୁବ ପ୍ରତିଭାମାନଙ୍କୁ ନୂଆ ସୁଯୋଗ ପ୍ରଦାନ କରି ସେମାନଙ୍କୁ ରାଷ୍ଟ୍ର ନିର୍ମାଣର ସହଭାଗୀ କରିବା ଦିଗରେ କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାର ନିରନ୍ତର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

# ଚାମେଲିଙ୍କୁ ଭେଟିଲେ ପିସିସି ସଭାପତି

## ମିଛ ମାମଲା ପ୍ରତ୍ୟାହାର ପାଇଁ କଲେ ଦାବି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ସମର୍ଥରେ ବାହାରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଚାମେଲିଙ୍କୁ କଣ୍ଠରୋଧ କରିବା ପାଇଁ ତାଙ୍କୁ ଗିରଫ କରି ଜେଲ ନିଆଯାଇଥିଲା । ସାରା ରାଜ୍ୟରେ ଏହାକୁ ନେଇ ହଇଚଇ ସୃଷ୍ଟି ହେଉଥିବା ବେଳେ ଜେଲ ଅଧୀକ୍ଷକ ତାଙ୍କୁ ସମ୍ଭାଳି ପାରିବେନି ବୋଲି ମନା



କରିଦେଲେ । ଫଳରେ ତାଙ୍କୁ ପୁଣି ଡାକ୍ତରଖାନାକୁ ଫେରାଇ ଆଣିବା ପାଇଁ ପୁଲିସ ବାଧ୍ୟ ହୋଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରାପଡା ଡାକ୍ତରଖାନାରେ ପହଞ୍ଚିଥିଲେ । ତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲେ । ଏହାପରେ ଶ୍ରୀ ଦାସ ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରିଥିଲେ । ବିନା ଅପରାଧରେ ଜଣେ ଜନ ପ୍ରତିନିଧିଙ୍କ ବିରୋଧରେ ମାମଲା ରୁଜୁ କରି ସମ୍ବିଧାନ ବିରୋଧୀ କାର୍ଯ୍ୟ । ତେଣୁ ତାଙ୍କ ବିରୋଧରେ ହୋଇଥିବା ମିଛ ମାମଲାର ଉପଯୁକ୍ତ ତଦନ୍ତ କରାଯାଉ । ଚାମେଲିଙ୍କୁ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ଯେଉଁ ଗୁଣ୍ଡାମାନେ ମାଡ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ତାଙ୍କ ବିରୋଧରେ ଯେଉଁ ମିଛ ମାମଲା ରହିଛି ତାହାକୁ ବନ୍ଦ କରାଯାଉ । ଏହାସହ ପୁଲିସ ଛଡାଇ ନେଇଥିବା ତାଙ୍କ ମୋବାଇଲ ଫୋନ ତୁରନ୍ତ ତାଙ୍କୁ ଫେରାନ୍ତୁ ବୋଲି ଶ୍ରୀ ଦାସ ଏସପିଙ୍କୁ କହିଥିଲେ । ଏସପିଙ୍କୁ ଭେଟିବା ପରେ ଶ୍ରୀ ଦାସ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଭେଟିଥିଲେ । ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ କହିବା ସହ ବିଡିଓ କାହିଁକି ତିଖିରୀ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ବିଲ ଅଟକାଇଥିଲେ ସେ ନେଇ ଆଲୋଚନା କରିଥିଲେ । ବିଡିଓ ତାଙ୍କର ଯେଉଁ ବିଲ ଅଟକାଇଛନ୍ତି ତୁରନ୍ତ ରିଲିଜ କରାଯାଉ । ଏହା ସହ କେଉଁ କାରଣ ପାଇଁ ବିଲ ଅଟକାଇଥିଲେ ତାହାର କାରଣ ମଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲାପାଳଙ୍କୁ କହିଥିଲେ । ଏହି ଘଟଣା ଯୋଗୁଁ ଚାମେଲିଙ୍କ ଯେଉଁ ମାନହାନୀ ହେଲା ସେ ନେଇ ତାଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ପ୍ରଦାନ କରନ୍ତୁ । ତାଙ୍କୁ ଆକ୍ରମଣ କରିଥିବା ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଥିଲେ । ଶ୍ରୀ ଦାସଙ୍କ ସହ କେନ୍ଦ୍ରାପଡ ଜିଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା ଉପସ୍ଥିତ ଥିଲେ ।

ଏହି ଘଟଣାକୁ ନେଇ ଶନିବାର ବିଜେପି ନେତା ସୌଭାଗ୍ୟ ପରିଙ୍କ ନେତୃତ୍ୱରେ ମହାକାଳପଡାଥାନା ଘେରାଉ କରାଯାଇଛି । ବିନା ଅପରାଧରେ ଚାମେଲିଙ୍କୁ ଗିରଫ କରାଯାଇଥିବାରୁ ଶ୍ରୀ ପରି ଏହାକୁ ବିରୋଧ କରିଥିଲେ । ସେ କହିଥିଲେ ଚାମେଲି ଜନତାଙ୍କ ସ୍ୱାର୍ଥ ପାଇଁ ବିଡିଓଙ୍କ ସହ ଯୁକ୍ତି କରିଥିଲେ । ବିଡିଓ ହେଉଛନ୍ତି ସରକାରୀ କର୍ମଚାରୀ । ଜଣେ ଜନ ପ୍ରତିନିଧି ଭାବେ ସରପଞ୍ଚ ତାଙ୍କୁ କୈଫିୟତ ମାଗିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ହେଲେ ପୁଲିସ ଓ ମହାକାଳପଡା ବିଧାୟକଙ୍କ ଗୁଣ୍ଡାମାନେ ତାଙ୍କୁ ମାଡ ମାରି ଗୁରୁତର କରିଛନ୍ତି । ପୁଲିସ ତାଙ୍କ ବିରୋଧରେ ମିଛ ମାମଲା ରୁଜୁ କରିଛି । ତେଣୁ ତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ପାଇଁ ଥାନା ଘେରାଉ କରାଯାଇଛି ବୋଲି ଶ୍ରୀ ପରି କହିଥିଲେ । ଏହି ଘଟଣାକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇଛି । ଦଳର ଜିଲା ସଂପାଦକ ବିକାଶ ବେଉରାଙ୍କ ନେତୃତ୍ୱରେ ରାଜ୍ୟ କମିଟି ସଭ୍ୟ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ ପ୍ରମୁଖ ଜିଲାପାଳଙ୍କୁ ଭେଟି ପ୍ରଶାସନ ଉପରେ ଦଳୀୟ ନେତାଙ୍କ ହସ୍ତକ୍ଷେପକୁ ବିରୋଧ କରିଛନ୍ତି ।

# ଅସହାୟ ପିଲାଙ୍କ ସହ ରଜ ଉତ୍ସବ ପାଳିଲା ସ୍ୱପ୍ନ ଫାଉଣ୍ଡେସନ



କଟକ, (ସ୍ୱପ୍ର) : ଓଡ଼ିଶାର ମୁଖ୍ୟ ଗଣପର୍ବ ରଜ ପର୍ବ । ଏହି ରଜ ପର୍ବରେ ଅସହାୟ ପିଲାମାନଙ୍କୁ ଖୁସି ଦେବାକୁ କଟକର ଅଗ୍ରଣୀ ସ୍ୱେଚ୍ଛା ସେବୀ ସଙ୍ଗଠନ ସ୍ୱପ୍ନ ଫାଉଣ୍ଡେସନ ଆରମ୍ଭ କରିଛି ଅଭିନବ ପ୍ରୟାସ । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ବି ଅସହାୟ ପିଲାମାନଙ୍କ ସହ ରଜ ପର୍ବରେ ସାମିଲ ହୋଇଛି ଏହି ଫାଉଣ୍ଡେସନ । ଏହି ସଙ୍ଗଠନ ବସ୍ତି ଓ ଅନାଥ ଆଶ୍ରମରେ ପହଞ୍ଚି ସେଠାରେ ଥିବା ଅସହାୟ ଝିଅ ମାନଙ୍କୁ ରଜ ପର୍ବରେ ସାମିଲ କରି ଆନନ୍ଦ ବାଣ୍ଟିଛି । ଫାଉଣ୍ଡେସନର କର୍ମକର୍ତ୍ତାମାନେ ଚାରିଶହରୁ ଉର୍ଦ୍ଧ୍ୱର୍ ଝିଅ ମାନଙ୍କୁ ସଜବାଜ କରିବା ସହ ନୂଆ ଡ୍ରେସ୍, ଚପଲ ପିନ୍ଧାଇ ରଜପର୍ବର ମଜା ଦେଇଛନ୍ତି । ଖାଲି ସେତିକି ନୁହେଁ ଦୋଳି ଲଗାଇ ଦୋଳି ଖେଳର ମଜାବି ଦେଇଛନ୍ତି । ଏହି ଅବସରରେ ଖୁସୀ ବାଣ୍ଟିଲେ ଖୁସି ବଢେ ବୋଲି କହିଛନ୍ତି ସ୍ୱପ୍ନ ଫାଉଣ୍ଡେସନ ସଭାପତି ସୁଧାଂଶୁ ପାତ୍ର । ସେ କହିଛନ୍ତି ରଜରେ ସର୍ବତ୍ର ଆନନ୍ଦ ଓ ଖୁସିର ମାହୋଲ ଥିବାବେଳେ ବସ୍ତି ଆଉ ଅନାଥ ଆଶ୍ରମ ପିଲାମାନଙ୍କ ଭାଗ୍ୟରେ ସତେ ଯେମିତି ଏହି ଖୁସି ନଥାଏ । ଏହି ପିଲାମାନଙ୍କୁ ରଜ ପର୍ବରେ ସାମିଲ କରି ଖୁସି ବାଣ୍ଟିବାକୁ ଆମ ସ୍ୱପ୍ନ ଫାଉଣ୍ଡେସନ ଗୋଟିଏ ଛୋଟିଆ ପ୍ରୟାସ ଆରମ୍ଭ କରିଛି । ଭଗବାନ ଆଉ ନିଜ ଉପରେ ବିଶ୍ୱାସ ଥିଲେ ଏପରି କାର୍ଯ୍ୟ ମନକୁ ଆସେ । ଏହି ରଜପର୍ବ ପାଳନ କାର୍ଯ୍ୟକ୍ରମରେ ସ୍ୱପ୍ନ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ଡିଜେଲ ସଙ୍କଟ - ଆରମ୍ଭ ହୋଇ ପାରୁନି ଚାଷକାର୍ଯ୍ୟ

ଭୁବନେଶ୍ୱର (ତଥ୍ୟ) ରାଜ୍ୟରେ ମୌସୁମୀ ପ୍ରବେଶ କରିଥିବାବେଳେ ଚାଷକାର୍ଯ୍ୟ କିନ୍ତୁ ଆରମ୍ଭ ହୋଇପାରୁ ନାହିଁ। ଗାଁ ଗହଳରେ ଡିଜେଲ ସଙ୍କଟ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ଡିଜେଲ କଳାବଜାରୀକୁ ରୋକିବାପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବାପରେ ହଠାତ୍ ଗାଁ ଗହଳରେ ଥିବା ତେଲଟାଙ୍କିଗୁଡିକରେ ଡିଜେଲ ଅଭାବ ଦେଖାଦେଇଛି। କେତେକ ଟାଙ୍କିରେ ତ ଆଦୌ ଡିଜେଲ ନାହିଁ। ତେଲସଙ୍କଟ ପରେ ଅଳ୍ପ ଅଳ୍ପ ଡିଜେଲ ମିଳୁଥିବାବେଳେ ଏବେ ପୁଣିଥରେ ଡିଜେଲ ଅଭାବ ପରିଲକ୍ଷିତ ହୋଇଛି। ଡିଜେଲ ମିଳୁନଥିବାରୁ ଚାଷକାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ଓ ପାୱାରଟିଲରଗୁଡିକ ଗଡିପାରୁ ନାହାନ୍ତି। ଗାଁ ଗହଳରେ ଆଉ ପ୍ରାୟତଃ ବଳଦ ଚାଳିତ ହଳଲଙ୍ଗଳ ନଥିବାରୁ ଚାଷୀମାନେ ଟ୍ରାକ୍ଟର ଉପରେ ନିର୍ଭରଶୀଳ ହୋଇଛନ୍ତି। ମୌସୁମୀ ପ୍ରବେଶ ସହିତ ଚାଷୀମାନେ ବିଲରେ ଟ୍ରାକ୍ଟର ଯୋଗେ ହଳକରିଥାନ୍ତି ଓ ସବୁଜସାର କୁହାଯାଉଥିବା ଧନିଚା ବୁଣିଥାନ୍ତି। ସେହିଭଳି ଆଉ କେତେକ ଚାଷୀ ପାୱାରଟିଲର ଯୋଗେ ଏହା କରିଥାନ୍ତି।

ହେଲେ ଗାଁ ଗହଳରେ ଏବେ ଡିଜେଲ ସଙ୍କଟ। ରାଜଧାନୀରୁ ମାତ୍ର ୭୦ କିଲୋମିଟର ଦୂରରେ ଥିବା ଜଗତ୍‌ସିଂହପୁର ଜିଲ୍ଲାରୁ ଏଭଳି ଖବର ଆସିବାରେ ଲାଗିଛି। ତେଲ ଟାଙ୍କିରେ ଡିଜେଲ ମିଳୁନଥିବାରୁ ଟ୍ରାକ୍ଟରଗୁଡିକ ଛିଡାହୋଇ ରହିଗଲେଣି। ଯେଉଁମାନେ ଅଳ୍ପକିଛି ଡିଜେଲ ସଂଗ୍ରହ କରୁଛନ୍ତି ସେମାନେ ନିର୍ମାଣକାର୍ଯ୍ୟରେ ତାହାକୁ ଲଗାଇ ଦେଉଛନ୍ତି। ଏହା ପୂର୍ବରୁ ସମୁଦ୍ରକୂଳିଆ ଅଞ୍ଚଳରେ ଡିଜେଲ ଅଭାବରୁ ମାଛଧରା ପ୍ରଭାବିତ ହୋଇଥିଲା। ଡିଜେଲ ଚାଳିତ ଟ୍ରଲର ଓ ଡଙ୍ଗାଗୁଡିକ ସମୁଦ୍ରକୁ ଯାଇପାରିନଥିଲେ। ଏହାଦ୍ୱାରା ଧୀବରମାନଙ୍କ ରୋଜଗାର ପ୍ରଭାବିତ ହେବା ସହିତ ବଜାରରେ ସମୁଦ୍ରମାଛ ଯୋଗାଣ ବି ହ୍ରାସ ପାଇଥିଲା। ଏହାକୁ ନେଇ ଅସନ୍ତୋଷ ଥମିନଥିବାବେଳେ ଏବେ ଚାଷକାର୍ଯ୍ୟ ପାଇଁ ଡିଜେଲ ଅଭାବ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି।

ଉପକୂଳ ଜିଲ୍ଲାଗୁଡିକରେ ସାଧାରଣତଃ ରଜପର୍ବ ପରେ ପରେ ଚାଷୀ ବିଲକୁ ହଳ ନେଇ ଯାଇଥାଏ। କେଉଁଠାରେ ଧାନ ବୁଣା ହୋଇଥାଏ ତ ଆଉ କେଉଁଠାରେ ତଳି ପକାଇବାପାଇଁ ପ୍ରସ୍ତୁତିପର୍ବ ଚାଲିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଧନିଚା ଠାରୁ ଧାନ ବିହନ ପର୍ଯ୍ୟନ୍ତ ସବୁକିଛି ଯୋଗାଣ କରୁଛନ୍ତି। ହେଲେ ଚାଷକାର୍ଯ୍ୟର ଆଦ୍ୟପର୍ବ ହଳ କରିବା କିନ୍ତୁ ଚଳିତବର୍ଷ କଷ୍ଟକର ହୋଇ ପଡିଲାଣି। ଚାଷୀମାନଙ୍କ କହିବାକଥା ଯେ ଗାଁ ଗହଳରେ ଯଦି ତୁରନ୍ତ ଚାଷପାଇଁ ଡିଜେଲ ଉପଲବ୍ଧ ନହେବ ତେବେ ଚଳିତବର୍ଷ ଧାନଚାଷରେ କେବଳ ବିଳମ୍ବ ହେବନାହିଁ ଅନେକ ସ୍ଥାନରେ ଧାନ ଚାଷ ବି ଅଧାରେ ରହିଯିବ। କାରଣ ଶୁଖିଲାଜମିରେ ହଳ ଠାରୁ ଆରମ୍ଭକରି ବିଲ କାଦୁଅ କରିବା, ମହୀଦେବା ଆଦି ସବୁ କାର୍ଯ୍ୟ ଟ୍ରାକ୍ଟର ଯୋଗେ ହିଁ ହେଉଛି। ସେହିଭଳି ଧାନ କାଟିବା ଠାରୁ ଅମଳ ପର୍ଯ୍ୟନ୍ତ ସବୁକିଛି ପାଇଁ ଚାଷୀମାନେ ଯାନ୍ତ୍ରିକ କୃଷି ଉପରେ ନିର୍ଭର କରୁଥିବାବେଳେ ଏଥିବାପାଇଁ ଡିଜେଲ ନିହାତି ଦରକାର। ଏଭଳି ସ୍ଥିତିରେ ଗାଁ ଗହଳର ତେଲ ଟାଙ୍କିରେ ଡିଜେଲ ସଙ୍କଟ ଏବେ ଚାଷୀମାନଙ୍କ ଚିନ୍ତାରେ ପକାଇ ଦେଇଛି।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ

# ମୁକ୍ତ-ଉତ୍ସ ପାଠାଗାର ପରିଚାଳନା ପ୍ରଣାଳୀ ଉପରେ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି ) ଭୁବନେଶ୍ୱରର କେନ୍ଦ୍ରୀୟ ପାଠାଗାର ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ (ଏଲଆଇଏସ) ବୃତ୍ତିଗତଙ୍କ ପାଇଁ ମୁକ୍ତ-ଉତ୍ସ ଲାଇବ୍ରେରୀ ପରିଚାଳନା ପ୍ରଣାଳୀ (ଓଏସଏଲଏମଏସ) ପ୍ରୟାସ ଅଧୀନରେ "କୋହା ବ୍ୟବହାର କରି ଲାଇବ୍ରେରୀ ସ୍ୱୟଂଚାଳିତତା ଏବଂ ୱାର୍ଡପ୍ରେସ ବ୍ୟବହାର କରି ଲାଇବ୍ରେରୀ ୱେବସାଇଟ୍ ବିକାଶ" ଉପରେ ଏକ ପାଞ୍ଚ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଅଂଶଗ୍ରହଣକାରୀମାନଙ୍କୁ ଲାଇବ୍ରେରୀ ସ୍ୱୟଂଚାଳିତତା ଏବଂ ୱେବସାଇଟ୍ ବିକାଶ ପାଇଁ ମୁକ୍ତ-ଉତ୍ସ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାରେ ବ୍ୟବହାରିକ ଜ୍ଞାନ ଏବଂ ଅଭିଜ୍ଞତା ସହିତ ପ୍ରଶିକ୍ଷିତ କରିବା। ଉଦଘାଟନୀ ଅଧିବେଶନରେ ଡକ୍ଟର ଅକ୍ଷୟ କୁମାର ରଥ ଯୋଗ ଦେଇଥିଲେ, ଯିଏ ପାରମ୍ପରିକ ପୁସ୍ତକ ସଂଗ୍ରହାଳୟରୁ ଡିଜିଟାଲ୍ ସକ୍ଷମ ଜ୍ଞାନ କେନ୍ଦ୍ରରେ ପାଠାଗାରର ରୂପାନ୍ତର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ, କେନ୍ଦ୍ରୀୟ ପାଠାଗାରର ପ୍ରଭାରୀ ଅଧ୍ୟକ୍ଷ ଡକ୍ଟର ନରେଶ ଚନ୍ଦ୍ର ସାହୁ ଦେଶର ବିଭିନ୍ନ ସ୍ଥାନରୁ ଏଲଆଇଏସ ବୃତ୍ତିଗତଙ୍କ ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।

ଓଏସଏଲଏମଏସ-୨୦୨୬ ର ଡେପୁଟି ଲାଇବ୍ରେରିଆନ୍ ଏବଂ ସଂଯୋଜକ ଡକ୍ଟର ବିଭୂତି ଭୂଷଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୋହା, ୱାର୍ଡପ୍ରେସ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଲାଇବ୍ରେରୀ ଉପକରଣ ଉପରେ ସଘନ ବ୍ୟବହାରିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ଲାଇବ୍ରେରୀ ସ୍ୱୟଂଚାଳିତତା, ସମ୍ବଳ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନରେ ବ୍ୟବହାରିକ ଦକ୍ଷତା ହାସଲ କରିବାରେ ସକ୍ଷମ କରିଥିଲା। ଶେଷ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଡିନ୍ (ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମ), ଆଇଆଇଟି ଭୁବନେଶ୍ୱର ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଭାବଶାଳୀ ଜ୍ଞାନ ପ୍ରସାରଣ ଶୈକ୍ଷିକ ପ୍ରଗତି ପାଇଁ କେନ୍ଦ୍ରବିନ୍ଦୁ। ସେ ଜ୍ଞାନର ପ୍ରବେଶ ବୃଦ୍ଧି କରିବାରେ ଡିଜିଟାଲ୍ ଲାଇବ୍ରେରୀ ବ୍ୟବସ୍ଥାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟକ୍ରମ ସମୟରେ ପ୍ରାପ୍ତ ଦକ୍ଷତା ମାଧ୍ୟମରେ ଲାଇବ୍ରେରୀ ସେବାରେ ନବସୃଜନ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ, ଭୁବନେଶ୍ୱରର ସିଏସଆଇଆର-ଇନଷ୍ଟିଚ୍ୟୁଟ ଅଫ୍ ମିନେରାଲସ ଆଣ୍ଡ ମ୍ୟାଟେରିଆଲସ ଟେକ୍ନୋଲୋଜିର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଏବଂ ଜ୍ଞାନ ସମ୍ବଳ କେନ୍ଦ୍ରର ମୁଖ୍ୟ ଡକ୍ଟର ସତ୍ୟ ରଞ୍ଜନ ସାହୁ, କୋହାର ବିବର୍ତ୍ତନ ଏବଂ ଦକ୍ଷତା ବୃଦ୍ଧି ଏବଂ ଡିଜିଟାଇଜେସନ୍ ଏବଂ ଜ୍ଞାନ ପରିଚାଳନା ଭଳି ଉନ୍ନତ




ସେବାକୁ ସମର୍ଥନ କରିବାରେ ପାଠାଗାର ସ୍ୱୟଂଚାଳିତତାର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଡିଜିଟାଲ୍ ଯୁଗରେ ପାଠାଗାର ବୃତ୍ତିଗତଙ୍କ ମଧ୍ୟରେ ନିରନ୍ତର ଶିକ୍ଷା ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସହକାରୀ ପାଠାଗାରିକ ଡକ୍ଟର ସମ୍ଭୁନାଥ ସାହୁ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଡକ୍ଟର ସମ୍ଭୁନାଥ ସାହୁ, ସହକାରୀ ପାଠାଗାରିକ ଏବଂ ପ୍ରବୀଣ କୁମାର ଆର, ୱେବ୍ ଡେଭଲପର, ସମ୍ବଳ ବ୍ୟକ୍ତି ଭାବରେ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଶିକାରୀ ବନ୍ଧୁକ ଜବତ ଜଣେ ଗିରଫ

ଚୌଦ୍ୱାର,(ସ.ବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ଗୋଡ଼ଧୁଆ ଗ୍ରାମର ହେଟା ଓରଫ୍ ରାମସିଙ୍ଗ୍ ସିଙ୍କୁ (୪୦)କୁ ବନ୍ୟଜନ୍ତୁଙ୍କୁ ଶିକାର କରିବା ଅଭିଯୋଗରେ ଗିରଫ୍ କରିବା ସହ କୋର୍ଟଚାଲାଣ କରାଯାଇଥିବା ନେଇ ପୁଲିସ୍ ପ୍ରେସ୍ ବିବୃ ମାଧ୍ୟମରେ ସୂଚନା ପ୍ରଦାନ କରିଛି । ପ୍ରକାଶଥାଉକି, ଚୌଦ୍ୱାର ଥାନାର ଏଏସ୍‌ଆଇ ସେକ୍ ଫକିରୁଦ୍ଦିନ୍ ପୁଲିସ୍ କର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବା ସମୟରେ ଗୋଡ଼ଧୁଆ ଗ୍ରାମର ହେଟା ଓରଫ୍ ରାମସିଙ୍ଗ୍ ସିଙ୍କୁ ବେଆଇନ୍ ଭାବେ ଶ୍ରୀକ୍ଷେତ୍ର ନିକଟସ୍ଥ ବଡ଼ବନ୍ଧ ଠାରେ ବନ୍ୟଜନ୍ତୁଙ୍କୁ ଶିକାର କରିବା ପାଇଁ ବୁଲୁଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିବା ସହ ହେଟାକୁ ଗିରଫ୍ କରି ତା'ଠାରୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଜବତ କରିଥିଲେ । ଏ ନେଇ ଚୌଦ୍ୱାର ଥାନାରେ କେସ୍ ନମ୍ବର ୩୮୪ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ

ପୁରୀ, (ସବ୍ୟୁ): ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ 'ବାବା ଆଖଣ୍ଡଳମଣି ନବପ୍ରତିଭା ସଂଗୀତ ଶିକ୍ଷା କେନ୍ଦ୍ର', ପୁରୀ ର ରୌପ୍ୟ ଜୟନ୍ତୀ ଏବଂ 'ଉତ୍କଳଶ୍ରୀ ସମ୍ମାନ' - ୨୦୨୬ ପ୍ରଦାନ ସମାରୋହ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚ ଠାରେ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ର ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ଓଡ଼ିଶୀ ଗବେଷକ ଆର୍ତ୍ତତ୍ରାଣ ଶତପଥି ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ ସଂଗୀତ ଗୁରୁ ପ୍ରଫେସର ଡକ୍ଟର ରାମହରି ଦାସ ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟ ଗୁରୁ ମନୋରଞ୍ଜନ ପ୍ରଧାନ, ଓଡ଼ିଶୀ ନୃତ୍ୟାଙ୍ଗନା ମୀରା ଦାସ, ସମାଜସେବୀ ବନ୍ଦନା ହରିଚନ୍ଦନ, ଓଡ଼ିଶୀ ସଂଗୀତ ଗୁରୁ ଡକ୍ଟର ନିମାକାନ୍ତ ରାଉତରାୟ, ସମାଜସେବୀ ତଥାଗତ ସ୍ୱାଇଁ ,ଅଭିନେତ୍ରୀ ନିର୍ଲିପ୍ତା (ଗୁନଗୁନ) ଓ ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ବରିଷ୍ଠ କଣ୍ଠଶିଳ୍ପୀ କେଶବ ଚନ୍ଦ୍ର ସାହୁ, ବରିଷ୍ଠ ସଂଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଙ୍କୁ 'ଉତ୍କଳଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ନୃତ୍ୟ ଶିଳ୍ପୀ ପୁଷ୍ପଲତା ଦାସ ଏବଂ ମର୍ଦ୍ଦଳବାଦକ ମାଧବ ଶ୍ରୀନନ୍ଦନ ସାହୁ ଙ୍କୁ ' ଉତ୍କଳଶ୍ରୀ ଯୁବପ୍ରତିଭା' ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।



ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ନୃତ୍ୟଗୁରୁ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପଦେଷ୍ଟା ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଚାଳନ କରିଥିଲେ । ନୃତ୍ୟଗୁରୁ ଅଶୋକ କୁମାର ଦାସ ଏବଂ ବବିତା ଦାସ ଙ୍କ ନିର୍ଦ୍ଦେଶନା ରେ 'ନବ ପ୍ରତିଭା' ର କଳାକାର ମାନେ ଓଡ଼ିଶୀ ନୃତ୍ୟରେ ନୃତ୍ୟାଭିନୟ 'ଦଶ ରୂପା', 'ବାରମାସୀ' ଓ 'ସାବେରୀ ପଲ୍ଲବୀ' ପରିବେଷଣ କରିଥିଲେ । ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନା ରେ ଶ୍ରୀରାଧା କଳା କୁଞ୍ଜ, ଭୁବନେଶ୍ୱର ର କଳାକାର ମାନେ ଓଡ଼ିଶୀ ନୃତ୍ୟ ରେ 'ପଞ୍ଚ ପରମେଶ୍ୱର ' ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱର 'ନୂପୁର' ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଆ ଅସ୍ମିତାକୁ ନେଇ 'ଓଡ଼ିଶା ଆମ ଜନମ ଭୂମି, ଓଡ଼ିଆ ଆମ ମାଆର କଥା' ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସମ୍ପାଦକ ସୁଧାଂଶୁ ଭୂଷଣ ରଥ, ଉପଦେଷ୍ଟା ସଂଜୀବ କୁମାର ମହାପାତ୍ରଙ୍କ ସମେତ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ପରିଚାଳନା ରେ ସହଯୋଗ କରିଥିଲେ ।

## ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ବାଟବଣା

# ପିଲାଙ୍କୁ ସମ୍ପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଦାନ ପାଇଁ 'ମାରିସା'ର ଦାବି

ବାରିପଦା, (ସବ୍ୟୁ) : ଜାତୀୟ ଶିକ୍ଷାନୀତି ଲାଗୁ ପରେ ପାଠ୍ୟ ଖସଡାରେ ପରିବର୍ତ୍ତନ କରାଯାଇଛି । ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟକ୍ରମ ସାମିଲ ହୋଇଛି । ଶିକ୍ଷାବର୍ଷ ଆରମ୍ଭର ଦୁଇମାସ ବିତିଥିବାବେଳେ ପିଲାମାନଙ୍କୁ ବହି ମିଳିପାରି ନାହିଁ । ମାତ୍ର ଖଣ୍ଡେ ଦୁଇଖଣ୍ଡ ବହି ମିଳିଛି । ଫଳରେ ଖରା ଛୁଟିରେ ପିଲାମାନେ ପାଠ ପଢି ପାରିଲେ ନାହିଁ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଏପ୍ରିଲ ୨୭ରୁ ସରକାର ସ୍କୁଲ୍ ଛୁଟି ଘୋଷଣା କରିଥିଲେ । ଦେଢ଼ ମାସ ପରେ ସ୍କୁଲ ଖୋଲିବାକୁ ଥିବାରୁ ଏହି ସମୟ ମଧ୍ୟରେ ପାଠପଢ଼ା ଯେପରି ବ୍ୟାହତ ନହୁଏ ସେଥି ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମରେ ଅନଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି ।

ଚଳିତବର୍ଷ ଏସଆଇଆର ସର୍ଭେ ଯୋଗୁଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାରେ ବାଟବଣା ହୋଇଛି । ଶିକ୍ଷକ/ଶିକ୍ଷୟିତ୍ରୀ ଏସଆଇଆର ସର୍ଭେରେ ନିଯୁକ୍ତ ହୋଇଥିବାରୁ ନିୟମିତ ଭାବେ ଶିକ୍ଷାଦାନ ହୋଇପାରୁନି ସ୍କୁଲ ଶିକ୍ଷକଙ୍କଠାରୁ ଆରମ୍ଭ କରି ପ୍ରଧାନଶିକ୍ଷକ, ସିଆରସିସି ସର୍ଭେ କାମରେ ନିୟୋଜିତ ଥିବାରୁ ଶତ ପ୍ରତିଶତ ଭାବେ ପାଠପଢ଼ା ହୋଇପାରୁନି । ଆଜି କୁଳିଅଣା ବ୍ଲକର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି, ପିଲାମାନେ ପାଠପଢ଼ା ବଦଳରେ ବିଭିନ୍ନ କାମରେ ନିୟୋଜିତ ହୋଇଛନ୍ତି ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି ।

ଅନଲାଇନରେ ପାଠପଢ଼ା ହେଉନଥିବାରୁ କେଉଁମାନେ ପନିପରିବା ବାଡିରେ କାମ କରୁଛନ୍ତି ତ କେଉଁମାନେ ପ୍ରଚଣ୍ଡ ଖରାରେ ଗାଁ ଦାଣ୍ଡରେ ସାଙ୍ଗସାଥି ସହ ଆଲି, ନଟୁ ଖେଳୁଛନ୍ତି । ରବି ଧାନ କଟା ଚାଲିଥିବାରୁ କିଛି ଛାତ୍ରଛାତ୍ରୀ ପରିବାର ଲୋକଙ୍କୁ ଏ କ୍ଷେତ୍ରରେ ସହଯୋଗ ମଧ୍ୟ କରୁଛନ୍ତି । ତେଣୁ ଯଥାଶୀଘ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ବହି ବଣ୍ଟନ କରାଯାଉ ବୋଲି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀୟୁଥ ଏଣ୍ଡ ଷ୍ଟୁଡେଣ୍ଟ୍ ଆସୋସିଏସନ୍ (ମାରିସା) ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବି କରିବା ସହି ଶିକ୍ଷକମାନେ ଘରକୁ ଘର ବୁଲି ଅନଲାଇନ ପାଠପଢ଼ା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରନ୍ତୁ ବୋଲି ମତ ପ୍ରକାଶ କରିଛନ୍ତି ।

# ଛାତ୍ରୀଙ୍କୁ ଧକ୍କା ଦେଇ ମଦ୍ୟପ ବାଇକ୍ ଚାଳକ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକର ଏକଡାଳ ଗ୍ରାମ ମୁଖ୍ୟ ସଡକରେ ଜନୈକା କଲେଜ ଛାତ୍ରୀଙ୍କୁ ଧକ୍କା ଦେଇ ମଦ୍ୟପ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ବାଇକ୍ ଚାଳକ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ଟୁକୁନା ନାଇକ (୩୮) । ପ୍ରକାଶ ଯେ, ଶନିବାର ସକାଳେ କଲେଜ ଛାତ୍ରୀ ଜଣକ ଘରକୁ ପାଣି ନେଉଥିବା ବେଳେ ଦ୍ରୁତଗତିରେ ଆସି ଟୁକୁନାର ବାଇକ(ନଂ-ଓଆର-୦୭ଏସ୍ - ୦୨୪୨) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ପାଣି ଆଣୁଥିବା ଛାତ୍ରୀ ଜଣକ ରାସ୍ତା କଡସ୍ଥ ଏକ ବାଲିଗଦାରେ ଫୋପାଡି ହୋଇ ପଡିଥିଲେ ଏବଂ ବାଇକ ଚାଳକ ପିଚୁରାସ୍ତା ଉପରେ କଚାଡି ହୋଇ ପଡିଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଆମ୍ବୁଲାନ୍ସ ପହଞ୍ଚିଥିଲା । ସେଠାରୁ ଉଭୟ ଆହତଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ଡାହାଣ ହାତ ଏବଂ ଅଣ୍ଟାରେ ଆଘାତ ଲାଗିଥିଲା ବେଳେ ବାଇକ ଚାଳକଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା । ମେଡିକାଲରେ ଦୁହିଁଙ୍କ ପ୍ରାଥମିକ ଉପଚାର ପରେ ଗୁରୁତର ଅବସ୍ଥାରେ ଥିବା ଟୁକୁନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## କନେଷ୍ଟେବଲ ପୋଡି ହୋଇ ମୃତ୍ୟୁ ଘଟଣା

# ୧୨ ଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ

## ହେବ ନିରପେକ୍ଷ ତଦନ୍ତ, ପରିବାରକୁ ମିଳିବ ନ୍ୟାୟ : ଏସ୍‌ପି



ବ୍ରହ୍ମପୁର, (ସବ୍ୟୁ): ପୋଲିସ କନେଷ୍ଟେବଲ ଆଶୁତୋଷ ମୁର୍ଦଙ୍ଗୀଆ (୩୧)ଙ୍କୁ ଗତ ୫ ତାରିଖରେ ବିଜିପୁର ପୋଲିସ କ୍ୱାର୍ଟରରେ ତାଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକ ଓ ଶଳା ମିଶି ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିଲେ । କନେଷ୍ଟେବଲ ଆଶୁତୋଷ ତାଙ୍କ ମୃତ୍ୟୁ କାଳୀନ ଜମାନବନ୍ଦୀରେ ଏନେଇ ଏମକେସିଜିରେ ମାଜିଷ୍ଟ୍ରେଟ, ଡାକ୍ତର ଓ ପୋଲିସ ଆଗରେ ବୟାନ ଦେଇଥିଲେ ।

ଦୀର୍ଘ ୮ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ଶୁକ୍ରବାର ସକାଳେ ଜୀବନ ଯୁଦ୍ଧରେ ହାରି ଯାଇଥିଲେ । ଏହା ସତ୍ତ୍ୱେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନକରି କାହିଁକି ଅନୁକମ୍ପା ଦେଖାଉଛି ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ଶୁକ୍ରବାର ରାତ୍ର ଠାରୁ ମୃତଦେହ କନେଷ୍ଟେବଲଙ୍କ ବାସଭବନ ମୁଖ୍ୟ ରାସ୍ତାରେ ରଖି ପରିବାର ଓ ସାହିଲୋକ ନ୍ୟାୟ ମାଗିଥିଲେ । ଶନିବାର ସକାଳେ ବ୍ରହ୍ମପୁର ଏସପି ଡା. ସର୍ବଣୀ ବିବେକ ଏମ. ଓ ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାର ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବରା ଓ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏପରିକି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ଉଚିତ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାର ୧୨ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା । ଶ୍ମଶାନରେ ମୃତ କନେଷ୍ଟେବଲଙ୍କ ଶବ ସତ୍କାର କରାଯାଇଥିଲା । ପଲିଗ୍ରାଫ ଟେଷ୍ଟ ରିପୋର୍ଟ ମିଳିବା ପରେ ଘଟଣା ଉପରୁ ପରଦା ହଟିବ ବୋଲି ପୋଲିସ ପ୍ରଶାସନ ଆଶା ରଖିଛି । ଏନେଇ ମୃତ କନେଷ୍ଟେବଲଙ୍କ ମା' ଦୀପା ମୃଦଙ୍ଗିଆ କହିଛନ୍ତି ପାଣ୍ଡବ ନଗରରେ ମୋ ସ୍ୱାମୀଙ୍କ ସହ ମୁଁ ରହୁଛି । ଆମର ତିନୋଟି ସନ୍ତାନ ଜନ୍ମ ଥିଲେ । ବଡ଼ ପୁଅ ଆଶୁତୋଷ, ଝିଅ ପିଙ୍କି ଓରଫ ରଞ୍ଜିତା ଜେନା ଓ ସାନ ଝିଅ ନିବେଦିତା ଦେବୀ । ସମସ୍ତେ ବାହା ହୋଇ ଯାଇଛନ୍ତି । ଝିଅ ମାନେ ନିଜ ନିଜ ଶଶୁର ଘରେ ରହୁଥିବା ବେଳେ ପୁଅ ଓ ବହୁ ସନ୍ଧ୍ୟା ନାୟକ ଚାକରି କରି ବାହାରେ ରହୁଥିଲେ । ବୋହୂ ସନ୍ଧ୍ୟା ବିଜିପୁର ପୋଲିସ କ୍ୱାର୍ଟରରେ ରହୁଥିଲେ । ନିକଟରେ ସ୍ତ୍ରୀ' ଯୌତୁକ ଦାବି ସହ ମାରପିଟ କରୁଥିବା ଅଭିଯୋଗରେ ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗତ ୩ ତାରିଖରେ ସେ ଜାମିନରେ ଆସିଥିଲା । ମାନସିକ ଦୁଶ୍ଚିନ୍ତାରେ ରହୁଥିଲା । ଗତ ୫ତାରିଖ ସ ତାର ସ୍ତ୍ରୀ'କୁ ବୁଝାସୁଝା କରିବି କହି ଘରୁ ଯାଇଥିଲା । ହେଲେ ଶେଷରେ ଶବ ହୋଇ ଘରକୁ ଫେରିଲା ବୋଲି ନିରବ କଣ୍ଠରେ କହିଛନ୍ତି ମା । ବୋହୂର ଅଭିଯୋଗରେ ପୋଲିସ ମୋ ପୁଅକୁ ଗିରଫ କରି ଜେଲ ପଠାଇଥିଲା । ହେଲେ ମୋ ପୁଅର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ତଦନ୍ତ କରୁଛି ବୋଲି କହିଛି । ଆମେ ଗରିବ ଲୋକ, ବାବୁ ମାନେ ଯାହା କୁହୁଛନ୍ତି ତାହାକୁ ମାନି ଆମେ ରହିଛୁ ବୋଲି ସେ କହିଛନ୍ତି । ସେହିପରି ଜୟଦେବ ମୃଦଙ୍ଗିଆ କହିଛନ୍ତି ଯେ, ଏବେ ମୋ ଜୀବନରେ ସବୁଠୁ ବଡ଼ ଦୁଃଖ ଆସିଛି । ମୁଁ ବଞ୍ଚି ଥାଉ ଥାଉ ମୋ କାନ୍ଧରେ ପୁଅ ଚାଲିଗଲା । ଘରର ରୋଜଗାରିଆ ପୁଅ ଚାଲିଗଲା । ଏବେ ପ୍ରଶାସନ ଆମକୁ କି ନ୍ୟାୟ ଦେଉଛି ତାହା ଦେଖିବାକୁ ବାକି ରହିଛି ବୋଲି ସେ କହିଛନ୍ତି ।

# ଆମ୍ ଆଦମୀ ପାର୍ଟିର ନୂତନ ସଭାପତି ମନୋନୀତ



ବାରିପଦା, (ସବ୍ୟୁ) : ବାରିପଦା ନିର୍ବାଚନ ମଣ୍ଡଳୀର ଆମ୍ ଆଦମୀ ପାର୍ଟିର ବିଧାନସଭା ସଭାପତି ଭାବେ ସତ୍ୟବାନ୍ ପ୍ରଧାନ, ଆଦିବାସୀ ସେଲ୍‌ର ଜିଲ୍ଲା ସଭାପତି ଭାବେ ରାକେଶ ଟୁଡୁ ଓ ଏସି ସେଲ୍ ଜିଲ୍ଲାର ସଭାପତି ଭାବେ ଅନନ୍ତ କୁମାର ବେହେରାଙ୍କୁ ନିଯୁକ୍ତି ମିଳିଛି । ଏନେଇ ଆମ୍ ଆଦମୀ ପାର୍ଟି ମୟୂରଭଞ୍ଜ ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ନୂତନ ସଭାପତିଙ୍କ ନିଯୁକ୍ତି ନେଇ ଆମ୍ ଆଦମୀ କର୍ମୀଙ୍କ ମହଲରେ ଖୁସୀର ଲହରୀ ଖେଳିଯାଇଛି।

# ଘରେ ପଶି ଆକ୍ରମଣ, ଲୁଟ: ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଗୋସାଣୀନୂଆଗାଁ ଥାନା ଓଭରବ୍ରିଜ୍ ନିକଟ ୪ନଂ ପ୍ଲାଟଫର୍ମ ଅଞ୍ଚଳରେ ରହୁଥିବା ଆଦି ପାଓ୍ୱାରଙ୍କ ଘରେ ପଶି ଆକ୍ରମଣ କରି ଟଙ୍କା ଲୁଟ ଘଟଣାରେ ପୋଲିସ ଜଣକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ବଜୁଆ ଓରଫ ବଜୁରିଆ ରାମ (୪୫) । ମାମଲା ନଂ ୨୨୨/୨୬ ରେ ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ରାକ୍ଷ ଯେ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ନିବାସୀ ଆଦି ପାଓ୍ୱାର (୨୨) ବର୍ତ୍ତମାନ ବ୍ରହ୍ମପୁରର ଗୋସାଣୀନୂଆଗାଁ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟ ପ୍ଲାଟଫର୍ମ ନଂ-୪ ଅଞ୍ଚଳରେ ପରିବାର ସହ ରହି ଶ୍ରମିକ ଭାବେ କାମ କରୁଥିଲେ । ଶୁକ୍ରବାର ସନ୍ଧ୍ୟାରେ ଘରେ ସେ ରୋଷେଇ କରୁଥିଲେ । ବଜୁରିଆ ଓ ତାଙ୍କ ସହଯୋଗୀ ମନେ ଧାରୁଆ ଅସ୍ତ୍ର ଧରି ଜବରଦସ୍ତି ଘରେ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ । ପରେ ସେମାନେ ଦୁଇଟି ମୋବାଇଲ ଫୋନ୍ ଓ ୫ ହଜାର ଟଙ୍କା ଲୁଟି ନେଇଯାଇଥିଲେ । ମୋବାଇଲ ଓ ଟଙ୍କା ଫେରାଇବାକୁ ଅନୁରୋଧ କରିବାରୁ ଅଭିଯୁକ୍ତମାନେ ପୁଣିଥରେ ଆଦି ସମେତ ସମସ୍ତ ପରିବାର ସଦସ୍ୟଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

## ଓଡିଶା ମେଡିକାଲ କର୍ମଚାରୀ ସଂଘର

# ୭ଟି ଦାବି ପୂରଣ ନିମନ୍ତେ ରାଜ୍ୟ ଓ ଜିଲ୍ଲାସ୍ତରୀୟ ବୈଠକ

ବାରିପଦା, (ସବ୍ୟୁ) : ଶୁକ୍ରବାର ଦିନ ଓଡିଶା ମେଡିକାଲ କର୍ମଚାରୀ ସଂଘର ଏକ ବୈଠକ ରାଜ୍ୟ ଓଡିଶା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲା ମେଡିକାଲ କର୍ମଚାରୀ ଶାଖା ସଂଘର କମକର୍ତା ଓ ସଭ୍ୟ ସଭ୍ୟା ଉପସ୍ଥିତ ରହି ସଂଘକୁ ସୁଦୃଢ କରିବା ନିମନ୍ତେ ଓଡିଶା ମେଡିକାଲ କର୍ମଚାରୀ ସଂଘର ସଭାପତି ତଥା ବିଧାୟକ ତଥା ପୂର୍ବତନ ରାଜ୍ୟମନ୍ତ୍ରୀ ନରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଓ ମେଡିକାଲ କଲେଜର କର୍ମଚାରୀ ମାନଙ୍କ ଅଭାବ ଅସୁବିଧା ବୁଝିବା ନିମନ୍ତେ କେନ୍ଦ୍ରିୟ ଟିମ୍ ଗଠନ କରି ସବୁ ଜିଲ୍ଲା ଗସ୍ତକରି କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ଗୁଡିକୁ ଆଲୋଚନା କରି ସଭାପତିଙ୍କୁ ଦିଆଗଲା ।




ଓଡିଶା ମେଡିକାଲ କର୍ମଚାରୀ ସଂଘର ପ୍ରମୁଖ ଦାବୀଗୁଡିକ ଯଥାକ୍ରମେ ଯେଉଁ ମାନେ ମେଡିକାଲ ସାର୍ଭିସ୍ ପ୍ରୋଭାଇଡର ଚୁକ୍ତି ଭିତ୍ତିକ କର୍ମଚାରୀ ଭାବେ ୬ବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ କୌଣସି ଘରେଇ ସଂସ୍ଥା ଦ୍ୱାରା ନିଯୁକ୍ତି ନଦିଆଯାଇ ସରକାରଙ୍କ ବିଦ୍ଧିବଦ୍ଧ ଭାବେ ସ୍ଥାୟୀ ନିଯୁକ୍ତି କରାଯାଉ, ଜିଲ୍ଲା ମୁଖ୍ୟା ଚିକିତ୍ସା ଅଧିକାରୀ ମୟୂରଭଞ୍ଜର ୪୬ଟି ଆଟେଣ୍ଡା ଗୃପ୍- ଡି ପଦବୀ ଘୋଷଣା ନାମା କରିଥିଲେ-୨୦୧୬ ମସିହାରେ ତାହା ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯାଇ ନାହିଁ ତାହା ଯଥାଶିଘ୍ର ନିଯୁକ୍ତି ପ୍ରଦାନ କରାଯାଉ, ଡାକ୍ତରଖାନା, ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ, ସୁଇପର, ପିଅନ ମାନଙ୍କ ପାଇଁ ସରକାରୀ ବାସଗୃହ ଯୋଗାଇ ଦିଆଯାଉ, ଚାକିରୀ ବୟସ ସୀମା ୬୦ବର୍ଷରୁ ୬୫ବର୍ଷକୁ ବୃଦ୍ଧି କରାଯାଉ, ଗୃପ୍- ଡି (୪ର୍ଥ ଶ୍ରେଣୀ) କର୍ମଚାରୀ ମାନଙ୍କର, ପୂର୍ବରୁ ମେଡିକାଲ କଲେଜ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ବାରିପଦାରେ ୪୬ଗୋଟି ଗୃପ୍- ଡି ପଦବୀ ବିଜ୍ଞାପନ ଜାରି କରାଯାଇଥିଲା ତାହା ତୁରନ୍ତ ପୂରଣ କରାଯାଉ, ମ୍ୟାଟ୍ରିକରୁ ଉର୍ଦ୍ଧ ପାସ କରିଥିବା କର୍ମଚାରୀ ମାନଙ୍କୁ ପଦନ୍ନୋତି ଦିଆଯାଉ । ପ୍ରତ୍ୟେକ ବର୍ଷପରି ଡିପିସି ବସାଯାଇ ନିଯୁକ୍ତି ପ୍ରଦାନ କରାଯାଉ । ଦୁଃଖର ବିଷୟ ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ସରକାର ଡିପିସି ବସାଇ ନାହାନ୍ତି ତଥା ନିଯୁକ୍ତି ପ୍ରଦାନ ମଧ୍ୟ କରିନାହାନ୍ତି। ଏଥିସହିତ ମେଡିକାଲ କଲେଜ ପରିସରରେ ଆଟେଣ୍ଡାଣ୍ଟ ଓ କର୍ମଚାରୀ ମାନଙ୍କ ପାଇଁ କ୍ୟାଣ୍ଟିନ୍‌ର ବ୍ୟବସ୍ଥା କରିବା ପାଇଁ ଅନୁମତି ପ୍ରଦାନ କରାଯାଉ ଆଦି ଦାବି କରାଯାଇଥିଲା। ଏହି ଦାବି ଗୁଡିକ ରାଜ୍ୟ ସଂଘର ସଭାପତି ନରେନ୍ଦ୍ର ପ୍ରତାପ ସ୍ୱାଇଁ, ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସମାଧାନ କରିବେ।

ଏହି ବୈଠକର ଜିଲ୍ଲା ସଂଘର ସଭାପତି ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ସୁଶିଲ କୁମାର ସାହୁ, କୋଷାଧ୍ୟକ୍ଷ ସୁବୋଧ କୁମାର ଜେନା, ସହ-ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ ରାଜ୍ୟ ସଂଘର ସମ୍ପାଦକ ବିଶ୍ୱଶଙ୍କର କଲିଆ, ସମ୍ପାଦିକା ଅଜନ୍ତା ଛାଟିଆ, ମେଡିକାଲ କଲେଜ ସମ୍ପାଦକ ମହେନ୍ଦ୍ର ପଲେଇ କର୍ମକର୍ତ୍ତା ସନ୍ତୋଷ କୁମାର ନାଏକ, ଫୁଲକୁଲି ମୁଖୀ, ସୋମବାରୀ ମୁର୍ମୁ, ଭାରତୀ ଆଚାର୍ଯ୍ୟ, ରୀନା ପାଣି, ପ୍ରଜ୍ଞା ସାମନ୍ତରାୟ, ସନ୍ଦୀପ ଧୀର, ସୁଚିସ୍ମିତା ମହାକୁଡ୍, ଓମକାର, ଅନିଲ ମୁଖୀ ଓ ପପୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ବିଶ୍ୱ ଶଙ୍କର କଲିଆ ଧନ୍ୟବାଦ ଅର୍ପଣ କରି ବୈଠକ ସାଙ୍ଗ କରିଥିଲେ ।

# ସ୍ତ୍ରୀଙ୍କୁ ଧମକ ଓ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଗୋସାଣୀନୂଆଗାଁ ଥାନା ପୋଲିସ ଜଣେ ମହିଳାଙ୍କୁ ଧମକ ଓ ମାଡ଼ ମାରିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି । ସେ ହେଲେ ଦୀପକ ଦାସ (୩୧) । ମାମଲା ନଂ ୨୧୭/୨୬ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ ଗୁଡ଼ ସେଡ ରୋଡ ଅନ୍ତର୍ଗତ ଉପେନ୍ଦ୍ର ଭଞ୍ଜ କଲୋନୀର ତୁଳସୀ ପଣ୍ଡା (୨୧) ରୁହନ୍ତି । ସେ ଓ ତାଙ୍କ ସ୍ୱାମୀ ଦୀପକଙ୍କ ମଧ୍ୟରେ ଛାଡପତ୍ର ନେଇ କୋର୍ଟରେ ବିଚାରଧୀନ ରହିଛି । ଏହାସତ୍ତ୍ୱେ ମଧ୍ୟ ସେ ସେ ରହୁଥିବା ତାଙ୍କ ବାପାଙ୍କ ଘର ପାଖକୁ ଆସି ବିଭିନ୍ନ ସମୟରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଛନ୍ତି । ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଦୀପକ ବ୍ରହ୍ମପୁର କୋର୍ଟରେ ଚାଲିଥିବା ଛାଡ଼ପତ୍ର ମାମଲା ପ୍ରତ୍ୟାହାର କରିବାକୁ ଏହାର ପ୍ରତିବାଦ କରିବାରୁ ସେ ବ୍ରହ୍ମପୁର କୋର୍ଟରେ ଚାଲିଥିବା ଛାଡ଼ପତ୍ର ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇଥିଲେ । ନଚେତ ତାଙ୍କୁ ହତ୍ୟା କରିଦେବେ ବୋଲି ଭୟଭୀତ କରିଥିଲେ । ଏହାସହ ଗତ ଜୁନ ୩୦ ରେ ତୁଳସୀ ଦିଗପହଣ୍ଡି ଅଞ୍ଚଳର ଅଙ୍କୋରଡ଼ାଠାରେ ଏକ ନୃତ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଦୀପକ ଦାସ ତାଙ୍କୁ ମାଡ଼ ମାରିଥିଲେ । ମହିଳା ଜଣଙ୍କ ଏନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲାର ରୁଜୁ କରିଥିଲା । ତଦନ୍ତ କରି ପୋଲିସ ଅଭିଯୁକ୍ତ ଦୀପକ ଦାସଙ୍କୁ ଗିରଫ କରିଥିଲା ।





# ମୟୂରଭଞ୍ଜର ବଢୁଛି ଗୋରୁ ତସ୍କରି ଓ ଗଞ୍ଜେଇ ଚାଲାଣ, ୩ ସ୍ଥାନରେ ଚଢାଉ

ବାରିପଦା, (ସବ୍ୟୁ) : ଗୋ ତସ୍କର ଓ ଗଞ୍ଜେଇ ମାଫିଆ ନେଇ ପୋଲିସ୍ ପକ୍ଷରୁ ବଡ଼ ଧରଣ ଚଢାଉ ଜାରି ରହିଛି । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗ୍ରାମାଞ୍ଚଳ, ବୈଶିଙ୍ଗା ଏବଂ ଝାରପୋଖରୀଆ ଥାନା ଅଞ୍ଚଳରେ ମାଫିଆଙ୍କ ଘରେ ଚଢ଼ାଉ କରାଯାଉଛି । ମୟୂରଭଞ୍ଜ ଜିଲ୍ଲା ପୋଲିସ ପକ୍ଷରୁ ଅପରାଧୀ ଓ ମାଫିଆଙ୍କ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୩ଟି ପୃଥକ ସ୍ଥାନରେ ପୋଲିସର ସ୍ୱତନ୍ତ୍ର ଟିମ୍ ଏକକାଳୀନ ଚଢ଼ାଉ କରିଛି ।

ଏହି ରେଡ୍ ବିଶେଷ କରି ସ୍ଥାନୀୟ ଗଞ୍ଜେଇ ଓ ଗୋ-ମାଫିଆଙ୍କ ବେଆଇନ ସମ୍ପତ୍ତି ଉପରେ କରାଯାଉଥିବା ସୂଚନା ମିଳିଛି । ସୂଚନା ମୁତାବକ, ଶନିବାର ସକାଳୁ ମୟୂରଭଞ୍ଜ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଝାରପୋଖରିଆ ଥାନା ଅଧୀନ ଝାରପୋଖରିଆ ଅଞ୍ଚଳର ଉତ୍ତମ କୁମାର ଦଣ୍ଡପାଟ ଏବଂ ଶୀର୍ଷା ଅଞ୍ଚଳର ଅର୍ଜୁନ ପଟ୍ଟନାୟକଙ୍କ ଘରେ ଚଢ଼ାଉ କରିଛି । ସେହିପରି ରାଇରଙ୍ଗପୁର ଗ୍ରାମାଞ୍ଚଳ ଅନ୍ତର୍ଗତ କେନ୍ଦ୍ରାଇ ଗ୍ରାମ ଏସ କେ ଟକରା ଓ ଏସ.କେ ତବରେଜ ଏବଂ ବୈଶିଙ୍ଗା ଥାନା ଅଧୀନରେ ଥିବା କଳମା ପଞ୍ଚାୟତ ଗୋବିନ୍ଦରାୟପୁର୍ ଆସିକୁର ରେହମାନ ଔରଫ ଫକୀର ଓ ତାଳପଦା ଗ୍ରାମର ମଲ୍ଲିକ ଉସ୍ତାର ଔରଫ ଡାକ୍ତର ଘରେ ଚାଲିଛି ଚଢ଼ାଉ କରାଯାଇଛି ।

ଗୋମାଫିଆଙ୍କୁ ନିସ୍ତାର ନାହିଁ । ମାଫିଆ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ମୟୂରଭଞ୍ଜ ପୁଲିସର ଚଢ଼ାଉ ଚାଲିଛି । ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଓ ଜରୁରୀ କାଗଜପତ୍ର ଜବତ । ଗୋ ମାଫିଆ ମାନେ ବେଆଇନ କାର୍ଯ୍ୟକଳାପ ମାଧ୍ୟମରେ ଅର୍ଜନ କରିଥିବା ସମ୍ପତ୍ତିର ଆକଳନ ଓ ଜବତ ପାଇଁ ପୋଲିସ ଏହି ଆହ୍ୱାନ ନେଇଛି ।

# ଡିଆରକେ କପ୍ ଦିବାରାତ୍ର କ୍ରିକେଟ ଉଦ୍‌ଯାପିତ, ଜଗଦ୍ଧାତ୍ରୀ ସୁପର କିଙ୍ଗସ ଚାମ୍ପିଅନ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଦ୍ୱାରା ଆୟୋଜିତ ଡିଆରକେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୫ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜଗଦ୍ଧାତ୍ରୀ ସୁପର କିଙ୍ଗସ ୩୪ ରନରେ ଲାଲବଜାର ୱାରିୟାର୍ସକୁ ପରାସ୍ତ କରି ୨ୟ ବର୍ଷର ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ ହୋଇଛି।

ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ଦଳ ୨୦ଓଭରରେ ୯ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୬୬, ଶୁଭମ ନାଏକ ୨୬ ଓ ମନୁ ରାମ ୨୧ ରନ କରିଥିବାବେଳେ ବିପକ୍ଷ ଦଳର ଯଶୋବନ୍ତ ମାଝୀ ୫ଟି ଓ ଆଦିତ୍ୟ କୁମାର ବସା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଲାଲବଜାର ଦଳ ୨୦ ଓଭରରେ ୮ ଉଇକେଟ ୧୫୫ ରନ କରିପାରିଥିଲେ। ଦଳ ପକ୍ଷରୁ ଦିବ୍ୟାଲୋଚନ ଦାଶ ୪୭ ଓ ଆଦିତ୍ୟ କୁମାର ବସା ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ୩ଟି ଓ ଅଭିଷେକ କୁମାର ଯାଦବ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ଶେଖ ଅମଜୀତ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରିଙ୍ଗରେ ସହଯୋଗ କରିଥିଲେ। ପଙ୍କଜ ମହାକୁଡ଼ ଧାରବିବରଣୀ ପ୍ରଦାନ କରିଥିଲେ। ଚମ୍ପିୟାନ ଦଳକୁ ୧ଲକ୍ଷ ୨୦ହଜାର ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୮୦ ହଜାର ଟଙ୍କା ଓ ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ କୁମାର ଯାଦବ, ଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଅଭିଜ୍ଞାନ ମହାନ୍ତି, ଶ୍ରେଷ୍ଠ ବୋଲର ଭାବେ ଯଶୋବନ୍ତ ମାଝୀ ଓ ଶ୍ରେଷ୍ଠ ଫିଲଡର ଭାବେ ଶୁଭମ ନାଏକ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଯୋଗଦେଇ ସରସକଣା ବିଧାୟକ ଭାଦବ ହାଁସଦାଃ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ କାଶୀନାଥ ରଣା, ନନ୍ଦିକେଶ ଶେଜପଡା, କ୍ରୀଡା ସଂଗଠକ ନିରୋଜ ସାହୁ ଓ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ଓ ମାନସ ଧଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ୪୭୫ ମୋବାଇଲ ଫୋନ ଉଦ୍ଧାର

# ୯୪ ମୋବାଇଲ ଲୋକଙ୍କୁ ଫେରସ୍ତ କଲା ପୋଲିସ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳର ଏକାଧିକ ଲୋକଙ୍କ ମୋବାଇଲ ଚୋରି ହୋଇଥିଲା । ଏନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଉକ୍ତ ମୋବାଇଲ ନମ୍ବର ଟ୍ରାକିଂ କରି ଚୋରି ମୋବାଇଲ୍ ଜବତ କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି । ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ସମୁଦାୟ ୯୪ ଟି ସ୍ମାର୍ଟ ଫୋନ୍ ଜବତ କରିଥିଲା । ବ୍ରହ୍ମପୁର ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସ୍ପି ଡ଼ା. ସର୍ବଣା ବିବେକ ଏମ୍ ୬୧ଟି ସ୍ମାର୍ଟଫୋନକୁ ମାଲିକଙ୍କୁ ପ୍ରମାଣ ଆଧାରରେ ପ୍ରଦାନ କରିଛି । ଅବଶିଷ୍ଟ ୩୩ଟି ଫୋନକୁ ଏହାର ପ୍ରକୃତ ମାଲିକଙ୍କୁ କୋରିଆର ମାଧ୍ୟମରେ ପ୍ରଦାନ କରାଯାଉଛି । ଏହି ମୋବାଇଲ ଫୋନ ଉଦ୍ଧାର କାର୍ଯ୍ୟ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର (ସିଇଆଇଆର) ପୋର୍ଟାଲ ମାଧ୍ୟମରେ କରାଯାଇଛି । ଏହି ସ୍ୱତନ୍ତ୍ର ମୋବାଇଲ ଉଦ୍ଧାର ଅଭିଯାନ ଚଳିତ ବର୍ଷରେ ବ୍ରହ୍ମପୁର ଏସପି କାର୍ଯ୍ୟାଳୟ ଓ ସାଇବର ପୋଲିସ ଷ୍ଟେସନରେ ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ ଫୋନ ସମ୍ବନ୍ଧୀୟ ବହୁ ସଂଖ୍ୟକ ଅଭିଯୋଗ ପହଞ୍ଚିଥିଲା । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ସାଇବର ପୋଲିସ ଷ୍ଟେସନ ପକ୍ଷରୁ ମେ ୨୦୨୬ ରୁ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମୋବାଇଲ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି । ଏହି ଉଦ୍ଧାର ଦଳରେ ଇନ୍ସପେକଟର ଶଙ୍କର ପଣ୍ଡା, ଇନ୍ସପେକଟର ସୌମ୍ୟ ଜଲ୍ଲି, ଇନ୍ସପେକଟର ଗାୟତ୍ରୀ ଗୋଛାୟତଙ୍କ ସମେତ କନଷ୍ଟେବଲ ଅଜିତ କୁମାର ଗୌଡ଼, ରାଜେନ୍ଦ୍ର କୁମାର ବେହେରା, ସନ୍ତୋଷ କୁମାର ଜେନା, ଡି.ଏମ୍. ଡୋରା ଓ ଡି. ଗୌଡ଼ ସାମିଲ ଅଛନ୍ତି । ସାଇବର ପୋଲିସ ଦଳ ଆଧୁନିକ ଟ୍ରାକିଂ ପ୍ରଯୁକ୍ତିର ବ୍ୟବହାର ସହ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥା ଓ ଅନ୍ୟାନ୍ୟ ଏଜେନ୍ସି ସହ ସମନ୍ୱୟ ରକ୍ଷା କରି ଫୋନଗୁଡ଼ିକୁ ଚିହ୍ନଟ ଓ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ଚଳିତ ବର୍ଷର ବ୍ରହ୍ମପୁର ସାଇବର ପୋଲିସ ଟିମ୍ ଏପର୍ଯ୍ୟନ୍ତ ମୋଟ ୪୭୫ଟି ମୋବାଇଲ ଫୋନ ଉଦ୍ଧାର କରି ସେଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରସ୍ତ କରିଛି ବୋଲି ସେ କହିଛନ୍ତି ।

## ଡ୍ରେନ୍‌ରେ ଗଳିପଡିଲା ଟ୍ରକ୍, ଯାତାୟତ ବାଧାପ୍ରାପ୍ତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦକ୍ଷିଣ ପାଶ୍ୱର୍ରେ ପୁରୁଣା ଟୋଲଗେଟ ଠାରୁ ଓଭରବ୍ରିଜ ଆରମ୍ଭ ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇଛି। ସଂଯୋଗୀକରଣ ରାସ୍ତା ପାଶ୍ୱର୍ରେ ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇଛି। ଏହି ରାସ୍ତାରେ ଶହ ଶହ ସଂଖ୍ୟାରେ ଟ୍ରକ ଦିନ ଦିନ ଧରି ଅଟକି ରହୁଛି।

ବିଭାଗ ପକ୍ଷରୁ ଡ୍ରେନ ସଫା ପାଇଁ ପଡିଥିବା ସ୍ଲାବ ଗୁଡିକୁ ଖୋଲି ଛାଡି ଦିଆଯାଇଛି। ଫଳରେ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ବେଳେ ସତକୁ ସତ ଆଜି ଏକ ୧୪ ଚକିଆ ଟ୍ରକ ( ଓଡି୦୪ଏନ ୫୪୦୪) ଶ୍ରୀ ପୀଠ ନିକଟସ୍ଥ ଏକ ସର୍ଭିସ ଷ୍ଟେନକୁ ଯାଉଥିବା ବେଳେ ଟ୍ରକର ଗୋଟିଏ ଆଗ ଚକ ଡ୍ରେନରେ ପଡିଯିବାରୁ ଟ୍ରକଟି ଡ୍ରେନ ମଧ୍ୟରେ ଅଟକି ରହିଥିଲା। ଫଳରେ ସଂଯୋଗୀକରଣ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଥିଲା। ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଂଚାୟତ ବରେଇ ଗ୍ରାମର ରାକେଶ ସାହୁ ଟ୍ରକଟି ଚଳାଉଥିବା ବେଳେ ସେ ସମାନ୍ୟ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂଗ ଗାଡି ସେଠାରେ ପହଂଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରକଟିକୁ ଉଠାଇଥିବା ବେଳେ ଘଂଟାଏରୁ ଉର୍ଦ୍ଧକାଳ ବନ୍ଦ ହୋଇଥିବା ସଂଯୋଗୀକରଣ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ମଦ ଜବତ: ମହିଳାଙ୍କ ସମେତ ୭ କୋର୍ଟଚାଲାଣ



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ଚଢାଉ କରାଯାଇ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରି ତାଙ୍କ ପାଖରୁ ବ୍ୟାପକ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି ।

ଏମାନେ ହେଲେ ମାର୍ଶାଘାଇ ଓ ନିକିରାଇ ଥାନା ଅଂଚଳର ଧୁମାତ ଗ୍ରାମର ପ୍ରଫୁଲ୍ଲ ବେହେରା, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ, ବେଣୁପାଳ ଗ୍ରାମର ରଂଜିତ୍ ଦାସ, ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି, ପ୍ରତାପ ଚନ୍ଦ୍ର ପରିଡା, ଏଣ୍ଡର ଗ୍ରାମର ଅକ୍ଷୟ ସାହୁ, କୋର ଗ୍ରାମର ଧନେଶ୍ୱର ବେହେରା ପ୍ରମୁଖଙ୍କୁ ଗିରଫ କରାଯାଇ ଏମାନଙ୍କ ନିକଟରୁ ଦେଶୀ, ବିଦେଶୀ ରନ୍ଧା ଓ ଗୁଡ ପାଉଚ୍ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଚି । ଏହି ଚଢାଉ ସମୟରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଯାଜପୁର ସାଂସଦଙ୍କ ପ୍ରତିନିଧି ହେଲେ ଅରୁଣ

କୁଆଖିଆ ,(ସବ୍ୟୁ) :ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ରସୁଲପୁର ବ୍ଲକର ଧର୍ମଶାଳାନିର୍ବାଚନମଣ୍ଡଳୀ ପାଇଁ ବିଜେପି ନେତା ଅରୁଣ କୁମାର ସାହୁଙ୍କୁ ନିଜର ପ୍ରତିନିଧି ଭାବେ ନିଯୁକ୍ତି କରିଛନ୍ତି । ଏହି ମର୍ମରେ ସାଂସଦଙ୍କ କାର୍ଯ୍ୟାଳୟରୁ ରସୁଲପୁର ବିଡିଓଙ୍କ ନିକଟକୁ ଚିଠି କରାଯାଇଛି ।

ସୂଚନା ଥାଉକି ଧର୍ମଶାଳା ନିର୍ବାଚନମଣ୍ଡଳୀର ରସୁଲପୁର ବ୍ଲକରେ ୯ଟି ପଞ୍ଚାୟତ ଯଥା ରସୁଲପୁର, ରାହାମ୍ବା, ବାରବାଟୀ, ଓଡିଶୋ, ସିଂହପୁର, କଲଣ, ଜାବରା, ନଥୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତ ରହିଛି । ଏହି ସବୁ ପଞ୍ଚାୟତର ସାଧାରଣ ଲୋକଙ୍କ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟର ବୁଝାସୁଝା ପାଇଁ ସାଂସଦ ଡଃ ବେହେରା ରସୁଲପୁର ବ୍ଲକର ପ୍ରତିନିଧି ଭାବେ ଅରୁଣ ସାହୁଙ୍କୁ ନିଯୁକ୍ତି ଦେଇଛନ୍ତି ।

ଶ୍ରୀ ସାହୁ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ ଅନୁଷ୍ଠାନ ସହିତ ବହୁ ସାମାଜିକ ଅନୁଷ୍ଠାନରେ ସାମିଲ ହୋଇ ବର୍ତ୍ତମାନ ସକ୍ରିୟ ଲୋକସେବାରେ ରହିଛନ୍ତି । ନବନିଯୁକ୍ତ ସାଂସଦଙ୍କ ରସୁଲପୁର ବ୍ଲକ (ଧର୍ମଶାଳା) ପ୍ରତିନିଧି ଶ୍ରୀ ସାହୁ ନିଜର ପ୍ରତିକ୍ରିୟାରେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ୩ମାସ ହେଲା ଭତ୍ତା ନପାଇ ବୃଦ୍ଧବୃଦ୍ଧା ହଟହଟା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଅସଲ ପାରିବା ପଣିଆ ପୁଣି ଥରେ ପଦାରେ ପଡିଛି । ଦୀର୍ଘ ୩ମାସ ହେଲା ଭତା ନପାଇ ଅସହାୟ ବୃଦ୍ଧ ବୃଦ୍ଧା ସର୍ବୋପରି ଦିବ୍ୟାଙ୍ଗ ବ୍ୟକ୍ତିମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ । ବିଗତ ନବୀନ ସରକାରଙ୍କ ଶାସନକାଳ ସମୟରେ ଏହି ୪୧ଟିଗ୍ରାମପଂଚାୟତର ଅସହାୟ ବୃଦ୍ଧ ବୃଦ୍ଧା ,ବିଧବା,ଦିବ୍ୟାଙ୍ଗ ବ୍ୟକ୍ତିମାନେ ପ୍ରତିମାସର ୧୫ତାରିଖ ମଧ୍ୟରେ ଭତା ପାଇଆସୁଥିଲେ । ଏହି ଭତା ଅର୍ଥରେ ଅସହାୟ ବ୍ୟକ୍ତିମାନେ କୌଣସିମତେ ବଂଚି ଯାଉଥିଲେ । ତେବେ ସରକାର ପରିବର୍ତନ ହୋଇଯିବା ପରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ହିତାଧିକାରୀମାନଙ୍କୁ ଗତ ଏପ୍ରିଲ ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ୩ମାସର ଭତା ବଂଟନ କରାଯାଇ ନଥିବାର ଅଭିଯୋଗ ହୋଇଛି । ଅସହାୟ ହିତାଧିକାରୀମାନେ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ,ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ଆର୍ଥୀକ ଖର୍ଚ୍ଚାନ୍ତର ଶୀକାର ହେଉଛନ୍ତି । ଡହଡହ ତାତିରେ ଏହି ହିତାଧିକାରୀମାନେ ପଂଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଉଥିବାର ଅଭିଯୋଗ ହୋଇଛି । ଏପରିକି ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ବହୁ ହିତାଧିକାରୀ ଇତି ମଧ୍ୟରେ ମୃତ୍ୟୁବରଣ କରିସାରିଲେଣି । ଏପରିକି ଏହି ଅର୍ଥରେ ବୃଦ୍ଧ ବୃଦ୍ଧାମାନେ ସେମାନଙ୍କ ପଥି କିଣୁଥିଲେ । କୌଣସିମତେ ସେମାନଙ୍କ ଗୁଜୁରାଣ ମେଂଟି ଯାଉଥିଲା । ତେବେ ନିର୍ଦ୍ଧାରିତ ସମୟରେ ଭତା ମିଳୁନଥିବା କାରଣରୁ ହିତାଧିକାରୀମାନେ ପଥିଟିକିଏ କିଣିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ଏପରିକି ଏହି ବ୍ଲକରେ ଭତା ବଂଟନରେ ବ୍ୟାପକ ଚଂଚକତା ଓ ଅନିୟମିତତା କରାଯାଉଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ହିତାଧିକାରୀମାନଙ୍କୁ ସେମାନଙ୍କ ବକେୟା ଭତା ପ୍ରଦାନ ନିମନ୍ତେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଦୃଢ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ କଂଗ୍ରେସ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ କଂଗ୍ରେସ ଦଳ ପଛାଇବ ନାହିଁ ବୋଲି ଶ୍ରୀ ଦାସ ଚରମ ଚେତାବନୀ ଦେଇଛନ୍ତି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଅବ୍ଲକ ଏସସିଓ ସୁନିଲ ପାତ୍ରଙ୍କ ମୋବାଇଲକୁ ଏକାଧିକବାର କଲ କରିଥିଲେ ମଧ୍ୟ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ ।

# ନକଲି ଜର୍ଦ୍ଦା କାରଖାନାରେ ଚଢାଉ, ତିନି ଗିରଫ

କୁଜଙ୍ଗ (ସବ୍ୟୁ): ଜିଲ୍ଲା ପୋଲିସ ପ୍ରଶାସନ ଓ କୁଜଙ୍ଗ ପୋଲିସର ମିଳିତ ସହଯୋଗ ରେ ଏକ ଚଢାଉରେ ବଡ଼ ଧରଣର ସଫଳତା ମିଳିଛି । କୁଜଙ୍ଗ ଥାନା ଅନ୍ତର୍ଗତ ଆଲିଗଡ ଗ୍ରାମରେ ଏକ ଘରୋଇ ପରିସର ମଧ୍ୟରେ ନକଲି ଜର୍ଦ୍ଦା (ଗୁଟଖା) ତିଆରି କାରଖାନା ଉପରେ ଚଢାଉ କରି ଦଶଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ମେସିନ ଜବତ କରିବା ସହ ବିଭିନ୍ନ ବ୍ରାଣ୍ଡର ନକଲି ପ୍ୟାକେଟ ମଧ୍ୟ ଜବତ କରାଯାଇଛି । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଏହି କାରଖାନା ଉପରେ ଅତର୍କିତ ଭାବେ ଚଢ଼ାଉ କରିଥିଲା । କାରଖାନାର ମାଲିକ ସୁବାସ ଚନ୍ଦ୍ର ସ୍ୱାଇଁ ଙ୍କୁ ଗିରଫ କରାଯିବା ସହ କାରଖାନାରେ ମାଲ ତିଆରି କରୁଥିବା ବିଜୟ ମୁଦୁଲି, ଓ ପୂର୍ଣ୍ଣଚନ୍ଦ୍ର ବେଉରାଙ୍କୁ ମଧ୍ୟ ଗିରଫ କରାଯାଇଛି ।



ଗତ ୨୦୧୫ ମସିହା ରେ ସୁବାସ ଓ ସେମାନେ ଦୁଇଭାଇ ଙ୍କୁ ଏ ଜର୍ଦ୍ଦା ତିଆରି କାରଖାନା ରୁ ଗିରଫ କରାଯାଇ ଜେଲ ପଠାଯାଇଥିଲା । ଜେଲ ରୁ ମୁକୁଳିବା ପରେ ପୁନର୍ବାର ୨୦୧୮ ମସିହାରୁ ସେ ନକଲି ଜର୍ଦ୍ଦା କାରଖାନା ବିଜିପୁର ନିକଟ ଆଲିଗଡ ଗ୍ରାମରେ ନିଜ ଘରେ ନାମୀଦାମୀ କମ୍ପାନୀର ବ୍ରାଣ୍ଡ ରେ ଜର୍ଦ୍ଦା ପ୍ରସ୍ତୁତ କରି ଜଗତସିଂହପୁର, ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସ୍ଥାନ ମାନଙ୍କରେ ଦୀର୍ଘ ବର୍ଷ ହେବ ବିକ୍ରି କରି ଆସୁଥିବାର ତଦନ୍ତ ରୁ ଜଣାପଡ଼ିଛି । ଜର୍ଦ୍ଦା ରେ ବ୍ୟବହାର ହେଉଥିବା ନକଲି ସରଞ୍ଜାମ ମାନ ନୂଆଦିଲ୍ଲୀ ଓ କଲିକତାରୁ ଆଣି ବ୍ୟବହାର କରାଯାଉଛି । ବିନା ଲାଇସେନ୍ସ ରେ ଏହି କାରଖାନା ଚାଲିଥିବା ବେଳେ ବିଭିନ୍ନ ନକଲି ସରଞ୍ଜାମ ଆଣି ତିଆରି ହେଉଥିବା ଗୁଟଖା ଓ ଜର୍ଦ୍ଦା ଗୁଡ଼ିକ ଜନ ସାଧାରଣଙ୍କ ପାଇଁ ବହୁ କ୍ଷତିକାରକ ବୋଲି ପୋଲିସ କହିଛି ।

ଜନ ସାଧାରଣ ଙ୍କ ସୁରକ୍ଷା ଦୃଷ୍ଟିରୁ ଜବତ ହୋଇଥିବା ଜିନିଷ ଗୁଡ଼ିକ ବହୁ କ୍ଷତିକାରକ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରୁ ତିନିଟି ମୋବାଇଲ ଫୋନ ସହ ଏକଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି । ଜବତ ହୋଇଥିବା ପ୍ୟାକେଟ ଗୁଡ଼ିକ ଓଡ଼ିଶା ବାହାରୁ ସେମାନେ ସଂଗ୍ରହ କରି ଆଣି ଏଥିରେ ଜର୍ଦ୍ଦା ଭର୍ତ୍ତି କରି ବିକ୍ରି କରୁଥିଲେ । ନ ଟି କମ୍ପାନୀ ର ବ୍ରାଣ୍ଡ ରେ ସେମାନେ ଜର୍ଦ୍ଦା ତିଆରି କରୁଥିଲେ । ଏହି ଘଟଣା ପାଇଁ କୁଜଙ୍ଗ ଥାନା ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା କହିଲେ ଯେ ବର୍ତ୍ତମାନ ତିନି ଜଣ ଙ୍କୁ ଗିରଫ କରାଯାଇଛି । ପରେ ତଦନ୍ତ ରୁ ଯେଉଁମାନଙ୍କ ନାଁ ବାହାରିବ, ସେମାନଙ୍କୁ ମଧ୍ୟ ଗିରଫ କରାଯିବ ।

କୁଜଙ୍ଗ ପୋଲିସ ସମସ୍ତ ବ୍ୟବହୃତ ସରଞ୍ଜାମ ସବୁକୁ ଜବତ କରିଛି । କୁଜଙ୍ଗ ଥାନା ରେ ଏକ ମକୋଦ୍ଦମା ରୁଜୁ କରାଯାଇଛି । ୩୧୭ (୨), ୨୭୪, ୨୭୫,୨୭୬,୩୧୮,୩୩୬ (୩),୬୧(୨),୩(୫) ବି ଏନ ଏସ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ଦଫା ରେ ମକୋଦ୍ଦମା ରୁଜୁ କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଏସ ଡି ପି ଓ ଅଜୟ କୁମାର ଦାସ, କୁଜଙ୍ଗ ଆଇ ଆଇ ସି ଶିବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟାନ୍ ପିରିୟଡ ପରେ ମଧ୍ୟ ମାଛ ଧରିବାକୁ ଯିବେନାହିଁ ମତ୍ସ୍ୟଜୀବୀ

ପାରାଦୀପ,( ଜି ପ୍ର ): ଉଠିବ ମାଛ ଧରା ବ୍ୟାନ ପିରିୟଡ ହେଲେ ମାଛ ଧରିବାକୁ ଯିବେନାହିଁ ମତ୍ସ୍ୟଜୀବି । ମାଛ ବଂଶ ରକ୍ଷା ପାଇଁ ଏପ୍ରିଲ ୧୫ରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ଉପରେ ଲାଗିଥିଲା କଟକଣା ।

ଏହି କଟକଣା ଉଠିବା ପରେ ପ୍ରତିବର୍ଷ ମତ୍ସ୍ୟଜୀବିମାନେ ଜୁନ ୧୫ ତାରିଖ ଦିନ ଠାରୁ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯାଇଥାନ୍ତି । ହେଲେ ଚଳିତ ବର୍ଷ ସେମାନେ ଆଉ ଯିବେନାହିଁ ବୋଲି ଆଜି ସାମ୍ବାଦିକ ସମିଳନୀରେ ଘୋଷଣା କରିଛି ଓମଫା ବା ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ମତ୍ସ୍ୟଜୀବିମାନେ । ସେମାନଙ୍କ ଟ୍ରଲର ଓ ଜନ୍ତ୍ର ଚାଳିତ ଡଙ୍ଗା ମାଧ୍ୟମରେ ସମୁଦ୍ରକୁ ଯାଉଥିବା ବେଳେ ଏବେ ସେମାନଙ୍କୁ ବଲକ ଇଣ୍ଡଷ୍ଟ୍ରିଆଲ କାଟାଗୋରି ହିସାବରେ ଗ୍ରହଣ କରାଯିବା ସହ ଡିଜେଲ ଲିଟର ପିଛା ୧୪୦ ଟଙ୍କାରୁ ୧୪୨ ଟଙ୍କା ନିଆଯାଉଛି ଯାହାକୁ ନେଇ ମତ୍ସ୍ୟଜୀବିମାନେ ଓ ଟ୍ରଲର ମାଲିକମାନେ ପ୍ରବଳ କ୍ଷତିର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଲୋକମାନଙ୍କୁ ଡିଜେଲ ପିଛା ୯ ୯ ଟଙ୍କାରୁ ୧୦୧ ଟଙ୍କା ମଧ୍ୟରେ ଦିଆଯାଉଥିବା ବେଳେ ମତ୍ସ୍ୟଜୀବି ମାନେ ଅଧିକ ମୂଲ୍ୟ ପାଇଁ ହଇରାଣ ହରକତ ହେବାରେ ଲାଗୁଛନ୍ତି ।

ପାରାଦୀପରେ ମୋଟ ୬୩୪ଟି ଟ୍ରଲର ଓ ୧୫୮ଟି ମୋଟର ଚଳିତ ନୌକା ଥିବାବେଳେ ଏହି ବ୍ୟବସାୟ ସହ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୫୦ ହଜାର ଲୋକ ନିର୍ଭରଶୀଳ । ଡିଜେଲ ସଙ୍କଟ ଓ ଡିଜେଲ ମୂଲ୍ୟ ବୃଦ୍ଧି ଏବଂ ବର୍ଷ ସାରା ବାତ୍ୟା ,ଲଘୁଚାପ ଓ ବିଭିନ୍ନ କଟକଣା ପାଇଁ ମାଛ ଧାରାରେ ଅଙ୍କୁଶ ଲାଗୁଛି । ଅନେକ ମତ୍ସ୍ୟଜୀବି ଏଥିପାଇଁ ଏବେ ଦୃଦିନରେ । ସେହିପରି ଅନ୍ୟ ଦାବି ଗୁଡିକ ମଧ୍ୟରୁ ସହ ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ କୃଷି କ୍ଷେତ୍ରର ସୁବିଧା ଓ ସୁରକ୍ଷା ପ୍ରଦାନ ସମବାୟ ଉପଭୋକ୍ତା ମାଧ୍ୟମରେ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ଉପକୁଳରେ ସାମୁଦ୍ରିକ ପ୍ରଦୂଷଣକୁ ନିୟନ୍ତ୍ରଣ ଆଦି ଦାବୀକୁ ନେଇ ସେମାନେ ଆଉ ମାଛ ଧରିବାକୁ ଯିବେନାହିଁ ବୋଲି ଘୋଷଣା କରିଛନ୍ତି ସଂଘର ସଭାପତି ଶ୍ରୀକାନ୍ତ ପରିଡା ଆଜି ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଥିବା ଜଣାପଡିଛି ।

## ଗ୍ୟାସ୍ ଟାଙ୍କି ଫାଟି ଚାଖଣା ଦୋକାନ ଭସ୍ମୀଭୂତ



ପାଣିକୋଇଲି, (ସବ୍ୟୁ) : ପାଣିକୋଇଲିସ୍ଥିତ ସରକାରୀ ଠିପି ବନ୍ଦ ମଦ ଦୋକନ ନିକଟରେ ଥିବା ଚାଖଣା ଦୋକାନରେ ଗ୍ୟାସ ଟାଙ୍କି ଫାଟି ଦୋକାନ ଭସ୍ମିଭୂତ ହୋଇଛି। ପ୍ରକାଶଯେ ପାଣିକୋଇଲି ଅଳତିରି ଠାରେ ଏକ ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଛି। ଆଜି ମଧ୍ୟାହ୍ନରେ ନିକଟସ୍ଥ ଚାଖଣା ଦୋକାନର ଗ୍ୟାସ ଟାଙ୍କି ଫାଟି ପ୍ରଚଣ୍ଡ ଶବ୍ଦ ହେବା ସହ ଦୋକାନରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ କର୍ମଚାରୀ ବା ମାଲିକର କିଛି କ୍ଷତି ହୋଇନଥିବା ବେଳେ ଦୋକାନଟି ହୁତୁହୁତୁ ହୋଇ ଜଳିଥିଲା। ସ୍ଥାନୀୟ ଦୋକାନୀମାନେ ନିକଟସ୍ଥ ଦେଶୀ ମଦ ଦୋକାନରୁ ପାଣି ଆଣି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଦୋକାନ ମଧ୍ୟରେ ଥିବା କ୍ୟାବିନ, ଫ୍ରିଜ ଓ ଆସବାସପତ୍ର ସବୁ ପୋଡିଯାଇଥିଲା। ଯାଜପୁରରୋଡ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ହେଁ ସବୁ କିଛି ଜଳି ପାଉଶଁ ହୋଇଯାଇଥିଲା। ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରି ଏକ ବଡଧରଣର ଅଗ୍ନିକାଣ୍ଡକୁ ରୋକ ଲଗାଇଥିଲେ। ଯାହା ଫଳରେ ନିଆଁ ଅନ୍ୟ ଦୋକାନକୁ ଯାଇ ପାରିନଥିଲା। ପାଣିକୋଇଲି ପଂଚାୟତ ଅଳତିରି କାଙ୍କଲା ଗ୍ରାମର ଶରତ ସାହୁ ଉକ୍ତ ଦୋକାନକୁ ଭଡାରେ ନେଇ ଚାନ୍ଦପୁର ପବିତ୍ର ବେହେରାଙ୍କୁ ଭଡା ଦେଇଥିଲା।

## ୭୧ତମ ସର୍ବଭାରତୀୟ ଦିବାରାତ୍ରି କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

# ୧୧, ୯ ୬ ଲକ୍ଷ ବ୍ୟୟ ଅଟକଳରେ ଷ୍ଟାଡିଅମ ଭୂମିପୂଜା




କୁଆଖିଆ ,(ସବ୍ୟୁ ):ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଷ୍ଟାଡିୟମରେ ଯାଜପୁର କବାଡ଼ି ଅସୋସିଏସନ(ଜେକେଏ ) ଅନୁକୂଲ୍ୟରେ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଆଜିବିଧାୟକ ହିମାଂଶୁ ଶେଖର ସାହୁ ଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି । ଏହା ଛଡା ୧୧ କୋଟି ୯୬ ଲକ୍ଷ ବ୍ୟୟ ଅଟକଳରେ କବାଡି ଷ୍ଟାଡିଅମର ଉଦଘାଟନ ହୋଇଯାଇଛି । ଏହି ଉତ୍ସବ ରେ ଏସ ଇ ଓ ପୂର୍ତ୍ତ ବିଭାଗ କୋମଳ କୁମାର ସ୍ୱାଇଁ, ଏସ ଡି ଓ ନାରାୟଣ ଟୁଡୁ,ଜିଲ୍ଲା ସମ୍ପାଦକ କବାଡି କାର୍ଯ୍ୟକର୍ତା ସମ୍ବିତ ମହାନ୍ତି, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ,ନିଗମାନନ୍ଦ ମହାନ୍ତି, ରବୀନ୍ଦ୍ର ପୃଷ୍ଟି ଯୋଗ ଦେଇ କ୍ରୀଡା ଇତିହାସ ଉପରେ କହିଥିଲେ । ପ୍ରତିଯୋଗିତାରେ ଦେଶ ଓ ରାଜ୍ୟର ଜଣାଶୁଣା ପୁରୁଷ ବିଭାଗରେ ୨୨ ଟି ଦଳ ଓ ମହିଳା ବିଭାଗରେ ୯ଟି ଦଳ ଅଂଶ ଗ୍ରହଣ କରିଛନ୍ତି ।

ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧକ୍ଷତାରେ ଆଜି ଉଦଘାଟନ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ ଖଣ୍ଡିତର କବାଡି ଷ୍ଟାଡିଅମର ରୂପ ଖୁବଶୀଘ୍ର ବଦଳିଯିବ ବୋଲି କହି ଶିଳାନ୍ୟାସ କରିଥିଲେ । ଉପସଭାପତି (କୋଚ ) କୃଷ୍ଣକାନ୍ତ ପଣ୍ଡା, ଅରୁଣ ସାହୁ, ଓ ଜେ କେ ର ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ସମ୍ପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ ।

ପ୍ରାୟ ୪୦ଜଣ ଅଫିସିଆଲ ଏହାକୁ ପରିଚାଳନା କରିବେ ।ଚଳିତ ବର୍ଷ ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୨ଲକ୍ଷ ଟଙ୍କା, ରନର୍ସ ଅପ ଦଳକୁ ୧ଲକ୍ଷ ଟଙ୍କା, ୩ୟ ବିଜେତା ଦଳକୁ ୮୦ହଜାର ଟଙ୍କା,ମହିଳା ବିଭାଗରେ ଚମ୍ପିଅନ ଦଳକୁ ୫୦ ହଜାର ଟଙ୍କା,ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା,୩ୟ ବିଜେତା ଦଳକୁ ୨୦ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି । ୪ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ୫୦୦ ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେବେ । ଉପସଭାପତି ଅଭୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବଜ୍ରାଘାତରେ ମଇଁଷି ଚରାଳିଙ୍କ ମୃତ୍ୟୁ

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମ ଶେଷମୁଣ୍ଡରେ ଥିବା ବାଘରମଠ ନିକଟରେ ଶୁକ୍ରବାର ବଜ୍ରାଘାତ ଘଟି ଜଣେ ମଇଁଷି ଚରାଳିଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଉଛନ୍ତି ଏହି ପଂଚାୟତ ଅନ୍ତର୍ଗତ ଗରାମ ଗ୍ରାମର କୈଳାସ ଦାସଙ୍କ ପୁଅ ପ୍ରଫୁଲ୍ଲ ଦାସ (୩୫)।

ସୂଚନା ଅନୁଯାୟୀ ଗତକାଲି ମଧ୍ୟାହ୍ନରେ ପ୍ରଫୁଲ୍ଲ ତାଙ୍କ ମଇଁଷିଙ୍କୁ ଧରି ବାଘରମଠ ନିକଟରେ ଥିବା ଗହିରରେ ଚରାଉଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ମୁଷୁଳଧାରାରେ ବର୍ଷା ହେବା ସହ ବଜ୍ରାଘାତ ହୋଇଥିଲା। ମଇଁଷିପଲଙ୍କ ନିକଟରେ ଥିବା ପ୍ରଫୁଲ୍ଲଙ୍କ ଉପରେ ବଜ୍ରାଘାତ ହୋଇଥିଲା। ଫଳରେ ସେ ସେଠାରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ। ଏହି ସମୟରେ ତାଙ୍କ ବାପା କୈଳାସ ପୁଅ ପ୍ରଫୁଲ୍ଲଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ଯାଇ ତାଙ୍କ ପୁଅ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସରପଂଚ ଶଙ୍କର୍ଷଣ ପରିଡ଼ା ଓ ଗ୍ରାମବାସୀମାନେ ତୁରନ୍ତ ପ୍ରଫୁଲ୍ଲଙ୍କୁ ଚିକିତ୍ସା ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ମେଡ଼ିକାଲରେ ପହଂଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ପରେ ପ୍ରଫୁଲ୍ଲଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ମେଡ଼ିକାଲ୍‌କୁ ନିଆଯାଇଥିଲା। ଗତକାଲି ସନ୍ଧ୍ୟା ହୋଇଯିବାରୁ ଆଜି ବ୍ୟବଚ୍ଛେଦ କରାଯାଇ ମୃତ ଶରୀରକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଇଁଷି ଚରାଇ ପ୍ରଫୁଲ୍ଲ ତାଙ୍କ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମୃତ୍ୟୁରେ ତାଙ୍କର ବିଧବା ପତ୍ନୀ, ୧ବର୍ଷର ପୁଅ ଓ ବୃଦ୍ଧ ବାପା-ମା ବେସାହାରା ହୋଇଯାଇଛନ୍ତି।

# ଅଚଳ ଷ୍ଟ୍ରିଟ୍ ଲାଇଟ୍ ସଚଳ କରାଇବାକୁ ରାଜ୍ୟସଭା ସାଂସଦଙ୍କୁ ଦାବି

ରାଜକନିକା, (ସବ୍ୟୁ) :ରାଜକନିକା ବ୍ଲକ ସଦର ମହକୁମା କଣ୍ଟପଡା ବଜାରରେ ଲଗା ଯାଇଥିବା ଷ୍ଟ୍ରିଟ ଲାଇଟ ବର୍ଷ ବର୍ଷ ଧରି ଅଚଳ ହୋଇ ପଡିବା ଓ ବାରମ୍ବାର ଅଭିଯୋଗ ଆନ୍ଦୋଳନ ପରେ ବି ସଚଳ ନ ହେବାରୁ ଆଜି ରାଜ୍ୟସଭା ସାଂସଦ ଓ ବିଜେପି ରାଜ୍ୟ ସଭାପତିଙ୍କୁ ଭେଟି ଦାବୀ କରିଛନ୍ତି ଯୁବନେତା ଶ୍ରେୟସ ଦାସ । ରାଜକନିକା ସଦରର ମୁଖ୍ୟ ବଜାର ଓ କଟକ -ଚାନ୍ଦବାଲି ରାସ୍ତାର ପ୍ରମୁଖ ସହର କଣ୍ଟପଡା ବଜାର ଆଲୋକୀକରଣ ପାଇଁ ୨୦୨୨ ମସିହା ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏଠାରେ ଆଲୋକୀକରଣ କରାଯାଇଥିଲା । ମାତ୍ର କିଛି ମାସ ଏହା ଜଳିବା ପରେ ବିଲ କିଏ ଭରିବ ବୋଲି ସମସ୍ୟା ହୋଇ ତାହା ବନ୍ଦ ରହିଲା । ପୁଣି ଖରସୋତାରୁ ଚାନ୍ଦବାଲିକୁ ପାଇପ ବିଛାଇବା ବେଳେ କେତେକ ଜାଗାରେ ତାର କଟିଯିବାରୁ ତାହା ଅଚଳ ହୋଇ ପଡିଛି । ଏଥିପାଇଁ କଣ୍ଟପଡା ବଜାର ସତ୍ୟ ନାରାୟଣ ବଣିକ ସଙ୍ଘ ବହୁବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବା ଠାରୁ ଆରମ୍ଭ କରି ସାମ୍ବାଦିକ ସମ୍ମିଳନୀ କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆନ୍ଦୋଳନ କରି ମଧ୍ୟ କୌଣସି ସୁଫଳ. ମିଳିନାହିଁ ।

ଏଭଳି ଏକ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅଚଳ ହୋଇ ପଡିବା ରହିଥିବାରୁ ଆଜି ଭୁବନେଶ୍ୱର ଠାରେ ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ଭେଟି ଏହି ଅଚଳ ଷ୍ଟ୍ରିଟ ଲାଇଟ କାର୍ଯ୍ୟକ୍ଷମ କରିବାକୁ ଦାବୀ ଜଣାଇଛନ୍ତି ବିଜେପି ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସ । ସାଂସଦ ଏହି ଅଭିଯୋଗ ପାଇବା ପରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିବା ଶ୍ରେୟସ କହିଛନ୍ତି । ସୂଚନା ଥାଉ କି ରାଜକନିକା ସଦର ମହକୁମା ଆଲୋକିକରଣ କରିବାପାଇଁ ଗତ ୩ବର୍ଷ ତଳେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ପଥପାର୍ଶରେ ଷ୍ଟ୍ରୀଟ ଲାଇଟ ଲଗାଯାଇଥିଲା । କଟକ-ଚାନ୍ଦବାଲି ରାସ୍ତାର ଗଞ୍ଜା ଘାଟ ଠାରୁ ଆରସା ଛକ ଓ ଗଞ୍ଜା ଗାଁ ମଙ୍ଗଳା ମନ୍ଦିର ଠାରୁ ଅଶୋକ ବଜାର ଏବଂ ଷ୍ଟକଚରଛକ ଠାରୁ ରାଜକନିକା ମେଡିକାଲ ଯାଏଁ ପଥ ପାର୍ଶରେ ୮୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ।

ହେଲେ ମାତ୍ର ୬ମାସ ଆଲୋକିକରଣ ହେବା ପରେ ଆଜକୁ ୩ ବର୍ଷହେବ ଷ୍ଟ୍ରୀଟ ଲାଇଟ ଗୁଡିକ ଖରାପ ହୋଇ ପଡିରହିଛି ।ଫଳରେ ରାତି ହେଲେ ଅନ୍ଧକାର ହୋଇଯାଉଛି ରାଜକନିକା ସଦର ମହକୁମା ।ଅନ୍ଧକାର ଯୋଗୁ ସାଧାରଣ ଲୋକେ ଓ ବ୍ୟବସାୟୀମାନେ ନାନା ହଇରାଣ ହରକତ ହେଉ ଥିବାବେଳେ ରାତିରେ ଅପରାଧ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି ।ଏବେ ଅବସ୍ଥା ଏମିତି ଯେ,କେଉଁଠି ଷ୍ଟ୍ରୀଟ ଲାଇଟ ଭାଙ୍ଗି ଗଲାଣି ତ ଆଉ କେଉଁଠି ଖୁଣ୍ଟ ଅଛି ଷ୍ଟିଟ ଲାଇଟ ନାହିଁ ।ତେବେ ଷ୍ଟ୍ରୀଟ ଲାଇଟ ଗୁଡିକ ଖରାପ ହୋଇଯିବାରୁ ସଂଧ୍ୟା ହେଲେ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡୁଛି ମାର୍କେଟ ବଜାର ।ଅନ୍ଧାର ଯୋଗୁ ବିଶେଷ କାରୀ ମହିଳା ମାନେ ବଜାର ଆସିବାକୁ ଅସୁରକ୍ଷିତ ଭାବୁଛନ୍ତି ।

ଏହା ସହିତ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟିବା ସହିତ ଚୋରି ଓ ରାହାଜନୀ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି ।ଏଥି ସହିତ ରାଜକନିକା ସଦର ମହକୁମାରେ ଥିବା ଅଶୋକ ବଜାର ଓ କଣ୍ଟପଡ଼ା ବଜରର ବ୍ୟବସାୟୀ ମାନେ ଆନ୍ଧର ଯୋଗୁ ନାନା ହଇରାଣ ହରକତ ମଧ୍ୟ ହେଉଛନ୍ତି । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଲାଗିଛି ।ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନି ।

# ସାଂସଦଙ୍କ ସାଲେପୁର ଗସ୍ତ

ସାଲେପୁର ,(ସବ୍ୟୁ) : ଦେଶରେ ମୋଦୀ ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟରେ ମୋହନ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ରାପଡ଼ା ସାଂସଦ ବୈଜନ୍ତ ପଣ୍ଡା ସାଲେପୁର ଗସ୍ତ କରି ବଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଓ ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି ନେତୃତ୍ୱରେ ଶନିବାର ସକାଳୁ ମା' ସାହେଶ୍ୱରୀ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସାଂସଦ ବୈଜୟନ୍ତ ପଣ୍ଡା ସାମିଲ ହୋଇଥିଲେ । ପରେ ବୃକ୍ଷରୋପଣ କରିବା ସହ ସାଲେପୁର ମଧୁସୂଦନ ଭବନରେ ଦଳିତ ଓ ଆଦିବାସୀ ସମ୍ପ୍ରଦାୟ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିଥିଲେ । ସାଲେପୁରର ବିଭିନ୍ନ ସମସ୍ୟା ଓ ତାର କିପରି ସମାଧାନ ହୋଇପାରିବ ସେ ସମ୍ବନ୍ଧରେ ବରିଷ୍ଠ ବ୍ୟକ୍ତିଙ୍କ ସହ ବିଚାର ବିମର୍ଷ କରିଥିଲେ ।



ଏହି କାର୍ଯ୍ୟକ୍ରମରେ ସାଲେପୁର ବିଜେପିର ବରିଷ୍ଠ ନେତା କୁଞ୍ଜ ମୋହନ ସେଠୀ, ଚୌଧୁରୀ ହେମନ୍ତ ସାହୁ,ରଶ୍ମି ରଞ୍ଜନ ଲେଙ୍କା, ତ୍ରିଲୋଚନ ପାତ୍ର,ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତି, ପ୍ରସନ୍ନ ମିଶ୍ର,ସତ୍ୟବାଦୀ ଚଇନି,ଚିତ୍ତରଞ୍ଜନ ଶତପଥୀ,ଶଶିକାନ୍ତ ମହାନ୍ତି, ରିତେଶ ଦାସ, ଅମିତ ସାଙ୍ଖୁ, ହରେକୃଷ୍ଣ ବେହେରା, ସଞ୍ଜୟ କାଣ୍ଡି, କାର୍ତ୍ତିକ ବେହେରା, ସଂଧ୍ୟାରାଣୀ ଶତପଥୀ, ପୁଷ୍ପଲତା ଦତ୍ତ, ରେଣୁବାଳା ରାଉତ, ନିର୍ମଳା ସିଂହ,ନତୀ ପ୍ରଧାନ, ପୁଷ୍ପାଞ୍ଜଳୀ ନାଥ, ରଶ୍ମିତା ବେହେରା, ଜାନକୀ କାଣ୍ଡି, ଗୌରୀ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ ।

# ବିଜୁ ଜନତାଦଳର ନାରୀ ଅଧିକାର ଅଭିଯାନ




ପିପିଲି, (ସବ୍ୟୁ): ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ପକ୍ଷରୁ ନାରୀ ଅଧିକାର ଅଭିଯାନ ସଭା ବିଜୁ ଜନତାଦଳ କାର୍ଯ୍ୟାଳୟ ପିପିଲି ଠାରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମକୁ ମହିଳା ବିଜେଡି ସଭାନେତ୍ରୀ ଜୋସ୍ନାରାଣି ପୃଷ୍ଟି ସଭାପରିଚଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରାଜ୍ୟ ବିଜୁ ଜନତାଦଳ ମହିଳା ସଭାପତି ସ୍ନେହାଙ୍ଗିନି ଛୁରିଆ , ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ,ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ବିଜେପି ସରକାର ମହିଳାଙ୍କମାନଙ୍କ ପ୍ରତି ବୈମାତୃକ ମନୋଭାବ ଅଭିଯୋଗ ଆଣି ବକ୍ତବ୍ୟ ରଖିଥିଲେ । ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ ପାସ ହୋଇଥିବା ବେଳେ କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକ୍କା ବିଷୟରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡିଶାରେ ଗତ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢି ଚାଲିଥିବା ମାଟି,ବାଲି,ମୋରମ,ମାଙ୍କଡାପଥର ଚୋରାଚାଲଣ ଦିନକୁ ଦିନ ବୃଦ୍ଧି ପାଇଥିବା ବେଳେ ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ମହିଳା ହିଂସା ନାରୀ ନିର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ଉଦ୍ଦେଶ୍ୟରେ ମହିଳା ବିଜୁ ଜନତାଦଳ ପକ୍ଷରୁ ପିପିଲି ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତି ଗ୍ରହଣ ଖରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ନାରୀ ଅଧିକାର ଅଭିଯାନ ସଂଯୋଜିକା କସ୍ତୁରୀ ମହାପାତ୍ର, ସାଧାରଣ ସମ୍ପାଦିକା ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ , ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀ ସ୍ୱାଇଁ , ସ୍ନେହାଞ୍ଜଳି ମହାନ୍ତି, ତିଳତମା ଚୌଧୁରୀ, ଇଲ୍ଲା ସ୍ୱାଇଁ ,ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନ ନନ୍ଦ, ପିପିଲି ଏନଏସିର ଉପାଧକ୍ଷ ଭାଗଯବତୀ ମହାରଣା, ମମତା ମଲ୍ଲିକ ଙ୍କ ସମେତ ପିପିଲି-ଡେଲାଙ୍ଗ ଓ ପିପିଲି ଏନଏସି ପକ୍ଷରୁ ହଜାର ହଜାର ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଭାପୁର ବ୍ଲକରେ ଖୋଲିବ ପାଠାଗାର

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ସଦର ମହକୁମାରେ ପଠନ ଉପଯୋଗୀ ପାଠାଗାର ରହିଥିବାବେଳେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ପାଠାଗାର ନ ଥିବାରୁ ଛାତ୍ରଛାତ୍ରୀ ଙ୍କ ଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ବହୁମୂଲ୍ୟ ସମୟ ଉପଯୋଗୀ ପୁସ୍ତକ ପଠନ ପାଉନାହାନ୍ତି। ଫଳରେ,ଅନେକ ମେଧାବୀ ଗରିବ ଘରର ଛାତ୍ରଛାତ୍ରୀ ପ୍ରଶାସନିକ କ୍ଷେତ୍ରରେ ପ୍ରସ୍ତୁତି ହେବାରୁ ନିବୃତ ରହୁଛନ୍ତି।ଭାପୁର ବ୍ଲକରେ ପାଠାଗାରା ଉନ୍ନତି ପାଇଁ ଅତୀତରେ ବ୍ଲକ ଯୁବ ଏବଂ ସାମାଜିକ କଲ୍ୟାଣ କେନ୍ଦ୍ର,ଫତେଗଡ଼ ର ସମ୍ପାଦକ ଡଃ ନିତ୍ୟରଞ୍ଜନ ଦାସ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ ମଧ ଏହି ଚିଠି ବ୍ଲକରୁ ଫରୱାର୍ଡ ହୋଇ ଜିଲ୍ଲା ପ୍ଲାନିଙ୍ଗ ମନିଟରିଙ୍ଗ ୟୁନିଟରେ ସାଂସଦଙ୍କ ଅନୁମୋଦନ ପାଇଁ ପଡିରହିଥିଲା।କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏହି ଚିଠିକୁ ମଙ୍ଗଳବାର ଦିନ ଅନୁମୋଦନ କରି ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଚିଠି କରିଥିବାରୁ ଭାପୁର ବ୍ଲକରେ ଏକ ପାଠାଗାର ଖୋଲିବା ଆଶା ଉଦ୍ଦୀପିତ ହୋଇଛି।

# ଭାର୍ଗବୀ ନଦୀରେ ବୁଡି ଦୁଇ ଭାଇ ମୃତ



ଚନ୍ଦନପୁର ,(ସବ୍ୟୁ): ଭାର୍ଗବୀ ନଦୀର ଚନ୍ଦନପୁର ଠାରେ ଶନିବାର ପୂର୍ବାହ୍ଣରେ ଦୁଇ ଭାଇ ନଦୀକୁ ଗାଧୋଇବାକୁ ଯାଇଥିଲେ । ନଦୀ ରେ ଗାଧୋଇବା ସମୟରେ ଦୁଇ ଭାଇ ଭାସିଯାଇ ନଦୀରେ ବୁଡିଯାଇଥିଲେ । ଘଟଣାରୁ ପ୍ରକାଶ ବୀର ପ୍ରତାପପୁର ଗ୍ରାମ ପଞ୍ଚାୟତର କେତକିପାଟଣା ଗ୍ରାମର ରାମକୃଷ୍ଣ ରାୟଙ୍କ ପୁତ୍ର ଆଦିତ୍ୟ ରାୟ ( ୧୩ ) ଓ ସାଇ କିଷ୍ଣା ରାୟ ( ୧୨ ) ଭାର୍ଗବୀ ନଦୀରେ ଗାଧୋଇବା ବେଳେ ବୁଡି ଯାଇଥିଲେ । ସଙ୍ଗେ ସଙ୍ଗେ ଗ୍ରାମବାସୀ ଦୁଇ ଭାଇଙ୍କୁ ଉଦ୍ଧାର କରି ଚନ୍ଦନପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଏଥିପାଇଁ ସାରା ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି ।

# ରଜ ସଂକ୍ରାନ୍ତିରେ ମଞ୍ଚସ୍ଥ ହେବ ନାଟକ 'ଅସତୀ ତୁଳସୀ ସତୀ ଚଉରା'

ନିରାକାରପୁର,(ସବ୍ୟୁ): ପବିତ୍ର ରଜ ଉତ୍ସବ ଅବସରରେ ଆସନ୍ତା ୧୫ ତାରିଖ ରଜ ସଂକ୍ରାନ୍ତି ଦିନ ସ୍ଥାନୀୟ ଛଣଗିରି ରଜ ପଡ଼ିଆଠାରେ ମହାବୀର ଯୁବ ନାଟ୍ୟ କଳା ପରିଷଦ ପକ୍ଷରୁ ଏକ ଭବ୍ୟ ନାଟକ ପରିବେଷଣ କରାଯିବାକୁ ଯାଉଛି। ଚଳିତ ବର୍ଷ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି।ଏହି ନାଟକଟି ରଜ ସଂକ୍ରାନ୍ତି ସନ୍ଧ୍ୟା ୯ଟା ସମୟରୁ ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ଉପଦେଷ୍ଟା ସୁଶାନ୍ତ ପରିଡ଼ା, ପରିଚାଳକ ସତ୍ୟଜିତ ଦାଶ, ନବକିଶୋର ପ୍ରଧାନ, ମାନସ ଦାସ, ମନୋରଞ୍ଜନ ସାମନ୍ତରାୟ, ଦୁର୍ଗାପ୍ରସାଦ ସୁନ୍ଦରାୟ ଓ ବୁବୁ ସୱାଇଁ ପ୍ରମୁଖ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।ଅଞ୍ଚଳର ସମସ୍ତ କଳାପ୍ରେମୀ ତଥା ଦର୍ଶକବୃନ୍ଦ ଉକ୍ତ ଦିନ ସନ୍ଧ୍ୟାରେ ଉପସ୍ଥିତ ରହି ନାଟକଟିକୁ ଉପଭୋଗ କରିବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

# କର୍ମଚାରୀ ଅଭାବ : ଫେଲ ମାରିଛି 'ଗାଁ କୁ ଫେରିବ ତହସିଲ' କାର୍ଯ୍ୟକ୍ରମ

ଭାପୁର , (ସବ୍ୟୁ): ରାଜ୍ୟ ସରକାର ଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ଗାଁ କୁ ଫେରିବ ତହସିଲ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଧୂଆଁବାଣ ସଦୃଶ୍ୟ ହୋଇଛି। ଏହି କାର୍ଯ୍ୟକ୍ରମ ର ସୁଫଳ ଭାପୁର ତହସିଲ ଅନ୍ତର୍ଗତ ଜନସାଧାରଣ ପାଉନଥିବାରୁ ଅସନ୍ତୋଷ ଦେଖାଦେଇଛି ପରନ୍ତୁ, ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ଜନସାଧାରଣ ଭାପୁର ତହସିଲ କାର୍ଯ୍ୟାଳୟକୁ ଧାଇଁଧାଇଁ ନୟାନ୍ତ ହେଉଛନ୍ତି ପଛେ ମାସମାସ ଧରି କାର୍ଯ୍ୟ ସମାଧାନ ହୋଇପାରୁନାହିଁ। ଭାପୁର ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ଜନସାଧାରଣ ନିଜର ମୌଳିକ ସମସ୍ୟା ସମାଧାନ ପାଇଁ ବିଳମ୍ବ ହେଉଥିବା ଜଣାପଡିଛି ।ଫଳରେ, ସେମାନଙ୍କ ସମସ୍ୟା ଗୁଡିକ ଦିନ ପରେ ଦିନ ଗଡି ଚାଲିଛି।ଜନସାଧାରଣ ୭୦୦/୮୦୦ ଟଙ୍କା ଦାଖଲ କରି ତହସିଲ ପୋର୍ଟାଲ ରେ ସମସ୍ୟା ସମାଧାନ ପାଇଁ ଆବେଦନ କରିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଲୋକଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କର୍ମଚାରୀ ନ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି କି କର୍ମଚାରୀ ମାନେ ତହସିଲ କାର୍ଯ୍ୟାଳୟ କୁ ଜନସାଧାରଣ ମାନଙ୍କୁ ନ ଆସିବା ପାଇଁ ବାରଣ କରୁଥିବା ନଜିର ରହିଛି।ଇତିମଧ୍ୟରେ, ହେଡ଼କ୍ଲର୍କଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଭାପୁର ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି ।ତେଣୁ,ରାଜ୍ୟ ସରକାର ଭାପୁର ତହସିଲରେ ପୂର୍ଣ୍ଣମାତ୍ରାରେ କର୍ମଚାରୀ ରଖିବାକୁ ସାଧାରଣରେ ଦାବୀ ହୋଇଛି।

# ଦେଉଳିଧରପୁରରେ ଜଳିଗଲା ୪ ବଖରା

ବାଲିପାଟଣା, (ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଦେଉଳିଧରପୁର କାଣ୍ଡି ସାହି ଗ୍ରାମରେ ଅଗ୍ନିକାଣ୍ଡଘଟି ୨ ଜଣଙ୍କ ୪ ବଖରା ଘର ଏବଂ ବହୁ ମୂଲ୍ୟବାନ ସମ୍ପତ୍ତି ପୋଡି ପାଉଁଶହୋଇ ଯାଇଛି ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିଥିଲା ସେତେବେଳକୁ ନିଆଁରେ ଅନେକ କ୍ଷୟକ୍ଷତି ହୋଇସାରିଥିଲା। ଶୁକ୍ରବାର ରାତି ପ୍ରାୟ ସାଢେ ଗୋଟେରେ ଏହି ଗ୍ରାମର ବିପନ ଭଞ୍ଜଙ୍କ ଘରେ ନିଆଁ ଲାଗିଥିଲା ପରିବାର ଲୋକେ ଶୋଇଥିବା ଅବସ୍ଥାରେ ନିଆଁ ଲାଗି ବ୍ୟପି ଯାଇଥିଲା ନିଆଁ ତାତି ଅନୁଭବ ହେବାରୁ ବିପିନଙ୍କ ଘର ଲୋକେ ଉଠି ପଡିଥିଲେ ସେତେବେଳକୁ ନିଆଁ ଉଗ୍ର ରୂପ ଧାରଣ କରି ସାରିଥିଲା ବିପିନଙ୍କ ଘର ପରେ ପ ବିଶ୍ୱନାଥ କାଣ୍ଡିଙ୍କ ଘରକୁ ନିଆଁ ବ୍ୟାପି ଯାଇଥିଲା ।

ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋହାଲ୍ଲା ଶୁଣି ନିଆଁ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ ନିଆଁ ଲିଭାଇବାରେ ସାହାଯ୍ୟ କରିବା ସହିତ ୧୦୧କୁ କଲ କରିଥିଲେ ନିଆଳି ଅଗ୍ନିଶମ ବିଭାଗ ଗାଡି ପହଞ୍ଚିବା ପୂର୍ବରୁ ବିପିନଙ୍କ ୩ ବଖରା ଘର ଚାଳ ଘର , ନଗଦ ପ୍ରାୟ ୬ ହଜାର ଟଙ୍କା , ଧାନ. ଚାଉଳ ବହୁ ଆସବାବପତ୍ର , ଲୁଗାପଟା , ଜରୁରୀ କାଗଜପତ୍ର ସବୁ ପୋଡି ପାଉଁଶ ହୋଇ ଯାଇଥିଛି ବିଶ୍ୱନାଥ କାଣ୍ଡିଙ୍କର ୫ ବସ୍ତା ଧାନ ମଧ ପୋଡି ପାଉଁଶ ହୋଇଯାଇଛି ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଲୋକେ ଅନୁମାନ କରିଛନ୍ତି ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିଭୂତି ଭୂଷଣ ପାତ୍ର ଓ ତ୍ରିଲୋଚନ ଜେନା ଶୋକ ସନ୍ତପ୍ତ ପରିବାରଙ୍କ ପାଖରେ ପହଞ୍ଚି ଆଶ୍ୱାସନା ଦେବା ସହିତ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିକାଶର ଧାରା ଉତ୍ସବ



ନୟାଗଡ଼, (ସବ୍ୟୁ): ପଠାଣି ସାମନ୍ତ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିକାଶର ଧାରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲପାଳ ମଧୁମିତା ରଥ ସଭାପତିତ୍ୱ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତରାୟ, ସମ୍ମାନିତ ଅତିଥି ରୂପେ ବାଚସ୍ପତି ସୁରମା ପାଢ଼ୀ, ଏବଂ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଦୁଷ୍ମନ୍ତ କୁମାର ସୱାଇଁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ରେ ରାଜ୍ୟରେ ବିକାଶର ଧାରା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ଅନେକ ହିତାଧିକାରୀଙ୍କୁ ସ୍ମାର୍ଟଫୋନ, ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅନ୍ତର୍ଗତ କାର୍ଡ ବଣ୍ଟନ ଓ ଚରଖ ବଣ୍ଟନ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମଦ୍ଦାର, ବିଭିନ୍ନ ବିଭାଗର ଅଧକାରୀ, ବୁଦ୍ଧିଜିବୀ ଏବଂ ମହିଳା ଯୋଗ ଦେଇଥିଲେ।

# ଡଃ ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଅମୃତବାଣୀ ସାରସ୍ୱତ ସାଧକ ଉପାଧି




ଖଣ୍ଡପଡ଼ା,(ସବ୍ୟୁ):ଖଣ୍ଡପଡାର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟ ଅମୃତ ବାଣୀ ସାରସ୍ୱତ ସାଧକ ଉପାଧିରେ ଭୂଷିତ ହୋଇଥିବା ଜଣାଯାଇଛି।ଭାରତ ସରକାରଙ୍କ କେନ୍ଦ୍ରୀୟ ସଂସ୍କୃତ ବିଶବିଦ୍ୟାଳୟ, ନୂଆଦିଲ୍ଲୀ ଦ୍ୱାରା ଅନୁମୋଦିତ ବାଲେଶର ସ୍ଥିତ ଅମୃତ ବାଣୀ ଆଦର୍ଶ ଶୋଧ ସଂସ୍ଥାନ ପରିସରରେ ଆୟୋଜିତ ଆବାସୀୟ ସଂସ୍କୃତ ଦକ୍ଷତା ବିକାଶ କାର୍ଯ୍ୟଶାଳାର ନବମ ସନ୍ଧ୍ୟାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଡକ୍ଟର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୂଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡଃ ଆଚାର୍ଯ୍ୟଙ୍କୁ ଏହି ଅମୃତ ବାଣୀ ସାରସ୍ୱତ ସାଧକ ଉପାଧି ରେ ସମ୍ମାନିତ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଡଃ ଆଚାର୍ଯ୍ୟଙ୍କର ବହୁ ଅବଦାନ ଥିବା ବେଳେ ପୂର୍ବରୁ ଆନ୍ଧ୍ର ପ୍ରଦେଶର ତିରୁପତି ବିଶ୍ୱବିଦ୍ୟାଳୟରେ ବହୁ ପଦବୀରେ ଅବସ୍ଥାପିତ ହୋଇ ସୁନାମ ଅର୍ଜନ କରିଥିଲେ। ଏବେ ଓଡ଼ିଶାର ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେଇଥିବା ବେଳେ ନିଜ ଜନ୍ମମାଟି ନଟବରପୁର ଶାସନ ଗ୍ରାମରେ ନିଜସ୍ୱଉଦ୍ୟମରେ ବେଦ ଶାସ୍ତ୍ର ପାଠଶାଳା ଖୋଲି ଗରୀବ ବ୍ରାହ୍ମଣ ଛାତ୍ର ମାନଙ୍କୁ ସେଠାରେ ବେଦ, ଉପନିଷଦ, କର୍ମକାଣ୍ଡ ସହ ବିଦ୍ୟାଳୟର ପାଠ୍ୟକ୍ରମ ମଧ ଶିକ୍ଷା ପ୍ରଦାନ କରାଯାଉଛି। ସଂସ୍କୃତ ବିଦ୍ୱାନ ଡଃ ଆଚାର୍ଯ୍ୟ ଏହି ଉପାଧି ପ୍ରାପ୍ତ ହେବା ପରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିବାର ସହ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ତରଫରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଥି ଜଣାଯାଇଛି।

## ମୂଳାଗଡ଼ ଛକ ଦେଶୀ ବିଦେଶୀ ମଦ ଭଣ୍ଡାର

କାକଟପୁର ,(ସବ୍ୟୁ) :କାକଟପୁର ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ର ଗ୍ରାମରେ ଚୋରାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି ।ଯାହାକି ମିସଡ କଲ ମାରିଲେ ଠିକଣା ଜାଗାରେ ମଦ ପହଁଚି ଯାଉଛି ।ମୂଳାଗଡ଼ ଛକରେ ଚବିଶ ଘଣ୍ଟିଆ ଚୋରା ମଦ, ବ୍ରାଉନ ସୁଗାର, ଗଞ୍ଜେଇ ସିଗାରେଟ, ଭାଙ୍ଗ, ଅଫିମ ଖୁଲମ ଖୋଲା ବିକ୍ରି ଚାଲିଛି ।ରାସ୍ତା ପାର୍ଶ ରେ ଖୁଲମ ଖୋଲା ବିକ୍ରି ଚାଲିଛି ଝ ଏହି ଛକର ନିକଟବର୍ତ୍ତୀ ତହସିଲ କାର୍ଯ୍ୟାଳୟ, ସବ ରେଜେଷ୍ଟ୍ରି ଅଫିସ ଓ ମହିଳା କଲେଜ ହୋଇଥିବାରୁ ପ୍ରାୟ ସମୟ ଜନ ଗହଳି ପୂର୍ଣ୍ଣ ହୋଇଥାଏ । ଏଠାରୁ ଚୋରା ଦେଶୀ, ବିଦେଶୀ ମଦ ବସ୍ତା ବସ୍ତା ପରିମାଣରେ ବାଇକି, ସ୍କୁଟି, ଓ ତିନି ଚକିଆ ଯାନ ରେ ବ୍ଲକ ର ୧୬ ଗୋଟି ପଞ୍ଚାୟତ କୁ ଦିନ ରାତି ଚୋରା ବେପାରୀ ମାନେ ବେଧଡ଼କରେ ବୋହିଥାନ୍ତି । ସେହିପରି କୁଣ୍ଡେଇ ହାଟ, ଶୁକପୋଖରୀ, ଯୋରାପୋଖରୀ, ବାଙ୍ଗୁରୀଗାଁ, ବ୍ଲକ ଛକ, ଗମ୍ଭାରିପଦା, ଫକିର ସାହି, ଆମୁଣିଆ ପାଟଣା, ଖଣ୍ଡାସାହି ପ୍ରମୁଖ ଅଞ୍ଚଳରେ ଚୋରା ମଦର ଆସର ଜମିଛି । ଗ୍ରୀଷ୍ମ ଦିନରେ ଅନେକ ଗ୍ରାମରେ ପାନୀୟ ଜଳର ସମସ୍ୟା ରହିଛି ।କିନ୍ତୁ ଗାଁ ଠାରୁ ବଜାର ପର୍ଯ୍ୟନ୍ତ ଚୋରା ମଦ ଅତି ସହଜରେ ମିଳି ଯାଉଛି ।ଗାଁରେ ଛୋଟ କେଭିନ ଟିଏ ହେଉ କି ଛକରେ ବଜାରରେ ଥିବା ପାନ ଦୋକାନ ଠାରୁ ଆରମ୍ଭ କରି ରାସନ ଦୋକାନ ପ୍ରଯ୍ୟନ୍ତ ସବୁଠି ମଦ ମିଳୁଛି ।ଏପରିକି ଛୋଟ ବଡ଼ ହୋଟେଲ ରେ ମଧ ମଦ ବିକ୍ରି ଚାଲିଛି ।ସବୁ ଜାଣି ଅଜଣା ସାଜିଛି ଅବକାରୀ ବିଭାଗ । ଆଶ୍ଚର୍ଯ୍ୟ ବିଷୟ ପଞ୍ଚାୟତ ପିଛା ୫ ରୁ ୧୦ ଲେଖାଏଁ ହିସାବରେ ବ୍ଲକ ଅଧୀନରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଚୋରା ମଦ ଦୋକାନ ଖୋଲିଛି ।ଦୈନିକ ଗ୍ରାହକ ଙ୍କ ଚାହିଦା ଅନୁଯାଇ ଉକ୍ତ ଚୋର ମଦ ଦୋକାନକୁ କଲ ମାରିଲେ ବସିଥିବା ସ୍ଥାନରେ ଆସି ମଦ ପହଁଚି ଯାଉଛି ।ଅବଶ୍ୟ ବ୍ଲକ ଅଧିନ ଗୋଟିଏ ଦୁଇଟି ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ ହେବାରୁ ସେଠାରେ କିଛି ମାତ୍ରାରେ ମଦ ବିକ୍ରି କମିଛି ।କିନ୍ତୁ ଏବେ ବି ଶତାଧିକ ଚୋରା ମଦ ଦୋକାନରେ ଏମିତିକି ଫାଷ୍ଟଫୁଡ଼ ଦୋକାନରେ ପେଟି ପେଟି ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି ।ଚୋରା ମଦ ରୋକିବାକୁ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଦୃଷ୍ଟି ଦେଇ ଚୋରା ମଦ ବେପାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କାକଟପୁର ଅଞ୍ଚଳର ଜନ ସାଧାରଣ ଓ ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦାବି ହୋଇଛି ।

# ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର




ବାଲିପାଟଣା , (ସବ୍ୟୁ): ସରିପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ଶିଶୁ ମାନଙ୍କ ପାଇଁ ଆୟୋଜିତ ଗ୍ରୀଷ୍ମ କାଳୀନ ଶିଶୁ ପ୍ରତିଭା ଶିବିର ଉଦଯାପିତ ହୋଇଯାଇଛି। ସାତ ଦିନ ଧରି ଚାଲିଥିବା ଶିବିରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହିତ ଶାରୀରିକ ବିକାଶ ପାଇଁ ସୂତ୍ର ବତାଇ ଦିଆ ଯାଇଥିଲା।ପିଲାମାନେ କୌତୁକ ପୋଷାକ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ ରେ ଅଂଶ ଗ୍ରହଣ କରିଥିଲେ।ସମଗ୍ର ଶିବିରକୁ ପ୍ରଭାସିନୀ ଭୋଳ ଓ ସାଗରିକା ପ୍ରଧାନ ପରିଚାଳନା କରିଥିଲେ ।ଉଦଯାପନ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ସମାଜସେବୀ ମଧୁସୂଦନ ଦାସ,ଡ ଅନିତା ସାବୁତ,ଶିଶିର ସାହୁ,ଅଧ୍ୟାପକ ସହଦେବ ମଲ୍ଲିକ, ରୂପାଲୀ ହାତୀ,ଘନଶ୍ୟାମ ଭୋଳ,ବିଭୂତି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ର ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ।

# ମରାମତି ଅଭାବରୁ ତହସିଲ କାର୍ଯ୍ୟାଳୟ ବିପଦପୂର୍ଣ୍ଣ

ବାଲିପାଟଣା ,(ସବ୍ୟୁ): ସମଗ୍ର ବ୍ଲକ ଅଞ୍ଚଳ କୁ ଭୂମିଗତ ସୁରକ୍ଷା ପ୍ରଦାନ କରୁଥିବା ବାଲିପାଟଣା ତହସିଲଦାର ଙ୍କ କାର୍ଯ୍ୟଳୟ ସ୍ୱୟଂ ଅସୁରକ୍ଷିତ ହୋଇ ପଡିଛି।ଗ୍ରାମ ଉନ୍ନୟନ ବିଭାଗ ପାଖରେ ଏଥି ପାଇଁ ଅର୍ଥ ଥାଇବି ମାସ ମାସ ଧରି କୌଣସି ମରାମତି କାର୍ଯ୍ୟ ନହେବା ଯୋଗୁଁ ଏଠାକୁ ଆସୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସବୁଠାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ଏହାର ପ୍ରବେଶ ଦ୍ୱାର।ଯେ କୌଣସି ମୁହୂର୍ତ୍ତରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି।ପୂର୍ବରୁ ଏହା ଉପରେ ଲେଖା ଯାଇଥିବା ନାମ ଫଳକ ଖଣ୍ଡ ଖଣ୍ଡ ହୋଇ ଖସି ପଡ଼ି ବାରୁ ଏହାକୁ ଛଡ଼ାଇ ଦିଆ ଯାଇଛି।କାର୍ଯ୍ୟଳୟ ଭିତରେ ଅନେକ ସ୍ଥାନରେ ମରାମତିର ଆବଶ୍ୟକତା ରହିଛି।କାର୍ଯ୍ୟଳୟ ପରିସରରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି ହୋଇ ବିଷାକ୍ତ ଜୀବଜନ୍ତୁ ଙ୍କ ଆଶ୍ରୟ ସ୍ଥଳ ପାଲଟିଯାଇଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତହସିଲଦାର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ନିର୍ମିତ ହୋଇଥିବା କ୍ୱାର୍ଟର ଗୁଡ଼ିକ ଅବ୍ୟବୃହୃ ହେବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା।ବର୍ତ୍ତମାନର ତହସିଲଦାର ସେଠାରେ ରହିବା ପାଇଁ ଚାହୁଁଥିଲେ ମଧ ଏହାକୁ ରହିବାଯୋଗ୍ୟ କରାଯାଉନାହିଁ।ଅଭିଯୋଗ ହେଉଛି ଯେ ଠିକାଦାର ଙ୍କ ମଧ୍ୟରେ ମନାନ୍ତର ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ସିଡୁଲ୍ଡ ରେଟ ରେ କାମ କରିବା ପାଇଁ ସରକାର ନୂଆ ବ୍ୟବସ୍ଥା କରିବା ପୂର୍ବରୁ ଏହି କାମ ପାଇଁ ଯେଉଁ ଠିକାଦାର ଟେଣ୍ଡର ନେଇଥିଲେ,ତାଙ୍କୁ ଠିକାଦାର ସଂଘ ନାମରେ କିଛି ଗୋଷ୍ଠୀ କାମ କରାଇ ଦେଉନାହାନ୍ତି ବୋଲି ବିଭାଗୀୟ ଅଧିକାରୀ ଙ୍କ ଠାରୁ ସୂଚନା ମିଳିଛି। ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ସମସ୍ୟାର ସମାଧାନ କରି ଯଥାଶୀଘ୍ର ମରାମତି କାମ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ସାହିତ୍ୟରେ ଲକ୍ଷ୍ମୀପ୍ରିୟାଙ୍କ ସଫଳତା



କାକଟପୁର ,(ସବ୍ୟୁ): କାକଟପୁର ନିମାପଡା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୱାନ ୨ ପରକ୍ଷାରେ କୃତିତ୍ୱ ଅର୍ଜନ କରି ସମଗ୍ର ଅଂଚଳ ପାଇଁ ଗୌରବ ଅର୍ଜନ କରିପାରିଛି । ଉକ୍ତ ଶିକ୍ଷାନୁଷ୍ଠାନ ରେ ୫୫ ଜଣ ଛାତ୍ର ଛାତ୍ରୀ ମାତୃଭାଷା ସାହିତ୍ୟ ରେ ଶତକଡା ୯୦% ରଖିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ସାହିତ୍ୟରେ ୧୦୦ ରୁ (୧୦୦ ରଖି କୃତିତ୍ୱ ଅର୍ଜନ କରିଛନ୍ତି । ଗଗନ ସାରଙ୍କ ଶିକ୍ଷାଦାନ ରେ ଏହି ସଫଳତା ଅର୍ଜନ କରିପାରିଛନ୍ତି । ଛାତ୍ରୀ ଲକ୍ଷ୍ମୀପ୍ରିୟ ଙ୍କୁ ଫୁଲତୋଡ଼ା ଉତ୍ତରୀୟ ପ୍ରଦାନ କରାଯାଇ ଶିକ୍ଷାନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା ।

# ସିମିଳି ସରପଞ୍ଚଙ୍କ ମାତୃ ବିୟୋଗ



କୋଣାର୍କ ,(ସବ୍ୟୁ): କୋଣାର୍କ ଥାନା ଅଧିନସ୍ଥ ସିମିଳି ଗ୍ରାମପଞ୍ଚାୟତର ସରପଞ୍ଚ ବିଶ୍ୱଜିତ ସ୍ୱାଇଁଙ୍କ ବୋଉ ଶାନ୍ତିଲତା ସ୍ୱାଇଁ(୭୦)ଙ୍କ ର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରରେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ପୂର୍ବାହ୍ନରେ ଦେହାନ୍ତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ସ୍ୱର୍ଗତ ଶାନ୍ତି ଲତା ସ୍ୱାଇଁ ଜଣେ ଧର୍ମ ପରାୟଣ ଓ ପରୋପକାରୀ ମହିଳା ଭାବେ ସମଗ୍ର ସିମିଳି ଗ୍ରାମପଞ୍ଚାୟତ ତଥା ଗୋପ ବ୍ଲକରେ ଲୋକପ୍ରିୟ ଥିଲେ। ସ୍ୱର୍ଗତ ଶାନ୍ତି ଲତା ସ୍ୱାଇଁଙ୍କ ସ୍ୱାମୀ ସିମିଳି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁଙ୍କ ଧର୍ମପତ୍ନୀ ହୋଇଥିବା ବେଳେ ବର୍ତ୍ତମାନ ସିମିଳି ଗ୍ରାମପଞ୍ଚାୟତର ସରପଞ୍ଚ ବିଶ୍ୱଜିତ ସ୍ୱାଇଁଙ୍କ ମାଆ ଅଟନ୍ତି। ସେ ଦୀର୍ଘ ଦିନ ଧରି ଅସୁସ୍ଥତା ହୋଇ ନିଜ ବାସଗୃହ ସିମିଳି ଗ୍ରାମ ଠାରେ ଶଯ୍ୟାଶାୟୀ ଥିଲେ।ଗତ ଏକ ସପ୍ତାହ ତଳେ ସ୍ୱର୍ଗତ ଶାନ୍ତିଲତା ଙ୍କୁ ଚିକିତ୍ସା ପାଇଁ ଭୁବନେଶର ସ୍ଥିତ ଏକ ଘରୋଇ ହସ୍ପିଟାଲରରେ ଭର୍ତ୍ତି କରାଯାଇଥିଲା। ଶନିବାର ପୂର୍ବାହ୍ନରେ ତାଙ୍କର ଦେହାନ୍ତ ହୋଇଥିଲା। ସେଠାରୁ ଶବଧାରକୁ ଶୋଭାଯାତ୍ରା ଅଣାଯାଇ ସିମିଳି ଗ୍ରାମପଞ୍ଚାୟତ ପରିକ୍ରମା କରାଯିବା ପରେ ନିଜ ଗ୍ରାମ ଶ୍ମଶାନ ଠାରେ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ବଡପୁଅ ସଂଜୟ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ବାଲି , ମାଟି ଚାଲାଣ ବନ୍ଦ ନିମନ୍ତେ ଖୋଳଗଲା ଟ୍ରେଞ୍ଚ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ତହସିଲ ଅନ୍ତର୍ଗତ ଭାର୍ଗବୀ ନଦୀର ଗବକୁଣ୍ଡ ନୂଆ ନଈ କଟ ନିକଟରେ ନୂଆ ନଈରୁ ବାଲି ମାଫିଆ ମାନେ ନିୟମିତ ବାଲି ଉଠାଣ କରୁଥିଲେ । ଏହି ବେଆଇନ ବାଲି ଉଠାଣ ବନ୍ଦ ନିମନ୍ତେ ସତ୍ୟବାଦୀ ତହସିଲ ତରଫରୁ ଉକ୍ତ ଅଞ୍ଚଳରେ ବିଏନଏସଏସ ୧୬୩ ଧାରା ଲାଗୁ କରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରା ଯାଇଥିଲା ।ମାତ୍ର ବାଲି ଓ ମାଟି ମାଫିଅ ମାନେ ନିୟମିତ ଭାବରେ ଏହି ନିଷିଦ୍ଧାଞ୍ଚଳରୁ ବେଆଇନ ଭାବରେ ନୂଆ ନଈରୁ ବାଲି ଓ ମାଟି ଚାଲାଣ କରୁଥିଲେ ।ସତ୍ୟବାଦୀ ତହସିଲ ଓ ସତ୍ୟବାଦୀ ପୋଲିସ ତରଫରୁ ଅଚାନକ ଚଢ଼ାଉ କରାଯାଇଥିଲା । ବେଆଇନ ବାଲି ଉଠାଣ ଓ ଚାଲାଣ କାର୍ଯ୍ୟରେ ନିୟୋଜିତ ଏକ ଜେସିବି ଓ ୨ ଗୋଟି ହାଇୱା ଜବତ କରିଥିଲେ ।

ନୂଆ ନଈର ନିଷିଦ୍ଧାଞ୍ଚଳ ଯେଉଁଠି ଇକ୍ତଗଗ ୧୬୩ ଲାଗିଛି ତାକୁ ସଂଯୋଗ କରୁଥିବା ବେଆଇନ ରାସ୍ତା ଯାହା ବେଆଇନ ବାଲି ଆଉ ମାଟି ପରିବହନ ପାଇଁ ବ୍ୟବହାର ହେଉଥିଲା ତାହାକୁ ସତ୍ୟବାଦୀ ତହସିଲଦାର ଓ ସତ୍ୟବାଦୀ ପୋଲିସ ଦ୍ୱାରା ଟ୍ରେଞ୍ଚ ଖୋଳି ବିଚ୍ଛିନ୍ନ କରା ଯାଇଛି । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଓ ସତ୍ୟବାଦୀ ଆଇ ଆଇ ସି ସୌମ୍ୟରଞ୍ଜନ ମହାଳିକଙ୍କ ସମେତ ରାଜସ୍ୱ ନିରୀକ୍ଷକ ଓ ସତ୍ୟବାଦୀ ପୋଲିସ ଏହି ଚଢ଼ାଉ କରା ଯାଇଥିଲା ।

# ଇଂ. ଗୋପାଳ କୃଷ୍ଣ ଦାସଙ୍କୁ 'ସାହିତ୍ୟ ସେବା ସମ୍ମାନ




ଫୁଲନଖରା ,(ସବ୍ୟୁ): ବିଶିଷ୍ଟ ସମାଜସେବୀ, ଖ୍ୟାତନାମା ସାହିତ୍ୟିକ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଇଂ. ଗୋପାଳ କୃଷ୍ଣ ଦାସଙ୍କୁ ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜ୍ଞାନଦାନ ହନୋରାରୀ ଡକ୍ଟରେଟ ଫାଉଣ୍ଡେସନ ପକ୍ଷରୁ ମର୍ଯ୍ୟାଦାଜନକ 'ସାହିତ୍ୟ ସେବା ସମ୍ମାନ୨୦୨୬' ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲା ବରୀ ମାଟିର କୃତୀ ସନ୍ତାନ ଇଂ. ଦାସ ଦୀର୍ଘଦିନ ଧରି ସାହିତ୍ୟ ସାଧନା, ସଂସ୍କୃତିର ସୁରକ୍ଷା ଓ ପ୍ରଚାର, ସମାଜ ସଚେତନତା ସୃଷ୍ଟି, ସେଚ୍ଛାକୃତ ରକ୍ତଦାନ, ପରିବେଶ ସୁରକ୍ଷା ସହ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସମର୍ପିତ କରିଆସୁଛନ୍ତି। ତାଙ୍କର ନିରନ୍ତର ସେବା ଓ ସମାଜ ପ୍ରତି ନିଷ୍ଠା ତାଙ୍କୁ ଜଣେ ପ୍ରେରଣାଦାୟୀ ଓ ଅନୁକରଣୀୟ ବ୍ୟକ୍ତିତ୍ୱ ଭାବେ ପରିଚିତ କରାଇଛି। ଏହି ଗୌରବମୟ ସମ୍ମାନ ଲାଭ ଅବସରରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଓ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ପରିଷଦ, ଫୁଲନଖରା ପକ୍ଷରୁ ଇଂ. ଗୋପାଳ କୃଷ୍ଣ ଦାସଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

ଓଡ଼ିଶାର ସମୟ

# କାହ୍ନୁଚରଣଙ୍କ ଲେଖକୀୟ ଯାତ୍ରାର ପ୍ରାରମ୍ଭିକ ମାଇଲଖୁଣ୍ଟ:ପଳାତକ



ଭାସ୍କର ପରିଚ୍ଛା

୧୯୩୦ ମସିହାରେ ପ୍ରକାଶିତ 'ପଳାତକ' ଓଡ଼ିଆ କଥାସାହିତ୍ୟର ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ପ୍ରାରମ୍ଭିକ ଉପନ୍ୟାସମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ଉପନ୍ୟାସ ଏକ ଦୀର୍ଘ ଓ ସଫଳ ସାହିତ୍ୟିକ ଜୀବନର ଆରମ୍ଭକୁ ସୂଚିତ କରିଥିଲା । ପରବର୍ତ୍ତୀ ପାଞ୍ଚ ଦଶକରୁ ଅଧିକ ସମୟ ଧରି ସେ ଛପନଟି ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ଭାବେ ପରିଚିତ ହୋଇଥିଲେ । ତାଙ୍କ ସୃଜନଶୀଳ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ରଚିତ ହୋଇଥିଲେ ମଧ୍ୟ ପଳାତକରେ ସେହି ସମସ୍ତ ବିଷୟ ଓ ଶିଳ୍ପଗୁଣର ସଙ୍କେତ ମିଳେ, ଯାହା ପରବର୍ତ୍ତୀ ସମୟରେ ତାଙ୍କ ସାହିତ୍ୟକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା ।

ଆଧୁନିକ ଶିକ୍ଷା, ନଗରୀକରଣ ଓ ନୂତନ ସାମାଜିକ ମୂଲ୍ୟବୋଧର ପ୍ରଭାବରେ ପରିବର୍ତ୍ତିତ ହେଉଥିଲା । 'ପଳାତକ'ରେ ଏହି ସଂଘର୍ଷର ପ୍ରତିଫଳନ ଦେଖାଯାଏ । ନାୟକ ସାମାଜିକ ଆଶା-ଆକାଂକ୍ଷାର ଚାପରୁ ଦୂରେଇବାକୁ ଚାହୁଁଥିଲେ ମଧ୍ୟ, ତାଙ୍କ ପଳାୟନ କେବଳ ଭୌତିକ ନୁହେଁ ଏହା ଏକ ମାନସିକ ଓ ଦାର୍ଶନିକ ମଧ୍ୟ । ଏଠାରେ ପଳାୟନ ମଣିଷର ଅପରାଧବୋଧ, ଯନ୍ତ୍ରଣା ଓ ଅସାମଧ୍ୱିତ ଦ୍ୱନ୍ଦ୍ୱରୁ ମୁକ୍ତି ପାଇବାର ଆକାଂକ୍ଷାର ପ୍ରତୀକ ହୋଇଉଠିଛି । କିନ୍ତୁ ଉପନ୍ୟାସ ଏହା ମଧ୍ୟ କହିଛି ଯେ ସ୍ମୃତି ଓ ବିବେକରୁ ପୂର୍ଣ୍ଣ ମୁକ୍ତି ସମ୍ଭବ ନୁହେଁ ।

'ପଳାତକ'ର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ଗଭୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ । କାହ୍ନୁଚରଣ ପାରମ୍ପରିକ କାହାଣୀ କହିବାର ଧାରାକୁ ଅତିକ୍ରମ କରି ମଣିଷର ମନର ଅନେକ ସ୍ତରକୁ ଅନୁସନ୍ଧାନ କରିଛନ୍ତି । ନିରବତା, ଆତ୍ମସମୀକ୍ଷା, ଏକାକୀପଣ ଓ ଆତ୍ମସନ୍ଦେହ ଏହି ଉପନ୍ୟାସର ମୁଖ୍ୟ ଉପାଦାନ ଭାବେ ସ୍ଥାନିତ । ସଂଯତ ଭାଷାଶୈଳୀ ଓ ପ୍ରତୀକାତ୍ମକ ଚିତ୍ରକଳ୍ପ ଉପନ୍ୟାସର ଭାବନାତ୍ମକ ଗଭୀରତାକୁ ବୃଦ୍ଧି କରିଛି । ଏହାଦ୍ୱାରା ଲେଖକ ବ୍ୟକ୍ତିଗତ ସଙ୍କଟକୁ ଏକ ସାର୍ବଜନୀନ ମାନବୀୟ ଅନୁଭବରେ ପରିଣତ କରିପାରିଛନ୍ତି ।

**'ପଳାତକ'ର ଅନ୍ୟତମ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ଗଭୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ । କାହ୍ନୁଚରଣ ପାରମ୍ପରିକ କାହାଣୀ କହିବାର ଧାରାକୁ ଅତିକ୍ରମ କରି ମଣିଷର ମଁନର ଅନେକ ସ୍ତରକୁ ଅନୁସନ୍ଧାନ କରିଛନ୍ତି । ନିରବତା, ଆତ୍ମସମୀକ୍ଷା, ଏକାକୀପଣ ଓ ଆତ୍ମସନ୍ଦେହ ଏହି ଉପନ୍ୟାସର ମୁଖ୍ୟ ଉପାଦାନ ଭାବେ ସ୍ଥାନିତ । ସଂଯତ ଭାଷାଶୈଳୀ ଓ ପ୍ରତୀକାତ୍ମକ ଚିତ୍ରକଳ୍ପ ଉପନ୍ୟାସର ଭାବନାତ୍ମକ ଗଭୀରତାକୁ ବୃଦ୍ଧି କରିଛି । ଏହାଦ୍ୱାରା ଲେଖକ ବ୍ୟକ୍ତିଗତ ସଙ୍କଟକୁ ଏକ ସାର୍ବଜନୀନ ମାନବୀୟ ଅନୁଭବରେ ପରିଣତ କରିପାରିଛନ୍ତି ।**

## ପୁନରାବଲୋକନ-୧୬

ଉପନ୍ୟାସର ଶୀର୍ଷକ 'ପଳାତକ' ପଳାୟନ, ବିଚ୍ଛିନ୍ନତା ଓ ଆନ୍ତରିକ ସଂଘର୍ଷର ଭାବନାକୁ ସୂଚିତ କରେ । ଏହାର କେନ୍ଦ୍ରବିନ୍ଦୁରେ ରହିଛି ଜଣେ ବ୍ୟକ୍ତିଙ୍କ ମନୋଜଗତ, ଯିଏ ସମାଜ, ସ୍ମୃତି, ଦାୟିତ୍ୱ ଓ ନିଜ ବିବେକର ଚାପରୁ ମୁକ୍ତି ଖୋଜିବାକୁ ଚାହାଁନ୍ତି । ବାହ୍ୟ ଘଟଣାପ୍ରବାହ ଅପେକ୍ଷା ଏହି ଉପନ୍ୟାସ ମଣିଷର ଅନ୍ତର୍ଜୀବନର ଜଟିଳତାକୁ ଅଧିକ ଗୁରୁତ୍ୱ ଦେଇଛି । ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଏହା ଗଭୀର ଭାବରେ




ଉନ୍ମୋଚନ କରିଥାଏ । ଓଡ଼ିଆ ଉପନ୍ୟାସ ସାହିତ୍ୟ ଯେତେବେଳେ ନିଜର ବିକାଶ ପଥରେ ଅଗ୍ରସର ହେଉଥିଲା, ସେତେବେଳେ ଏଭଳି ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଏକ ନୂତନ ଓ ଗୁରୁତ୍ୱପୂର୍ଣ୍ଣ ସଂଯୋଜନ ଥିଲା ।

କାହ୍ନୁଚରଣ ମହାନ୍ତି ଏମିତି ଏକ ସମୟରେ ସାହିତ୍ୟ ରଚନା ଆରମ୍ଭ କରିଥିଲେ, ଯେତେବେଳେ ଓଡ଼ିଶା ସାମାଜିକ ପରିବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ସ୍ଥିତି ଦେଇ ଗତି କରୁଥିଲା । ପରିବାର, ଜାତି ଓ ସମ୍ପ୍ରଦାୟଭିତ୍ତିକ ପାରମ୍ପରିକ ବ୍ୟବସ୍ଥା,

ଅନୁଭବରେ ପରିଣତ କରିପାରିଛନ୍ତି ।

ତଥାପି 'ପଳାତକ' କେବଳ ଏକ ମନସ୍ତାତ୍ତ୍ୱିକ ଉପନ୍ୟାସ ନୁହେଁ ଏହା ସାମାଜିକ ବାସ୍ତବତା ସହ ଗଭୀର ଭାବରେ ସଂପୃକ୍ତ । କାହ୍ନୁଚରଣଙ୍କ ପରବର୍ତ୍ତୀ ରଚନାମାନଙ୍କ ପରି ଏଠାରେ ମଧ୍ୟ ପରିବାର, ସମାଜ ଓ ବ୍ୟକ୍ତିଗତ ଆକାଂକ୍ଷା ମଧ୍ୟରେ ଥିବା ସମ୍ପର୍କକୁ ଆଲୋଚନା କରାଯାଇଛି ।

ନାରୀଜୀବନ, ଘରୋଇ ସମ୍ପର୍କ ଓ ସାମାଜିକ ପରିବର୍ତ୍ତନ ପ୍ରତି ଲେଖକଙ୍କ ଆଗ୍ରହ ପରବର୍ତ୍ତୀ ଉପନ୍ୟାସମାନଙ୍କରେ ଯେପରି ଦେଖାଯାଏ, ତାହାର ପ୍ରାରମ୍ଭିକ ଆଭାସ 'ପଳାତକ'ରେ ମଧ୍ୟ ମିଳିଥାଏ ।

ଓଡ଼ିଆ ଉପନ୍ୟାସର ବିକାଶ ଇତିହାସରେ 'ପଳାତକ'ର ସ୍ଥାନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ପର୍ଯ୍ୟବେକ୍ଷଣ ଓ ମନସ୍ତାତ୍ତ୍ୱିକ ଅନୁସନ୍ଧାନର ସଫଳ ସମନ୍ୱୟ ମାଧ୍ୟମରେ ଏହା ଓଡ଼ିଆ କଥା ସାହିତ୍ୟର ସମ୍ଭାବନାକୁ ବିସ୍ତାରିତ କରିଥିଲା । ବିଚ୍ଛିନ୍ନତା, ଅପରାଧବୋଧ ଓ ଆତ୍ମପରିଚୟର ସନ୍ଧାନ ଭଳି ବିଷୟଗୁଡ଼ିକ ଆଜି ମଧ୍ୟ ପାଠକଙ୍କୁ ଆକର୍ଷିତ କରେ, ଯାହା ଏହି ଉପନ୍ୟାସର ଚିରନ୍ତନ ପ୍ରାସଙ୍ଗିକତାକୁ ପ୍ରମାଣିତ କରୁଛି ।

ପ୍ରକାଶନର ନବେ ବର୍ଷରୁ ଅଧିକ ସମୟ ପରେ ମଧ୍ୟ 'ପଳାତକ' ଏକ ଚିନ୍ତନପ୍ରବଣ ଓ ଭାବନାତ୍ମକର ଏକ ସଶକ୍ତ କୃତି ଭାବେ ପାଠକ ମନରେ ସ୍ଥାନ ଅଧିକାର କରିଛି । ଏହା କେବଳ ଜଣେ ମହାନ ଲେଖକଙ୍କ ସୃଜନଶୀଳ ଯାତ୍ରାର ପ୍ରାରମ୍ଭିକ ପଦକ୍ଷେପର ସାକ୍ଷୀ ନୁହେଁ, ବରଂ ଆଧୁନିକ ଓଡ଼ିଆ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ମଧ୍ୟ । ଏହି ଉପନ୍ୟାସର ଇଂରାଜୀ ଅନୁବାଦ ହୋଇନାହିଁ ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

# ଘଟଣାଟିଏ

ସୁନନ୍ଦା ମହାନ୍ତି

ଗଳ୍ପ

ବିଶ୍ୱାସ ମୂଳେ ଭଗବାନ ବୋଲି ବୁଝିଥିବା ଉର୍ମି କେବେବି ସ୍ୱାମୀଙ୍କୁ ଭୁଲ ବୁଝନ୍ତି ନାହିଁ । ହୋଲି ଦିନକୁ ମିଶାଇ ଦୁଇଦିନ ପରେ ଟୁରରୁ ଫେରିଲା ବେଳେ ସାଙ୍ଗରେ ନେଇ ଆସିଥିଲେ ତାଙ୍କରି ପୁଅ ବୟସର ପୁଅଟିଏକୁ । ଜାତି, କୁଳ ଗୋତ୍ର ପରିଚୟ ଉର୍ଦ୍ଧ୍ୱରେ ସେ ମଣିଷ ପିଲାଟିଏ ରାଜୁ ସତ କିନ୍ତୁ ତାର ସ୍ଥିତି, ଅବସ୍ଥିତି ଜାଣିବା ବୁଝିବାର ଅଧିକାର କଣ ନାହିଁ ଉର୍ମିଙ୍କର ! ପିଲାଟି ଖୁବ୍ ବୁଦ୍ଧିଆ ଓ ମାର୍ଜିତ । ପୁଣି ଭଲପାଏ ପଖାଳ ଖାଇବାକୁ ।

ସେ ଏଠି ରହିବ, ପାଠ ପଢିବ । ରହୁ, ଖାଉ । କିନ୍ତୁ ତାର ପରିଚୟ ନଜାଣି ଉର୍ମିଙ୍କ ମନରେ ସମୁଦ୍ରର ଉତ୍ତାଳ ଜଳରାଶିରେ ତରଙ୍ଗମାଳା ପରି ଢେଉ ପିଟୁଥିଲା । କିଛି ନପଚାରି ସମୟ ବାହାର କରି ସେ ଆସିଛନ୍ତି ସନ୍ଧ୍ୟାକାଳୀନ ସମୁଦ୍ରର ସଂଗୀତ ଲହର ଶୁଣିବାକୁ, ଯାହା ଭୁଲାଇଦିଏ ସବୁ ଯାତନା, କ୍ଲେଶ, ଯନ୍ତ୍ରଣା ଜୀବନର । ଆମ ଆରାଧ୍ୟ ଜଗନ୍ନାଥ ଠାକୁର ଗୀତଗୋବିନ୍ଦ ପରି ସଂଗୀତ ନଶୁଣିଲେ ଶୋଇପାରନ୍ତି ନାହିଁ । ଆଉ ସେବା କୋଉ ଛାର ?

ପ୍ରତିଟି ବସ୍ତୁ ଓ ପଦାର୍ଥରୁ ନିର୍ଗତ ସଂଗୀତର ଶବ୍ଦ, ସ୍ୱର, ଲୟ, ତାଳ ଶୁଣି ବୁଝି, ଲେଖି, ଶିଖି, ଦେଖିବାକୁ ହୃଦୟ ଦରକାର । ବିଭୁ କୃପା ବିନା ସେସବୁ ସମ୍ଭବ ନୁହେଁ ଏକଥା ସତ ବୁଝିଛନ୍ତି ବୋଲି ଉର୍ମି ଧାଇଁ ଆସନ୍ତି ସମୁଦ୍ର କୂଳକୁ । ଘଡିଏ ବସିଯାଇ ମନ ହୃଦୟ ନିର୍ମଳ କରିବାକୁ । ଜାଗତିକ ସଂଗୀତ ଶୁଣି ମନ ଶାନ୍ତ କରିବାକୁ ।

ମହାଭାରତ ଯୁଦ୍ଧ ପୂର୍ବରୁ ଧୃତରାଷ୍ଟ୍ର ଓ ଗାନ୍ଧାରୀ ମଧ୍ୟ ଏମିତି ବିଚଳିତ ହୋଇ ପଡୁଥିଲେ । କଣ ହେବ ଏ ଯୁଦ୍ଧର ଫଳାଫଳ ବୋଲି ଚିନ୍ତିତ ଥିଲେ । ଆଶଙ୍କିତ ହୋଇ ଶ୍ରେଷ୍ଠ ଜ୍ୟୋତିଷଙ୍କୁ ଡକାଇ ପରିଣାମ ବିଷୟରେ ବୁଝିଥିଲେ । ଯୁଦ୍ଧର ପରିଣତି ନିଶ୍ଚିନ୍ତ ଖୁବ୍ ଭୟଙ୍କର । ଏହା ଶୁଣି ନିଜ ପୁତ୍ର କୌରବମାନଙ୍କର ଯେ ବିନାଶ କାଳ ଉପସ୍ଥିତ, ଜାଣିବା ପରେ ବିଚଳିତ ହୋଇପଡୁଥିବା ପିତାମାତାଙ୍କୁ ଧୈର୍ଯ୍ୟ ରଖି ଭଗବାନଙ୍କ ଆଶ୍ରିତ ହେବା କେବଳ ଏକମାତ୍ର ପନ୍ଥା ବୋଲି ଶୁଣେଇ ଦେଇଥିଲେ ଜ୍ୟୋତିଷ । ସେ ମହାଶୟ ଚାଲିଯିବା ପରେ ଧୃତରାଷ୍ଟ୍ର କେବଳ ଶଙ୍ଖ ଧ୍ୱନି ଶୁଣି ଆକୁଳ ପରାଣ ଶାନ୍ତ କଲାବେଳେ ଭାବୁଥିଲେ କୌରବ ପକ୍ଷରେ ଦ୍ରୋଣାଚାର୍ଯ୍ୟ, ଭୀଷ୍ମ, କର୍ଣ୍ଣଙ୍କ ପରି ଯୋଦ୍ଧା ଥାଇ ମଧ୍ୟ ଶ୍ରୀକୃଷ୍ଣ ନଥିବାରୁ ସେ ଆଜି ଆଶଙ୍କିତ । କାହାକୁ କହିବେ ? ପିତୃତ୍ୱ କେମିତି ଖଣ୍ଡବିଖଣ୍ଡିତ ହୋଇପଡେ ? ପୁତ୍ରର ଅମାନିଆ ତଥା ବିଶୃଙ୍ଖଳା ଆଚରଣ ଓ ଉଚ୍ଚାରଣରେ. ଶଙ୍ଖ, ଘଣ୍ଟା, ଭେରୀ, ତୁରୀ ଶବ୍ଦ ଭିତରେ ସେଦିନ ପିତାଙ୍କ ଆକୁଳତା କିଛି ପରିମାଣରେ ଶାନ୍ତ ପଡ଼ିଥିଲେ ମଧ୍ୟ ଉର୍ମିଙ୍କ ମନ ଆଜି ଆଶାନ୍ତ ।

**ପ୍ରତିଟି ବସ୍ତୁ ଓ ପଦାର୍ଥରୁ ନିର୍ଗତ ସଂଗୀତର ଶବ୍ଦ, ସ୍ୱର, ଲୟ, ତାଳ ଶୁଣି ବୁଝି, ଲେଖି, ଶିଖି, ଦେଖିବାକୁ ହୃଦୟ ଦରକାର । ବିଭୁ କୃପା ବିନା ସେସବୁ ସମ୍ଭବ ନୁହେଁ ଏକଥା ସତ ବୁଝିଛନ୍ତି ବୋଲି ଉର୍ମି ଧାଇଁ ଆସନ୍ତି ସମୁଦ୍ର କୂଳକୁ ।**

ଏତେଦିନ ପରେ ମନରେ ଗଭୀର କ୍ଷତ । କିଛି ସମୟ ସମୁଦ୍ରର ଉତ୍ତାଳ ତରଙ୍ଗର ମୃଦୁ ଧ୍ୱନି ଶୁଣି ମନ ଶାନ୍ତ କରି ଘରକୁ ଫେରି ସେ ଏ କଣ ଦେଖୁଛନ୍ତି !

ଘରେ ଅପରିଚିତ ବାଳକ ରାଜୁର ପିତାମାତା ତାଙ୍କୁ ହିଁ ଅପେକ୍ଷା କରି ରହିଛନ୍ତି । ପୁଅ ହଜିଯାଇଥିଲା ପୁରୀ ବଡଦାଣ୍ଡରେ । ବସି କାନ୍ଦୁଥିବା ସମୟରେ ଉର୍ମିଙ୍କ ସ୍ୱାମୀ ବିଜୟ ତାକୁ ଘରକୁ ଆଣି ଅପେକ୍ଷା କରିଥିଲେ ହଜିଯାଇଥିବା ବାଳକର ପିତାମାତାଙ୍କ ଠିକଣାକୁ । ଅଜଣା ଗ୍ରାମରୁ ପିତାମାତା ଆଜି କୁଣିଆ ହୋଇ ତାଙ୍କ ଘର ଅଗଣାରେ ଉପସ୍ଥିତ ହୋଇ ବିଜୟଙ୍କ ପରିବର୍ତ୍ତେ ଉର୍ମିଙ୍କ ସହୃଦୟତା କଥା ବଖାଣୁ ଥିଲେ । ସ୍ତ୍ରୀଟିଏ ବିନା ପ୍ରତିବାଦରେ ସ୍ୱାମୀ ନିଜ ସଙ୍ଗେ ଆଣିଥିବା ପୁଅଟିକୁ ପୁତ୍ରବତ ଦେଖି ତାକୁ ଗାଁର ପ୍ରିୟ ଖାଦ୍ୟ ପଖାଳ ଦେବା ସହ ତା' ସହିତ ଭଲ ବ୍ୟବହାର କରିବା ଏକ ସ୍ୱର୍ଗୀୟ ଗୁଣ କହି ଭୁରି ଭୁରି ପ୍ରଶଂସା କଲାବେଳେ ଉର୍ମିଙ୍କ ହୃଦୟରେ ଉଠୁଥିବା ସମୁଦ୍ରର ଉତ୍ତାଳ ତରଙ୍ଗକୁ ମାପିବା କ୍ଷମତା କାହାର ନଥିଲା । ରାଜୁ ବିଦାୟ ନେଇଯିବା ବେଳେ ଯେତିକି କାନ୍ଦୁଥିଲା ତା ଠାରୁ ବେଶି କାନ୍ଦୁଥିଲେ ଉର୍ମି । କହୁଥିଲେ ଜଗନ୍ନାଥ ଶରଣମ. ସତରେ ଐଶ୍ୱର୍ଯ୍ୟ ନୁହେଁ ବରଂ ଭକ୍ତି ଓ ସମର୍ପଣ ଭାବ ହିଁ ମଣିଷକୁ ବଞ୍ଚେଇ ଦେଇଥାଏ ।

**ସାକ୍ଷୀଗୋପାଳ,ପୁରୀ**
**ମୋ-୯୦୪୦୯୭୭୩୨୭**

ଏ ସପ୍ତାହର ବିଶେଷ କବିତା



ଫକୀରମୋହନ ସେନାପତି

## ତୁମ୍ଭ ମାତୃଭାଷା

'ଏଜୁକେଟେଡ' ବାବୁମାନଙ୍କର ବ୍ୟବହାର,
ଦେଖି ଦେଖି ହେଲିଣି ମୁଁ ନିହାତି ନାଚାର ।
'ଓଲଡ ଫୁଲ ପ୍ରିଜୁଡ଼ିସ୍' ପକାଇଛ କାଟି,
କଥାବେଳେ ମେଲିଯାଏ ଦେଢଫୁଟ ପାଟି ।
'ସାଇନସ' 'ଲଜିକ' ସବୁ ପକାଇଛ ଖୁଣ୍ଟି,
ବାଟ ଚାଲି ଜାଣୁନାହିଁ ପଡୁଅଛ ଝୁଣ୍ଟି ।
କୋଅଁଟ ସିଦ୍ଧାନ୍ତ ଘୋଷିବାରେ ଦେଇ ମନ,
ଫିଟାଇ ଦେଖିଲ ନାହିଁ ଗୌତମ ଦର୍ଶନ ।
ଇଂରେଜୀ ନାଟକ କାବ୍ୟ ଘେନିଅଛ ମାତି,
ଫିଙ୍ଗିଦେଇ ଭଟ୍ଟି, କାଳିଦାସ ଭବଭୂତି ।
କହିବି କାହାକୁ ଦୁଃଖ ନ ବୁଝିଲ ବେଳେ,
ସେ ସବୁ ଯେ ଘରଧନ ନୁହେଁ କେତେବେଳେ ।
ଆଗେ ଥିଲା ଦେଶ ଗୋଲସ୍ତାନ ବୋସ୍ତାନ,
ଏତେବେଳେ ଚିହ୍ନ ନାହିଁ ଆଖୁନ୍‌ଜୀ ଆସ୍ଥାନ ।
ଇଂରେଜ ଇଂରେଜୀ ବିଦ୍ୟା ରଖିଯିବେ ନାହିଁ,
ତେତେବେଳେ ରହିଥିବ ଜଳଜଳ ଚାହିଁ ।
ଯେଉଁ ପାଠ ପଢିବାରେ ଦେଇଅଛ ମନ,
ନ ବିଚାର ସେ ତ ନୁହେଁ ତୁମ ଗଣ୍ଠିଧନ ।
ପଢ଼ ଇଙ୍ଗିରେଜୀ କେହି ମନା କରୁନାହିଁ,
କିନ୍ତୁ ବାପା କାମ କର ଜାତି କୁଳ ଚାହିଁ ।
ଘୃଣା କରୁଅଛ ମାତୃଭାଷା ପଢିବାକୁ,
ହାୟ ହାୟ ଲାଜ କଥା କହିବି କାହାକୁ !
ବୋଲିବ ବଙ୍ଗାଳି ତୁମ୍ଭଘରେ ପାଠ ନାହିଁ,
ଆପେ ଲେଖ, ଆପେ ପଢ଼, ରଖ ପୁଅ ପାଇଁ ।
ତିନିଶ ବରଷ ଆଗେ କି ଥିଲା ଇଂରେଜୀ,
ଦେଖତ ବଙ୍ଗଳା ଭାଷା କି ହେଲାଣି ଆଜି ।
ଯତ୍ନେ ହେଲା ଅବା ଆପେ ହୋଇଛି ଏପରି,
ତୁମ୍ଭ ମାତୃଭାଷା କିମ୍ପା ନ ହେବ ସେପରି ?
କେତେ ବାବୁମାନଙ୍କର ଦେଖିଛି ଦୁର୍ଦ୍ଦଶା,
ଲାଜମାଡେ କହିବାକୁ ନିଜ ମାତୃଭାଷା ।
*****************
**('ଉତ୍କଳ ଭ୍ରମଣ'ରୁ ଉଦ୍ଧୃତ)**

(ବ୍ୟାସକବି ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ହେଲେ ମଧ୍ୟ ଜଣେ ଉଚ୍ଚକୋଟିର କବି ଭାବେ ବ୍ୟାସକବି ଉପାଧିକୁ ସାର୍ଥକ କରିଛନ୍ତି । ତାଙ୍କ ରଚିତ କାବ୍ୟ 'ଉତ୍କଳ ଭ୍ରମଣ'ରୁ 'ତୁମ୍ଭ ମାତୃଭାଷା' ଶୀର୍ଷକରେ ଏଠାରେ କିୟଦଂଶ ଉଦ୍ଧାର କରୁଛୁଁ ।

ଆମେମାନେ ଯେତେବେଳେ ମାତୃଭାଷା ପ୍ରତି ଅନାଗ୍ରହ ଭାବ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ନବେ ବର୍ଷରେ ପ୍ରଦର୍ଶନ କରି ଆସିଛୁଁ, ଏବର ରାଜ୍ୟ ସରକାର ତା ୧୨/୦୬/୨୦୨୬ ରିଖରେ ମନ୍ତ୍ରିମଣ୍ଡଳର ବୈଠକରେ ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ସ୍ଥାନରେ ନାମକୁ ଇଂରାଜୀ ବନାନରୁ ମୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି । ପ୍ରକୃତରେ ବ୍ୟାସକବିଙ୍କର ଏହି କବିତାର ପ୍ରାସଙ୍ଗିକତା ଆଜି ମଧ୍ୟ ରହିଛି ବୋଲି ମନେ ହୋଇଥାଏ ।)

**-ମୁଖ୍ୟ ସମ୍ପାଦକ**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ଏ ସପ୍ତାହର ତିନୋଟି କବିତା

### ପ୍ରଥମ ଚିଠି



ସଂଯୁକ୍ତା ମହାନ୍ତି

ଛାଇ ଛାଇକା ଅନ୍ଧାର ସେଦିନ
ଭୟେ ଭୟେ ପଥ ଚଲା
ଯାତ୍ରାରୁ ଫେରୁଛି ସେଇ
ପଞ୍ଚମ ଶ୍ରେଣୀରେ ପଢୁଥିବା
ଚପଳ ବାଳିକା
ରାସ୍ତା ସବୁ ଭୌତିକ ଶୂନ୍ୟତା ଲେପି
ଚୋରି ପାଇଁ ଅବା ପ୍ରସ୍ତୁତ ନାରୀର ଶରୀର
ତୁମେ କଣ ସେତେବେଳେ ମୋତେ
ନିରାପତ୍ତା ଦେଉଥିଲ କି
ନା କିଛି କହିବାର ଥିଲା ?
ତୁମେ ବଡ଼ ଲାଜୁକ
ଚିଠିଟିଏ ଲେଖିଥିବ କେତେ ରାତିରେ
ନିଶ୍ଚୟ
ଏତେ ପୃଷ୍ଠା ପୁଣି
କିଛି କହି ପାରିନଥିଲ ବୋଲି କଣ
ବଢେଇ ଦେଲ ମୁଠାଏ କୃଷ୍ଣଚୂଡ଼ାର ପାଖୁଡା
ସେ ଚିଠିରେ ?
ଆଗରେ ଅନ୍ଧାର,କଡରେ ଦୁଇ ଘର
କନ୍ଦିରେ
ଭୁତୁଡା ଅନ୍ଧାର ଗୋହିରୀ
ଶୋଇଛି ସରୀସୃପ ପରି ଚୁପଚାପ ।
ତୁମେ କେତେ ବାଟ ଆସିଲ
ମୁଁ ପାରି ହୋଇଗଲି ସେଇ ସବୁ ଭୌତିକ
ରାସ୍ତା
ଚାଲିଗଲ ତୁମେ ନିଜ ରାସ୍ତାରେ
ଚିଠିର ଲେଖାକୁ ମୁଁ କି ବୁଝିଥିଲି
ଏତେ କମ ବୟସେ
ତୁମେ ମୋତେ ଦେବ
କଣ ଦେବି ବୁଝି ପାରିନି ସେଦିନ
କିଛି ବୁଝା କିଛି ଅବୁଝା ଭିତରେ ।
ବହୁଦିନ ଭାବିଛି କାହିଁ କିଛି ତ ମାଗିନ
ପଛକୁ ଚାହେଁ ତୁମେ ଆସୁଛ କି
ଯେମିତି ସେଦିନ ଆସୁଥିଲ ମୁହଁ
ତଳକୁ ପୋତି, ଚୁପଚାପ, ନିରୀହଟେ ପରି
ଦୁଇ ବର୍ଷ ବୟସ ତଫାତରେ ତୁମେ କଣ
ଏତେ ବଡ଼ ହୋଇ ଯାଇଥିଲ ?
ମୁଁ ତ ଆନମନା, ଚଞ୍ଚଳ, ସାଇକେଲ ଚଢି
ବୁଲିବାର ନିଶାରେ ଉନ୍ମତ୍ତ
ମୋତେ କଣ ଫୁରସତ ଅଛି କି
ତୁମ ଚିଠିର ଉତ୍ତର ଦେବାକୁ
ବୁଝିବା ବି ସ୍ପଷ୍ଟ ନୁହେଁ ମୋ ପାଇଁ
ତା ପରେ ତ ମୁଁ ଚାଲି ଯାଇଛି ଅନେକ ଦୂର
ପ୍ରତିଥର ତୁମ ଘର ଆଗରେ
ଯେବେ ଯାଏଁ
ଦେଖେ ତୁମେ କା'ହା ଚିଠିର
ଅପେକ୍ଷାରେ ବସିଛ
କି କଣ ନେବାର ଅପେକ୍ଷାରେ ଏଯାବତ
ଚାହିଁ ରହିଛ ?
ଆଉ ମୁଁ ବି ଆଜିଯାଏ ଅବୁଝା
ସେହି ଚିଠିର ଅର୍ଥ କିଛି ବୁଝି କିଛିଟା ନ ବୁଝି
ସେ ଚିଠିଟା ରଖି ଦେଇଛି
କାନ୍ଥରେ ଟଙ୍ଗା ଫୋଟୋ ପଛରେ
ସାରା ଜୀବନ ଧରି ଭାବୁଛି ଚିଠିଟା ଠିକ୍
ଅଛି ତ !

**ରାଜାବଗିଚା,**
**କଟକ-୭୫୩୦୦୯**
**ମୋ-୯୪୩୭୬୭୨୫୮୫**

### ସଦାନନ୍ଦ ତ୍ରିପାଠୀ



ଗଜାନନ ମିଶ୍ର

ସଦାନନ୍ଦ, ହଁ
ସଦାନନ୍ଦ ତ୍ରିପାଠୀ,
ମୋର ମାମୁଁ ହେବେ ।
ନିଜେ ଗୋଟେ ଗପ,
ବାଦଶାହ, ହାତ ପାଆନ୍ତାରେ
ଚଳନ୍ତି ଇତିହାସ ।
କଥା କହୁ କହୁ
ପଶି ଆସିବା ଲୋକ
ଭିତରକୁ, ଅନ୍ଦର ମହଲକୁ ।
ବଲାଙ୍ଗିର ହେଉ କି
ରାଉରକେଲା ହେଉ
କି ଭୁବନେଶ୍ୱର ହେଉ,
ସବୁଠି ସମାନ ଚମକ,
କେବଳ ସଦାନନ୍ଦ ।
ହଁ, ସଦାନନ୍ଦର ଗପରେ
ବଦଳୁଥାଏ ଦୃଶ୍ୟପଟ,
ଚାଲି ଚଳଣି ସ୍ପଷ୍ଟ ।
ଅଜାମ୍ବର କହିଥିଲେ
ସଦାନନ୍ଦ ମାଷ୍ଟର ।
ମଞ୍ଚରେ ଥିଲାବେଳେ
କୌଣସି କଥାକୁ
ନ ଥିଲା ଡର ।
ବାଘ ଭାଲୁ କୁମ୍ଭୀର
ଛାଡିଦେଉଥିଲେ ବାଟ ।
ଅଛି ମଞ୍ଚ ଆଉ
ଥିଲାଯାଏ ମଞ୍ଚ
ଅଛି ସଦାନନ୍ଦ ।

**ତପୋବନ, ଟିଟିଲାଗଡ,**
**ବଲାଙ୍ଗିର,ମୋ-୯୪୩୭୩୬୬୬୪୪**

### ସକଳ ଘଟେ ନାରାୟଣ



ହର ମୋହନ ଦାଶ

ସକଳ ଘଟେ ନାରାୟଣ
ସାଧନା ବଳେ ତାଙ୍କୁ ଚିହ୍ନ ।
ଖୋଜୁଛ ଗଗନେ ପବନେ
ନିଜକୁ ଅବା କିଏ ଜାଣେ ?
ଅନ୍ତରେ ନୀରବ ଗୁହାରେ
ବସିଛନ୍ତି ସେ ନିର୍ବିକାରେ ।
ଫୁଲ ହେଉ ବା କଣ୍ଟାରେ
ଦୁଃଖ ସୁଖର ସେ ଉର୍ଦ୍ଧ୍ୱରେ ।
ସୁଖରେ ନ ହୁଅ ବିଭୋର
ଦୁଃଖରେ ନ ହୁଅ କାତର ।
ଆଶା ନିରାଶା ଏକା ମଣି
ଚାଲ ମହୀରେ ନାମ ଗଣି ।
ନଦୀ ପଚାରେ ହେ ସାଗର
କେଉଁଠି ଅନ୍ତ ସୀମା ତୋର ?
ସାଗର ହସି କହେ ଶୁଣ
ପ୍ରେମ ସାଗର ସୀମା ମୋର ।
ମହିମା ଗୁଣେ ଗରୀୟାନ
ଶୁଦ୍ଧ ଅଶୁଦ୍ଧ ଏକା ଗୁଣ ।
ଜ୍ଞାନର ଦୀପ ଦିଅ ଜାଳି
ଅନ୍ତରେ ଜ୍ଞାନର ଦୀପାଳି ।
ମନରେ ଭରନା ଅନ୍ଧାର
ନିର୍ମଳ ଚିତ୍ତେ ବାସ ମୋର ।
ରାଗ ଓ ଈର୍ଷା ପରିହର
କରନା ବୃଥା ଅହଙ୍କାର ।
ପତ୍ର ଝଡା ଏ ବୃକ୍ଷ ଦେଖ
ତା'ଠାରୁ ତ୍ୟାଗ ବିଦ୍ୟା ଶିଖ ।
ନିଜକୁ ହଜାଇ ସନ୍ଧାନେ
ଧାବମାନ ଏ ନଦୀ ଯେହ୍ନେ ।
କଠୋର ତପର ସାଧନ
ଲଭିବ ନିଶ୍ଚେ ନାରାୟଣ ।
ସକଳ ପ୍ରାଣୀ ଏକ ଜାଣ
ପ୍ରତି ଶ୍ୱାସରେ ପ୍ରେମ ଗାନ ।
ଜୀବରେ ପ୍ରେମ ସତ୍ କର୍ମ
ଏହା ସଂସାରେ ସତ୍ୟ ଧର୍ମ ।

**ଭଦ୍ରକ**



# ସଦର ବିଧାୟକଙ୍କ ଦୁଇ ବର୍ଷ ପୂର୍ତ୍ତି ହିସାବ, ବିକାଶ ହୋଇଛି ଦ୍ୱିଗୁଣିତ

କଟକ, (ସ୍ୱପ୍ର) : ରାଜ୍ୟରେ ବିଜେପି ସରକାର ଦୁଇ ବର୍ଷ ପୂରଣ କରିଥିବା ବେଳେ କଟକ ସଦର ନିର୍ବାଚନ ମଣ୍ଡଳୀରେ ବିକାଶ ଦ୍ୱିଗୁଣ ହୋଇଥିବା ସାମ୍ବାଦିକମାନଙ୍କୁ ହିସାବ ଦେଇଛନ୍ତି ବିଧାୟକ ଇଂ ପ୍ରକାଶ ସେଠୀ । ସେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦ୍ୱାରା ୬୪୫.୪ କୋଟି ଟଙ୍କାରେ ୧୭ ଟି ସେତୁ ଓ ୯୮.୨୨କୋଟି ଟଙ୍କାରେ ୨୧ ଟି ରାସ୍ତାକାମ ଚାଲିଛି । ସେହିପରି ବିଧାୟକଙ୍କ ପାଣ୍ଠି ଓ ଅନ୍ୟାନ୍ୟ ପାଣ୍ଠିରେ ୮୫ ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ୬୪୬ କୋଟି ଟଙ୍କାରେ ଓଏମପି ଓ କନ୍ଦରପୁର ମଧ୍ୟରେ ଏଲିଭେଟେଡ କରିଡର ପାଇଁ ଡିପିଆର ପ୍ରସ୍ତୁତ ହୋଇଛି । ଆଗାମୀ ଦିନରେ ୪୨ ମୌଜାରେ ଶୀତଳ ଭଣ୍ଡାର, ବ୍ରହ୍ମପୁର-ସିର୍ଲୋଠାରେ




ପରିବା ଇ-ମଣ୍ଡି, ବିରିବାଟୀରେ ସାଇନ୍ସ ପାର୍କ, ଆଇଟି ପାର୍କ ଆଦି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ବିଧାୟକ ଇଂ ସେଠୀ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି କାର୍ଯ୍ୟକାରୀ ସଦସ୍ୟ ହୃଷିକେଶ ଜେନା, ସାଧୁ ଚରଣ ଜେନା, ଜିଲ୍ଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୱାର୍ଡ ନଂ- ୨୬ରେ ବିଧାୟିକା ସୋଫିଆଙ୍କ ଜନ ସଂପର୍କ ପଦଯାତ୍ରା

କଟକ (ସବ୍ୟୁ): କଟକ ମହାନଗର ନିଗମ ଅଞ୍ଚଳର ୱାର୍ଡ ନଂ-୨୬ରେ ବିଧାୟିକା ସୋଫିଆ ଫିର୍ଦୋଷ ଦୁଇ ଦିନ ଧରି ଜନ ସଂପର୍କ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରା ସମୟରେ ବିଧାୟିକା ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟିକାଙ୍କ ନିକଟରେ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ୱାର୍ଡର ରାସ୍ତାଘାଟର ଶୋଚନୀୟ ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ନେଇ ଲୋକେ ବହୁ ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ଏହି ସବୁ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା ଶ୍ରୀମତୀ ଫିର୍ଦୋଷ ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସେ ୱାର୍ଡରେ ବିଧାୟକ ଉନ୍ନୟନ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବା ସହ ବୁଲି ଦେଖିଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଅଞ୍ଚଳବାସୀ ମଧ୍ୟ ବହୁ ସଂଖ୍ୟାରେ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ଶେଠୀ, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲି, ସେକ ଇରଫାନ, ଅବଦୁଲ ମୋକିଦ, ଗଣେଶ ସାହୁ, ହାସିବ ଗୋରା, ରଞ୍ଜନ ବେହେରା, ପ୍ରଫୁଲ୍ଲ ବେହେରା, ଭବେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# "ବାଣୀବିହାର ଅଶୀ"ର କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ସବ୍ୟୁ): ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ଭରତପୁରସ୍ଥିତ "ଶରତଙ୍କ ବୈଠକୀ"ରେ ବାଣୀବିହାର ଅଶୀ ଅନୁଷ୍ଠାନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୫ ଜଣ ସଭ୍ୟ ସଭ୍ୟା ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଅନୁଷ୍ଠାନର ସଭାପତି ପ୍ରତୀପ ମିଶ୍ର, ସମ୍ପାଦକ ଆଶୁତୋଷ ଦାଶ, ପୂର୍ବତନ ସଭାପତି ଶରତ ଦାଶ, ବରିଷ୍ଠ ସଭ୍ୟ ପରେଶ ମହାନ୍ତି, ଅଜୟ ମିଶ୍ର, ନରହରି ଶିଅଳ,ଧରିତ୍ରୀ ଦ୍ୱିବେଦୀ, ଦୂର୍ଗା ଚରଣ ମଲ୍ଲ, ସଂସାର ବିନ୍ଦୁ ପୃଷ୍ଟି , ପୂର୍ଣ୍ଣ ମିଶ୍ର, ରମେଶ ନାୟକ, ମନୋରଞ୍ଜନ ମିଶ୍ର, ଅଲେଖ ନନ୍ଦୀ,ଘନଶ୍ୟାମ ଓଝା, ପ୍ରଦ୍ୟୋତ ପ୍ରଧାନ, କ୍ଷମା ସାଗର ସ୍ୱାଇଁ, ସୁକାନ୍ତ ମହାନ୍ତି, ନିହାରିକା ମିଶ୍ର, ସ୍ୱାଗତିକା ରଥ, ମେନକା ମଲ୍ଲିକ, ଅଞ୍ଜଳି ପଣ୍ଡା, ଶିଶିର ଦାସ, ଓ ଅରବିନ୍ଦ ଚଇନି । ବିଭିନ୍ନ ଜନକଲ୍ୟାଣକାରୀ ସେବା କାର୍ଯ୍ୟକ୍ରମ ଜାରି ରଖିବାକୁ ସମସ୍ତେ ଏକମତ ହୋଇଥିଲେ ।

# ସିମେଣ୍ଟ ଇଟା କାରଖାନା ନିଆଁ ଚୁନକୁଣ୍ଡରେ ପଡି ୨ ଶ୍ରମିକ ଗୁରୁତର

ବାସୁଦେବପୁର,(ସବ୍ୟୁ): ନିଆଁ ଚୁନ କୁଣ୍ଡରେ ପଡି ଜଳିଗଲା ମହିଳା । ଉଦ୍ଧାର କରିବାକୁ ଯାଇ ଜଣେ ଶ୍ରମିକଙ୍କର ଆଖିରେ ଚୁନ ପଡି ଯିବାରୁ ସେ ହେଲେ ଗୁରତର । ଉଭୟ ଗୁରୁତରଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ ଦୁଇ ଶ୍ରମିକଙ୍କୁ କଟକ ରେଫର କରାଯାଇଛି । ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ସହିତ ମହିଳା ଶ୍ରମିକ ସଂଗ୍ରାମ କରୁଥିବାବେଳେ ଅନ୍ୟ ଜଣେ ଶ୍ରମିକ ଆଖି ହରାଇବାର ଆଶଙ୍କା ଦେଖା ଦେଇଛି । ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ପଞ୍ଚାୟତର କେନାଲ ଆଡିରେ ବିଟୁ ରଣା ସିମେଣ୍ଟ ଇଟା କାରଖାନା ଗଢି ଉଠିଛି । ଏହି ଇଟା କାରଖାନାରେ ୧୫ରୁ ଉର୍ଦ୍ଧ୍ୱ ଶ୍ରମିକ ବିପଦ ସଙ୍କୁଳ ଅବସ୍ଥାରେ ଶ୍ରମିକମାନେ କାମ କରୁଛନ୍ତି । ଶନିବାର ଅପରାହ୍ନରେ ସିମେଣ୍ଟ ଇଟା ନିର୍ମାଣ କରିବାକୁ ଶ୍ରମିକ ଯାଉଥିଲେ । ମହିଳା ଶ୍ରମିକ ରୂପା ବେହେରାଙ୍କ ଗୋଡ ଖସି ଯିବାରୁ ଚୁନ ନିଆଁ କୁଣ୍ଡରେ ପଡି ଯାଇଥିଲେ । ଚିକାର ଶୁଣି ମହିଳାଙ୍କୁ ବଂଚାଇବାକୁ ଯାଇ ଆଖିରେ ଚୁନ ପଡି ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ଦୁଇ ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ରେଫର କରାଯାଇଛି । ଗୁରୁତର ଆହତ ମହିଳାଙ୍କ ଘର ରୂ୍ଙା ଅଂଚଳର ହୋଇ ଥିବାବେଳେ ଆହତ ପୁରୁଷ ଶ୍ରମିକଙ୍କ ଘର ମୟୁରଭଞ୍ଜ ଜିଲ୍ଲାର ବୋଲି ଜଣାଯାଇଛି । ମହିଳାଙ୍କ ଦେହ ୮୦% ରୁ ଉର୍ଦ୍ଧ୍ୱ ଜଳି ଯାଇଛି ବୋଲି ଡାକ୍ତର କହିଛନ୍ତି । ଦୁଇ ଶ୍ରମିକ ଗୁରୁର ଆହତ ହୋଇ ଯନ୍ତ୍ରଣାର ଛଟପଟ ହେଉଥିବା ବେଳେ ସିମେଣ୍ଟ ଇଟା କାରଖାନା ମାଲିକଙ୍କୁ ଦେଖିବାକୁ ମିଳିନଥିଲା । ।

# ଗଚ୍ଛିତ ବାଲିକୁ ନିଲାମ କଲା ଖଣି ବିଭାଗ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ରୁଢ଼ିଆ ଠାରେ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯାଇ ଚୋରା ଚାଲାଣ କରାଯାଉଥିଲା। ଖଣି, ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଗତ ୯ ତାରିଖ ଦିନ ଚଢ଼ାଉ କରାଯାଇ ଗଚ୍ଛିତ ବାଲିକୁ ଜବତ କରାଯାଇ ନାଲିପତାକା ମରାଯାଇଥିଲା। ଜବତ ବାଲିକୁ ଆକଳନ କରାଯାଇ ମୋଟ ୪୫ଶହ ଘନ ମିଟର ବାଲି ପାଇଁ ୫ଲକ୍ଷ ୪୬ହଜାର ୨୫୫ ଟଙ୍କାରେ ନିଲାମ କରାଯାଇଥିଲା। ଦୀର୍ଘ ଦିନ ହେବ ଚୋରା ବାଲି ଗଚ୍ଛିତ କରି ଚାଲାଣ ହେଉଥିବା ଅଭିଯୋଗ ଖଣି ବିଭାଗ ନିକଟରେ ହୋଇଥିଲା। ପ୍ରଥମେ ଖଣି ବିଭାଗ ପକ୍ଷରୁ ମୂଳାପାଳ ଠାରେ ଗଚ୍ଛିତ ବାଲି ନିଲାମ କରାଯାଇଥିବା ବେଳେ ରୁଡିଆରେ ଏହା ଦ୍ୱିତୀୟ ଥର କରାଯାଇଛି।

# ଚାମେଲି ଓଝାଙ୍କୁ ସାକ୍ଷାତ କଲେ ମହିଳା କଂଗ୍ରେସ ସଭାନେତ୍ରୀ

ଭୁବନେଶ୍ୱର (ସବ୍ୟୁ): ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ୧୨ତାରିଖ ସନ୍ଧ୍ୟାରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ତିକ୍ଷୀରି ପଞ୍ଚାୟତର ସରପଞ୍ଚଙ୍କୁ ଭେଟି ତାଙ୍କର ଚିକିତ୍ସା ଏବଂ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ସଂପର୍କରେ ବୁଝିଥିଲେ। ପୁଲିସର ମାଡ ଏବଂ ଅମାନୁଷିକ ଅତ୍ୟାଚାରରେ ଚାମେଲିଙ୍କ ଦେହସାରା କ୍ଷତ ସ୍ଥାନ ଦେଖିବାକୁ ମିଳିଥିଲା। ଚାମେଲି ଡାକ୍ତରଖାନାରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶ୍ରୀମତୀ ବାହିନୀପତି ଚାମେଲିଙ୍କ ବାପା ମାଆଙ୍କୁ ମଧ୍ୟ ସାକ୍ଷାତ କରି ମହିଳା କଂଗ୍ରେସ ତାଙ୍କ ପରିବାର ସହିତ ଅଛି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ ଜଣେ



ମହିଳା ସରପଞ୍ଚ ନିଜ ପଞ୍ଚାୟତର ସମସ୍ୟାକୁ ନେଇ ବିଡିଓଙ୍କ ପାଖରେ ଆଲୋଚନା କଲାବେଳେ ବିଡିଓ ତାଙ୍କ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ। ବିଡିଓଙ୍କର ଆଚରଣ ଅଗଣତାନ୍ତ୍ରିକ ଥିଲା। ଯାହାଫଳରେ ଚାମେଲି ଏହି ଘଟଣାକୁ ଭିଡ଼ିଓ କରିବା ଭୁଲ ନଥିଲା। ଅଭିଯୋଗ ହେଉଛି ଯେ ସେଠାରେ ମହାକାଳପଡା ବିଧାୟକ, ବିଡ଼ିଓ ଓ ଥାନା ଅଧିକାରୀଙ୍କ ଚକ୍ରବିହ୍ୱ ଭିତରେ ସରପଞ୍ଚ ଚାମେଲି ଛଟପଟ ହେଉଛନ୍ତି। ବିଧାୟକଙ୍କ ବିରୋଧରେ ମଧ୍ୟ ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ସେହିଭଳି ବିଡିଓ ମଧ୍ୟ ବିଧାୟକଙ୍କ ପ୍ରଭାବରେ ଚାମେଲିଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ କରିଛନ୍ତି। ଥାନା ଅଧିକାରୀ ଏବଂ ଅନ୍ୟାନ୍ୟ ଥାନା କର୍ମଚାରୀ ଥାନାରେ ଚାମେଲିଙ୍କୁ ଅତ୍ୟାଚାର କରିଛନ୍ତି ବୋଲି ଚାମେଲି ପ୍ରମାଣ ରଖିଥିବାବେଳେ ପୁଲିସ ପକ୍ଷରୁ ଚାମେଲି ତାଙ୍କର ଜଣେ କର୍ମଚାରୀ କାମୁଡି ଦେଇଥିବାର ଯେଉଁ ଅଭିଯୋଗ କରାଯାଇଛି ତାହା ଅଭିସନ୍ଧିମୂଳକ। କେବଳ ଚାମେଲିଙ୍କୁ ହଇରାଣ କରିବା ପାଇଁ ଏବଂ ଚାମେଲିଙ୍କୁ ଖାଲରେ ପକାଇବା ପାଇଁ ପୁଲିସ ଏଭଳି ଚକ୍ରାନ୍ତ କରିଛନ୍ତି। ସେହିଭଳି ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରାଯାଇଥିଲା। ଚାମେଲିଙ୍କ ପ୍ରତି ଆରକ୍ଷୀ ଅଧିକ୍ଷକ ନିରପେକ୍ଷ ରହିବେ ନାହିଁ ବୋଲି ଆଲୋଚନାରୁ ସ୍ପଷ୍ଟ ହୋଇପଡିଲା। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ପ୍ରତିମା ମଲ୍ଲିକ, ବିଶ୍ୱକଲ୍ୟାଣୀ କର, ମହିଳା କଂଗ୍ରେସ ମିଡିଆ ସେଲ୍ ଅଧକ୍ଷା ଜୟସ୍ମିତା ମହାନ୍ତି, କଟକ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରୀତିଛନ୍ଦା କୈବଲ୍ୟ ନାୟକ ଓ କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲିପ୍ସା ନାୟକ ଅଂଶ ଗ୍ରହଣ କରିଥିଲେ।

# ଶବଦାହ ବେଳେ ମହୁମାଛି ଆକ୍ରମଣ : ୯ ଆହତ

ସୋର,(ସବ୍ୟୁ): : ବାସୁଦେବପୁର ଥାନା ଜଗନ୍ନାଥପୁର ଗ୍ରାମରେ ଶବଦାହ ସମୟରେ ମହୁମାଛି ଆକ୍ରମଣ କରିବାରୁ ୯ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ବାସୁଦେବପୁର ବ୍ଲକ ଜଗନ୍ନାଥପୁର ଅଂଚଳର ଜିତେନ୍ଦ୍ର ନାୟକଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ହୋଇଥିଲା । ଶନିବାର ସକାଳେ ତାଙ୍କ ଶବ ଦାହ କରିବାକୁ ନିକଟସ୍ଥ ଶ୍ମଶାନକୁ ନିଆଯାଇଥିବା ବେଳେ ସେଠାରେ ପାଖରେ ଥିବା ଗଛରୁ ମହୁମାଛି ମାନେ ଅତର୍କିତ ଭାବେ ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ବାସୁଦେବପୁର ଦମକଳ ବାହାନି ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ଓ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉକ୍ତ ସ୍ଥାନରେ ଶବଦାହ କରିବା ସମ୍ଭବ ନହେବାରୁ ସେଠାରୁ ଶବକୁ ଅଣାଯାଇ ସୋର ପୌରାଞ୍ଚଳ ରାଇପୁର ସ୍ଥିତ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିବା ଜଣାପଡିଛି ।

# ଜଟଣୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଜଟଣୀ, (ସବ୍ୟୁ) : ଓଡିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ସଂସଦ ଜଟଣୀ ମିଳିତ ସହଯୋଗରେ ସଂସଦର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଂସଦ ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ସଭାପତିତ୍ୱରେ ସେଞ୍ଚୁରୀୟନ୍ ବିଶ୍ୱ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତାଙ୍କର ପ୍ରାରମ୍ଭିକ ଭାଷଣରେ ସଂସଦ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ସାରଣୀ ବର୍ଣ୍ଣନା କରିଥିଲେ। ସଂସଦ ସମ୍ପାଦକ ସତ୍ୟବାଦୀ ସାହୁ ସମ୍ପାଦକ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ମାନଙ୍କ ଦ୍ୱାରା ମୁଖପତ୍ର "ଚିହ୍ନ"ଉନ୍ମୋଚନ ହୋଇଥିଲା। ମୁଖ୍ୟ ଅତିଥି ପ୍ରଫୁଲ୍ଲ କୁମାର ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ସାହିତ୍ୟ ହେଉଛି ମଣିଷର ଆତ୍ମା। ସାହିତ୍ୟ ନଥିଲେ ଅନୁଭବର ସତ୍ତା ଉପଲବ୍ଧି ହୁଅନ୍ତା ନାହିଁ। ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଜଟଣୀ ବିଧାୟକ ବିଭୁତି ଭୁଷଣ ବଳବନ୍ତରାୟ ସାହିତ୍ୟ ସଂସ୍କୃତିକୁ ମଧୁମୟ କରିଥାଏ। ଭାଷାକୁ ଉଜ୍ଜୀବିତ କରିଥାଏ,ସାହିତ୍ୟ ବିନା ଭାଷା ବଞ୍ଚିବ ନାହିଁ ବୋଲି ଉପସ୍ଥାପନା କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ଭାଷା ସାହିତ୍ୟ ବିନା ସମାଜ ପଙ୍ଗୁ, ସାହିତ୍ୟ ଆମକୁ ଦେଇଥାଏ ଅପାର ଆନନ୍ଦ। ସାଗର ଓ ଆକାଶର ଯେପରି ତୁଳନା ନାହିଁ ସେହିପରି ସାହିତ୍ୟରୁ ମିଳୁଥିବା ଆନନ୍ଦର ତୁଳନା ନାହିଁ। ଆମେ ସହିତ୍ୟନୁରାଗୀ ହୋଇ ଲେଖନୀ ଚାଳନା କରିବା ବୋଲି ଉଦବୋଧନ ଦେଇଥିଲେ। ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା ଜଟଣୀ ସାହିତ୍ୟ ସଂସଦର ଉନ୍ନତି ପାଇଁ ସାହାଯ୍ୟର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉତ୍ସବରେ ଦଶଜଣ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ




ହେଲେ ବିଶିଷ୍ଟ ଚକ୍ଷୁ ଚିକିତ୍ସକ ଡ: ପ୍ରସନ୍ନ କୁମାର ମହାନ୍ତି, ପ୍ରାଧ୍ୟାପକ ଶିକ୍ଷାବିତ୍ ଡ: ସୁରେନ୍ଦ୍ର ନାଥ ମିଶ୍ର, ବିଶିଷ୍ଟ କଥା ଶିଳ୍ପୀ ତପନ କୁମାର ମହାପାତ୍ର, ଆରକ୍ଷୀ ନିରୀକ୍ଷକ ଷ୍ଟାଲିନ ବିଶ୍ୱାଳ, ଅବସରପ୍ରାପ୍ତ ଜିଲ୍ଲା ଜଜ୍ ବିରଞ୍ଚି ନାରାୟଣ ରଥ, ସମାଜସେବୀ ସୀତାକାନ୍ତ ଶତପଥୀ, ବ୍ରଜସୁନ୍ଦର ମହାପାତ୍ରଙ୍କୁ ସଂସଦର ପ୍ରତିଷ୍ଠାତା ହିସାବରେ ମରଣୋତ୍ତର ସ୍ମୃତି ସମ୍ମାନ, ବିଶିଷ୍ଟ କବି, ଅନୁବାଦକ ସୂର୍ଯ୍ୟମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ନିଉଜ ୭ ଦେବ ନାରାୟଣ ସେଠୀ, ଜଟଣୀ ବ୍ଲକ୍ ସ୍ତରରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଅଧିକ ନମ୍ବର ରଖି ଥିବା କୃତି ଛାତ୍ରୀ ସୁଶ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାମନ୍ତରାୟ। ପ୍ରଥମ ପର୍ଯ୍ୟାୟରେ ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ସୌଦାମିନୀ ବେହେରାଓ ପଦ୍ମ ଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠ ଚକ୍ର ଅନୁଷ୍ଠିତ ହେଇଥିଲା। ଏଥିରେ ପଚାଶରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗ ଦେଇ ଥିଲେ। ବିଷ୍ଣୁ ପଦ ଦାଶ, ସୁଦର୍ଶନ ସାହୁ, ଶରତ ଦାଶ, ଜନାର୍ଦ୍ଦନ ରଥ, କାହ୍ନୁ ଚରଣ ସାହୁ ପ୍ରଭୃତି ସଭ୍ୟମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ସଂସଦ ଯୁଗ୍ମ ସମ୍ପାଦିକା ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋର୍ଖା କଲୋନୀ ବସ୍ତିକୁ ବିନା ଥଇଥାନରେ ଉଚ୍ଛେଦ ନୋଟିସ୍ ବିରୁଦ୍ଧରେ ବିକ୍ଷୋଭ

କଟକ, (ସବ୍ୟୁ) :ନିକଟରେ ରେଳବାଇ ପକ୍ଷରୁ କୌଣସି ଅଧିକାରୀଙ୍କ ଦସ୍ତଖତ ନଥାଇ ଏକ ନୋଟିସ ଗୋର୍ଖା କଲୋନୀ ବସ୍ତିର ଘରମାନଙ୍କରେ ଲଗା ଯାଇଛି। ଏକ ସପ୍ତାହ ମଧ୍ୟରେ ଉଛେଦ ପାଇଁ କୁହାଯାଇଛି। ବିନା ଥଇଥାନରେ ଏହି ବେଆଇନ ନୋଟିସ୍ ବିରୁଦ୍ଧରେ ଆଜି ରେଳ ବିଭାଗର ସିନିୟର ସେକ୍ସନ ଇଞ୍ଜିନିୟର (ଏସ୍ ଏସ୍ ଇ) ୱାର୍କ ଅଫିସ୍ ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ




ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଗୋର୍ଖା ବସ୍ତି ବହୁ ପୁରୁଣା ବସ୍ତି। ବସ୍ତିର ଲୋକମାନେ ରେଲୱେ ଷ୍ଟେସନରେ ସଫେଇ କର୍ମୀ ଭାବରେ ପିଢ଼ି ପରେ ପିଢ଼ି କାମ କରି ଆସୁଛନ୍ତି। ଦିନରାତି ସେ ବସ୍ତିର ଲୋକମାନେ ଷ୍ଟେସନ ସଫେଇ କାର୍ଯ୍ୟରେ ଲିପ୍ତ ଥାଆନ୍ତି। ସେମାନଙ୍କ ପିଲାଛୁଆମାନେ ସେହି ସ୍ଥାନୀୟ ରେଲୱେ ସ୍କୁଲରେ ପାଠ ପଢ଼ନ୍ତି। ସେ ବସ୍ତିରେ ଅଧିକାଂଶ ଲୋକ ଦଳିତ ସମ୍ପ୍ରଦାୟର। ସେମାନଙ୍କର କୌଣସି ବିକଳ୍ପ ବ୍ୟବସ୍ଥା ନକରା ଯାଇ ସେମାନଙ୍କୁ ଉଛେଦ ନୋଟିସ ଦେବା ମହାନଗର ନିଗମ ଆଇନକୁ ତାହା ବିରୁଦ୍ଧାଚରଣ କରୁଛି। ଏଣୁ ଏହି ବେଆଇନ ଉଛେଦ ପ୍ରତିବାଦରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରି ଏସ୍ ଏସ୍ ଇ (ୱାର୍କ) ଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ନେତୃତ୍ୱରେ ଏସ୍ ୟୁ ସି ଆଇ (ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦସ, ବସନ୍ତ ନାୟକ, ବସ୍ତି ନେତା ଦୀପକ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଜୁ ନାୟକ, ପବିତ୍ର ଘଡ଼ାଇ, ପିଣ୍ଟୁ ନାୟକ ମୋହନ ନାୟକ, ମଞ୍ଜୁ ନାୟକ ପ୍ରମୁଖ ବିକ୍ଷୋଭ ପରିଚାଳନା କରିଥିଲେ।

## ଲିଥିୟମ୍ ବ୍ୟତୀତ: ଭାରତର ପଦାର୍ଥ ସାର୍ବଭୌମତ୍ୱ ରଣନୀତିକୁ ନେଇ

# ସିଏସ୍ଆଇଆର୍-ଆଇଏମ୍ଏମ୍ଟିରେ ସଞ୍ଜୟ କୁମାର ବର୍ମାଙ୍କ ମାର୍ଗଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି), ଭୁବନେଶ୍ୱର ପକ୍ଷରୁ କାନାଡାରେ ଭାରତର ପୂର୍ବତନ ହାଇକମିଶନର ତଥା ଜାପାନ, ରିପବ୍ଲିକ୍ ଅଫ୍ ଦି ମାର୍ଶଲ ଆଇଲ୍ୟାଣ୍ଡସ ଏବଂ ସୁଦାନରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ କୁମାର ବର୍ମାଙ୍କ ଦ୍ୱାରା "ଲିଥିୟମ ବାହାରେ: ଭାରତ ପାଇଁ ଏକ ପଦାର୍ଥ ସାର୍ବଭୌମତ୍ୱ ରଣନୀତି" ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବିଶିଷ୍ଟ ବକ୍ତୃତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ (ଏନସିଏମଏମ) ଅଧୀନରେ ଥିବା ସିଏସଆଇଆର-ଆଇଏମଏମଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ମାଧ୍ୟମରେ ସିଏସଆଇଆର-ଆଇଏମଏମଟି ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ (ଏମ୍ଓଇଏସ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ବୈଜ୍ଞାନିକ, ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କୁ ସମ୍ବୋଧିତ କରି ଶ୍ରୀ ବର୍ମା ଏକ ବୈଷୟିକ ଜ୍ଞାନକୌଶଳ ଚାଳିତ ଏବଂ ସୀମିତ ସମ୍ବଳ ବିଶିଷ୍ଟ ବିଶ୍ୱରେ ପଦାର୍ଥ ସାର୍ବଭୌମତ୍ୱର ରଣନୀତିକ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ପଦାର୍ଥ ସାର୍ବଭୌମତ୍ୱ କେବଳ ଖଣିଜ ସମ୍ବଳର ଉପଲବ୍ଧତା ମଧ୍ୟରେ ସୀମିତ ନୁହେଁ, ବରଂ ଦୀର୍ଘକାଳୀନ



ଅର୍ଥନୈତିକ ସ୍ଥିରତା, ରଣନୀତିକ ସ୍ୱାୟତ୍ତତା ଏବଂ ପ୍ରଯୁକ୍ତିବିଦ୍ୟାଗତ ପ୍ରତିଯୋଗିତା ସୁନିଶ୍ଚିତ କରିବା ପାଇଁ ଖଣିଜ ପ୍ରକ୍ରିୟାକରଣ, ବିଶୋଧନ, ପୁନଃଚକ୍ରଣ (ରିସାଇକ୍ଲିଂ) ଏବଂ ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ଦୃଢ଼ ଜାତୀୟ ଦକ୍ଷତା ଆବଶ୍ୟକ କରେ। ଆନ୍ତର୍ଜାତୀୟ ଅଭିଜ୍ଞତାକୁ ଆଧାର କରି ଶ୍ରୀ ବର୍ମା ସେହି ଦେଶଗୁଡ଼ିକରୁ ଶିକ୍ଷା ଉପରେ ଆଲୋକପାତ କରିଥିଲେ ଯେଉଁମାନେ ସଫଳତାର ସହ ପଦାର୍ଥ ସୁରକ୍ଷା ଏବଂ ସମ୍ବଳର ସ୍ଥିରତାକୁ ମଜବୁତ କରିଛନ୍ତି। ଏହି ଆଲୋଚନାରେ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ପରିବର୍ତ୍ତିତ ସ୍ଥିତି, ଶକ୍ତି ରୂପାନ୍ତରଣ (ଏନର୍ଜି ଟ୍ରାଞ୍ଜିସନ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବଢ଼ୁଥିବା ଗୁରୁତ୍ୱ ଏବଂ ସମ୍ବଳ ନିର୍ଭରଶୀଳତାର ଭୂ-ରାଜନୈତିକ ପ୍ରଭାବ ବିଷୟରେ ସମୀକ୍ଷା କରାଯାଇଥିଲା। ନିଜ ଗସ୍ତ ସମୟରେ ଶ୍ରୀ ବର୍ମା ସିଏସଆଇଆର-ଆଇଏମଏମଟିର ପ୍ରମୁଖ ଗବେଷଣାଗାର ଏବଂ ପାଇଲଟ୍-ସ୍କେଲ୍ ସୁବିଧାଗୁଡ଼ିକ ପରିଦର୍ଶନ କରିଥିଲେ ଏବଂ ପ୍ରତିଷ୍ଠାନ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଡାକ ବଙ୍ଗଳାରୁ ଲକ୍ଷ ଲକ୍ଷ ଟଙ୍କାର ଲୁହାସାମଗ୍ରୀ ଚୋରୀ ଉଦ୍ୟମ ପଣ୍ଡ : ଟ୍ରକ ଜବତ , ଜଣେ ଅଟକ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସେଚନ ଅଧିନରେ ଥିବା ଡାକବଙ୍ଗଳା ପରିସରରେ ଦୀର୍ଘ ବର୍ଷର ଲୁହା ସାମଗ୍ରୀ ଦିନ ଦିପହରେ ବଡ଼ ଟ୍ରକରେ ଉଠାଇବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରା ପଡ଼ିଛି । କେଉଁ କାରଣରୁ ଲୁହାକୁ ଉଠା ଯାଉଥିଲା,କାହିଁକି ଉଠା ଯାଉଥିଲା ଏହି ସମ୍ପର୍କରେ ଚାନ୍ଦବାଲି ଜଳସେଚନ ବିଭାଗର ଏସଡିଓଙ୍କ ପାଖରେ ମଧ୍ୟ କୌଣସି ଖବରନାହିଁ ବୋଲି କହିଛନ୍ତି । ଜଳସେଚନ ବିଭାଗର ଏହି ସବୁ ଲୁହା ଡାକ ବଙ୍ଗଳାରେ ପଡି ରହିଥିବାବେଳେ ଲକ୍ଷାଲକ୍ଷ ଟଙ୍କାର ଲୁହାକୁ କାହା ସାହସରେ ଚୋରି କରି ନେଉ ଥିଲେ କାହାରି ପାଖରେ ଖବର ନାହିଁ । ଯିଏ ନେଉଥିଲେ ତାଙ୍କ ପାଖରେ କାଗଜ ପତ୍ର କିଛି ଅଛି ନା ସରକାରୀସ୍ତରରେ ଖବର ଅଛି । ଏହି ଘଟଣାରେ ଚାନ୍ଦବାଲି ଥାନାକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ପୋଲିସ ଓଡି-୩୪-ଘ୯୦୧୭ ନମ୍ବର ଥିବା ଟ୍ରକକୁ ଜବତ କରିଛି । ମାନସ ସାମଲ ନାମକ ଯେଉଁ ବ୍ୟକ୍ତି ଜଣକ ଏହି ଜିନିଷ ନେବାକୁ ଆସିଥିଲେ ପୋଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହି ସମ୍ପର୍କରେ ମାନସ ସାମଲ କହିଛନ୍ତି ଜଳସେଚନ ବିଭାଗର ଜେଇ ବାଣିଶ୍ରୀ ନାୟକ କହିବାରୁ ଏହି ଲୁହାକୁ ନେବାକୁ ଆସିଥିଲି । ଘଟଣା ସମ୍ପର୍କରେ ଚାନ୍ଦବାଲି ଜଳସେଚନ ବିଭାଗର ଏସଡିଓ ସୁରଜ ମଲ୍ଲିକ କହିଛନ୍ତି ଛୁଟି ଦିନରେ କାହାକୁ ନେବାକୁ କହିନାହୁଁ ।

# ସୋଆ ଏସ୍ଏଚ୍ଏମ୍ ପକ୍ଷରୁ 'ୱି କ୍ୟାନ୍ ବେକ୍' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୬ ଭେଲଭେଟ୍ କେକ୍, ପେଟିସ୍ ଏବଂ ଇଟାଲୀୟାନ୍ ହୋମ୍ ମେଡ୍ ପିଜା ସହିତ ବେକରୀ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏସ୍ଏଚ୍ଏମ୍ ପ୍ରଫେସର ରଂଜନ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ମାନପାତ୍ର ପ୍ରଦାନ କରାଯାଇଥିଲା।ଏହି ଅବସରରେ ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟ



ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ଭାଗ ନେଇଥିବା ୨୦ ପ୍ରତିଯୋଗୀଙ୍କୁ ମିଲେଟ୍ କୁକିଜ୍, ୱାଲନଟ୍ ବ୍ରାଉନି, ନାନ୍ ଖଟାଇ, ସ୍ୱିସ୍ ରୋଲ୍, ରେଡ୍ କୁମାର ମଲ୍ଲିକ ପ୍ରତିଯୋଗୀମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଲକ୍ଷ୍ୟ ନେଇ ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ସେମାନେ ଏହାକୁ କିପରି ପରଷି ପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରୋଗ୍ରାମ୍ କୋର୍ଡିନେଟର ତଥା ଏସ୍ଏଚ୍ଏମ୍ର ପ୍ରଫେସର ମଉ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ରାନ୍ସ, ସ୍ଲୋଭାକିଆ ଗସ୍ତରେ ମୋଦୀ: ଜି-୭ ସମ୍ମିଳନୀରେ ଯୋଗଦେବେ



**ନୂଆଦିଲ୍ଲୀ:** ପିଆଇବି ଦିଲ୍ଲୀ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଇମାନୁଏଲ ମାକ୍ରନ ଏବଂ ସ୍ଲୋଭାକର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ନିମନ୍ତ୍ରଣରେ ମୁଁ ୧୩ରୁ ୧୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଫ୍ରାନ୍ସ ଏବଂ ସ୍ଲୋଭାକ ଗସ୍ତ କରିବି ।ଭାରତର ରଣନୈତିକ ଦୃଷ୍ଟିକୋଣରେ ଫ୍ରାନ୍ସ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଚଳିତ ବର୍ଷଆରମ୍ଭରେ, ରାଷ୍ଟ୍ରପତି ମାକ୍ରନ ଭାରତ ଗସ୍ତ କରିଥିଲେ ଏବଂ ଆମେ ଆମର ସମ୍ପର୍କକୁ ଏକ ସ୍ୱତନ୍ତ୍ର ବିଶ୍ୱ ରଣନୈତିକ ସହଭାଗୀତା ସ୍ତରକୁ ଉନ୍ନୀତ କରିଥିଲୁ । ଯେତେବେଳେ ମୁଁ ନିସ୍ରେ ରାଷ୍ଟ୍ରପତି ମାକ୍ରନ୍ଙ୍କୁ ଭେଟିବି, ଆମେ ଫେବୃଆରୀ ପରଠାରୁ ହୋଇଥିବା ଅଗ୍ରଗତି ସମୀକ୍ଷା କରିବୁ ଏବଂ ଆମର ସହଯୋଗରେ ପରବର୍ତ୍ତୀ ପଦକ୍ଷେପଗୁଡିକର ତାଲିକା ପ୍ରସ୍ତୁତ କରିବୁ । ପାରସ୍ପରିକ ସ୍ୱାର୍ଥର ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡିକୁ ମଧ୍ୟ ଗୁରୁତ୍ୱ ଦେବା ଉପରେ ଆମର ଆଲୋଚନା ପାଇଁ ମୁଁ ଆଗ୍ରହୀ ଅଛି। ନିସ୍ରେ ମୁଁ ୧୪ ଜୁନ୍ ୨୦୨୬ରେ ରାଷ୍ଟ୍ରପତି ମାକ୍ରନଙ୍କ ସହ 'ଭାରତ ଇନୋଭେଟ୍ସ' ଉଦ୍ଘାଟନ କରିବାକୁ ମଧ୍ୟ ଉତ୍ସାହର ସହିତ ଅପେକ୍ଷା କରିଛି ।ଭାରତ-ଫ୍ରାନ୍ସ ନବାଚାର ବର୍ଷର ପୃଷ୍ଠଭୂମିରେ ଆୟୋଜିତ ହେବାକୁ ଥିବା ଏହି ଐତିହାସିକ କାର୍ଯ୍ୟକ୍ରମ, ଭାରତର ସବୁଠାରୁ ପ୍ରତିଶ୍ରୁତିବଦ୍ଧ ଷ୍ଟାର୍ଟ- ଅପ୍ଗୁଡିକୁ ବିଶ୍ୱ ନିବେଶ ସହିତ ସଂଯୋଗ କରିବ ଏବଂ ଭାରତର ଉଚ୍ଚଶିକ୍ଷା ଇକୋସିଷ୍ଟମ୍ରୁ ଉଦ୍ଭବ ହେଉଥିବା ନବାଚାର ପାଇଁ ଏକ ପ୍ରମୁଖ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ । ନିସ୍ରୁ, ମୁଁ ୧୪-୧୫ଜୁନ୍ ୨୦୨୬ ପର୍ଯ୍ୟନ୍ତ ସ୍ଲୋଭାକିଆକୁ ସରକାରୀ ଗସ୍ତରେ ଯାତ୍ରା କରିବି, ଯାହା ୧୯୯୩ରେ ସ୍ଲୋଭାକିଆର ସ୍ୱାଧୀନତା ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ । ଏହି ଐତିହାସିକ ଗସ୍ତ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ସହ ଅଧିକ ଗତିଶୀଳ କରାଇବ । ମୁଁ ବ୍ରାଟିସ୍ଲାଭାରେ ରାଷ୍ଟ୍ରପତି ପେଲେଗ୍ରୀନି ଏବଂ ପ୍ରଧାନମନ୍ତ୍ରୀ ଫିକୋଙ୍କ ସହିତ ଆଲୋଚନା କରିବାକୁ ଆଗ୍ରହୀ ରହିଛି । ମୋତେ ସ୍ଲୋଭାକିଆରେ ବ୍ୟାବସାୟିକ ନେତାମାନଙ୍କ ସହିତ ଆଲୋଚନା କରିବାର ସୁଯୋଗ ମଧ୍ୟ ମିଳିବ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଅଧିକ ଗତିଶୀଳ କରିବା ସହ ଏହି ଗସ୍ତ ୟୁରୋପୀୟ ସଂଘ ସହିତ ଆମର ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ, ଯାହାର ସ୍ଲୋଭାକିଆ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନିତ ସଦସ୍ୟ । ସ୍ଲୋଭାକିଆରୁ ମୁଁ ଏଭିଆନ୍ ଯାତ୍ରା କରିବି, ଯେଉଁଠାରେ ମୁଁ ୧୬ ଏବଂ ୧୭ ଜୁନ୍ ୨୦୨୬ରେ ଆୟୋଜିତ ହେବାକୁ ଥିବା ଜି୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବି । ଜି୭ରେ ଭାରତର ଉପସ୍ଥିତି ଆମର ସହଯୋଗୀ ଦେଶମାନେ ଆମ ଉପରେ ରଖିଥିବା ବିଶ୍ୱାସ ଏବଂ ବିଶ୍ୱସ୍ତରରେ ଭାରତର ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ପ୍ରତିଫଳିତ କରେ । ଏହା ଲଗାତାର ୮ମ ଜି୭ ଶିଖର ସମ୍ମିଳନୀ ଯେଉଁଥିରେ ଭାରତକୁ ନିମନ୍ତ୍ରଣ କରାଯାଇଛି । ଜି୭ରେ, ଭାରତ କେବଳ ନିଜ ପାଇଁ ନୁହେଁ, ବରଂ ଏହା ଗ୍ଲୋବାଲ ସାଉଥ୍ର ଆକାଂକ୍ଷାକୁ ମଧ୍ୟ ସ୍ୱର ଦେବ । ମୁଁ ୧୮ ଜୁନ୍ ୨୦୨୬ରେ ପ୍ୟାରିସ୍ରେ ମୋର ଫ୍ରାନ୍ସ ଗସ୍ତ ଶେଷ କରିବି ଯେଉଁଠାରେ ମୁଁ ରାଷ୍ଟ୍ରପତି ମାକ୍ରନ୍ଙ୍କ ସହିତ ଭିଭାଟେକ୍ ୨୦୨୬ରେ ଯୋଗଦେବି । ଭିଭାଟେକ୍ ହେଉଛି ୟୁରୋପର ପ୍ରଯୁକ୍ତିବିଦ୍ୟା ଏବଂ ନବାଚାରର ଏକ ପ୍ରମୁଖ ସମାବେଶ । ଏହି ସଂସ୍କରଣରେ ଭାରତର ସବୁଠାରୁ ବଡ଼ ଜାତୀୟ ପାଭିଲିୟନ୍ ରହିବ, ଯାହା ଭାରତୀୟ ଏବଂ ୟୁରୋପୀୟ ନବାଚାର ଇକୋସିଷ୍ଟମ୍ ମଧ୍ୟରେ ସହଭାଗୀତାର ବିଶାଳ ସମ୍ଭାବନାର ଏକ ଉପଯୁକ୍ତ ପ୍ରତୀକ । ମୁଁ ପ୍ୟାରିସ୍ରେ ସ୍ପନ୍ଦନଶୀଳ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଭେଟିବାକୁ ମଧ୍ୟ ଆଗ୍ରହୀ ଅଛି, ଯେଉଁମାନେ ଆମ ଦୁଇ ରାଷ୍ଟ୍ର ମଧ୍ୟରେ ଏକ ଜୀବନ୍ତ ସେତୁ । ଫ୍ରାନ୍ସ ଏବଂ ସ୍ଲୋଭାକିଆକୁ ମୋର ଗସ୍ତ ୟୁରୋପ ଏବଂ ଜ୭ ସହିତ ଭାରତର ଗଭୀର ସମ୍ପର୍କକୁ ସୁଦୃଢ଼ କରିବ ଏବଂ ମହାଦେଶ ତଥା ବାହାରେ ଆମର ସହଭାଗୀତାର ଦିଗନ୍ତକୁ ବିସ୍ତାର କରିବା ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବ ।

# ବିଶ୍ୱ ନିଃସଙ୍ଗତା ସୂଚୀରେ ଭାରତ ଦ୍ୱିତୀୟ

**ନୂଆଦିଲ୍ଲୀ:** ବିଶ୍ୱ ନିଃସଙ୍ଗତା ରିପୋର୍ଟରେ ଭାରତକୁ ନେଇ ଚକିତ କରିଦେବା ପରି ତଥ୍ୟ ପ୍ରକାଶ ପାଇଛି। ସାଧାରଣତଃ ବିଶ୍ୱାସ କରାଯାଏ ଯେ, ବଡ଼ ପରିବାରରେ ଏକାଠି ରହୁଥିବା ଲୋକମାନେ କେବେବି ଏକାକୀ ନଥାନ୍ତି। କିନ୍ତୁ ରିପୋର୍ଟ ଅନୁଯାୟୀ ଭାରତରେ ଏହାର ବିପରୀତ ପରିସ୍ଥିତି ଦେଖିବାକୁ ମିଳିଛି। ଲୋକମାନେ ପରିବାର ସହିତ ରହୁଥିଲେ ମଧ୍ୟ ଏକାକୀ, ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ଅନୁଭବ କରୁଛନ୍ତି ବୋଲି ଜଣାପଡ଼ିଛି। ଅଧ୍ୟୟନରୁ ଜଣାପଡିଛି ଯେ, ଲକ୍ଷ ଲକ୍ଷ ଲୋକ ଭାରତ ପରି ଜନବହୁଳ ଦେଶରେ ରହିବା ସତ୍ତ୍ୱେ ନିଃସଙ୍ଗତା ଅନୁଭବ କରୁଛନ୍ତି। ଡିଜିଟାଲ୍ ମନୋରଞ୍ଜନ ପ୍ଲାଟଫର୍ମ ଜେବି ଡଟ୍କମ୍ ଦ୍ୱାରା ପ୍ରକାଶିତ ସୂଚୀରେ ଭାରତ ବିଶ୍ୱରେ ଦ୍ୱିତୀୟ ନିଃସଙ୍ଗ ଦେଶ ବୋଲି ଜଣାପଡ଼ିଛି। ସର୍ଭେ ଅନୁଯାୟୀ ଏହି ତାଲିକାରେ ତୁର୍କୀ ସର୍ବାଗ୍ରେ ରହିଛି। ଏହାପରେ କ୍ରମାନ୍ୱୟରେ ଭାରତ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆ ରହିଛନ୍ତି। ନିଃସଙ୍ଗତା ସର୍ଭେରେ ୩୬ଟି ଦେଶରେ ଲୋକଙ୍କ ମାନସିକ ସ୍ଥିତି ଓ ସେମାନେ କେତେ ଏକୁଟିଆ ଅଛନ୍ତି ସେ ଉପରେ ଅଧ୍ୟୟନ ହୋଇଥିଲା। ବିଶେଷକରି ଲୋକମାନେ ନିଜକୁ କେତେ ଏକୁଟିଆ ମନେକରୁଛନ୍ତି, ଅନ୍ୟମାନଙ୍କଠାରୁ କେତେକ ଅଲଗା ହୋଇ ରହୁଛନ୍ତି, ଦୁଃଖ ଓ ଖୁସିର ସ୍ତର, ଅବସାଦ, ଘରର ସ୍ଥିତିକୁ ନେଇ ଅଧ୍ୟୟନ କରାଯାଇଥିଲା। ନିଃସଙ୍ଗତାର ସାମଗ୍ରିକ ବିପଦ ମୂଲ୍ୟାଙ୍କନ କରିବା ପାଇଁ ମିଳିତ ସ୍କୋର ବ୍ୟବହାର କରାଯାଇଥିଲା। ବିଶ୍ୱରେ ତୁର୍କୀ (୧୦୦) ପରେ ଭାରତର ସ୍କୋର ରେକର୍ଡ ଦ୍ୱିତୀୟ ସର୍ବାଧିକ ୮୯ ରହିଥିଲା। ବ୍ରାଜିଲ ୭୮ ସ୍କୋର ସହିତ ତୃତୀୟ, ଦକ୍ଷିଣ ଆଫ୍ରିକା ୬୫ ଓ ଦକ୍ଷିଣ କୋରିଆ ୫୭ ସ୍କୋର ସହିତ ଯଥକ୍ରେମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତରେ ସର୍ଭେରେ ଅଧାରୁ ଅଧିକ ଉତ୍ତରଦାତା (୫୮ ପ୍ରତିଶତ) ନିଃସଙ୍ଗତା ଅନୁଭବ କରୁଥିବା, ୩୭ ପ୍ରତିଶତ ସେମାନେ ଅନ୍ୟମାନଙ୍କଠାରୁ ପୃଥକ ରହୁଥିବା ଓ ୩୭ ପ୍ରତିଶତ ବାରମ୍ବାର ଦୁଃଖିତ ଅନୁଭବ କରୁଥିବା କହିଛନ୍ତି। ଦେଶରେ ପରିବାରର ହାରାହାରି ସଦସ୍ୟ ସଂଖ୍ୟା ୪ ଜଣ ହୋଇଥିଲେ ମଧ୍ୟ ନିଃସଙ୍ଗତା ଭାବ ଜାରି ରହିଛି ବୋଲି ରିପୋର୍ଟରେ କୁହାଯାଇଛି, ଯାହାକି ଜୀବନଯାପନ ବ୍ୟବସ୍ଥା ଓ ମାନସିକ ସୁସ୍ଥତା ମଧ୍ୟରେ ଏକ ସମ୍ପୂର୍ଣ୍ଣ ପୃଥକ୍ ଅବସ୍ଥାକୁ ଇଙ୍ଗିତ କରୁଛି। ଏଥିରୁ ଭାରତରେ ନିଃସଙ୍ଗତା ଶାରୀରିକ ନୁହେଁ, ଭାବପ୍ରବଣତାକୁ ନେଇ ରହିଥିବା ରିପୋର୍ଟରେ କୁହାଯାଇଛି। ତୁର୍କୀରେ ୬୧ ପ୍ରତିଶତ ଲୋକ ନିଃସଙ୍ଗତା ଅନୁଭବ କରୁଥିବାବେଳେ ୪୫ ପ୍ରତିଶତ କହିଛନ୍ତି ଯେ, ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ଅନୁଭବ କରୁଛନ୍ତି। ଏହା ତୁର୍କୀର ଲୋକଙ୍କ ମଧ୍ୟରେ ସଂଯୋଗ ଓ ଭାବପ୍ରବଣ ସ୍ତରର ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସକୁ ସୂଚିତ କରେ। ତୁର୍କୀରେ ୩୧ ପ୍ରତିଶତ ଲୋକ ଅନେକ ସମୟରେ ଦୁଃଖିତ ରହୁଥିବା କହିଛନ୍ତି।

# ଅଖିଳେଶଙ୍କ ଝିଅ ଅଦିତୀ ଫେରାର ହେବା ମାମଲାରେ ମୁହଁ ଖୋଲିଲେ ଯୋଗୀ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ସମାଜବାଦୀ ପାର୍ଟି (ସପା) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ଝିଅ ଅଦିତୀ ଯାଦବଙ୍କୁ ନେଇ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଆପତ୍ତିଜନକ ପୋଷ୍ଟକୁ ନେଇ ମୁହଁ ଖୋଲିଛନ୍ତି। ଯୋଗୀ କହିଛନ୍ତି ଯେ ଝିଅଙ୍କ ସମ୍ମାନ ଓ ସୁରକ୍ଷାକୁ ନେଇ ତାଙ୍କ ସରକାର 'ଜିରୋ ଟୋଲେରାନ୍ସ'ନୀତିରେ କାମ କରୁଛନ୍ତି। ତେଣିକି ସେ କାହାର ବି ଝିଅ ହୋଇଥାନ୍ତୁ ନା କାହିଁକି ମାମଲାରେ ବିନା କୌଣସି ପକ୍ଷପାତରେ ଉଚିତ କାର୍ଯ୍ୟାନୁଷ୍ଠାନ କରାଯାଇଛି। ସୋସିଆଲ ମିଡିଆରେ ନିକଟରେ ଏକ ଗୁଜବ ବ୍ୟାପିଥିଲା। ଏଥିରେ ଅଖିଳେଶଙ୍କ ଝିଅ ଅଦିତୀ ୭ କୋଟି ଟଙ୍କା ନେଇ ଘରୁ କେଉଁଆଡେ ପଳାଇଥିବା ଖବର ପ୍ରସାରିତ ହୋଇଥିଲା। ଏହି ଘଟଣାକୁ ନେଇ ରାଜନୈତିକ ଅଳିନ୍ଦରେ ମଧ୍ୟ ଆଲୋଚନା ଆରମ୍ଭ ହୋଇଯାଇଥିଲା। ଆଜମଗଡ଼ରେ ଏକ କାର୍ଯ୍ୟକ୍ରମ କାଳରେ ମୁଖ୍ୟମନ୍ତ୍ରୀ ଯୋଗୀ ପ୍ରସଙ୍ଗରେ କହିଛନ୍ତି, ସେ କହିଛନ୍ତି ଯେ ସମାଜବାଦୀ ପାର୍ଟିର ଜାତୀୟ ସଭାପତି ଅଖିଳେଶ ଯାଦବଙ୍କ ଝିଅଙ୍କ ବିରୋଧରେ ସୋସିଆଲ ମିଡିଆରେ ଅନୁଚିତ ଟିପ୍ପଣୀ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ବିରୋଧରେ ଆପତ୍ତିଜନକ ଓ ଭ୍ରମାତ୍ମକ କଥା କୁହାଯାଇଥିଲା। ମାମଲା ନଜରକୁ ଆସିବା ମାତ୍ରେ ପୋଲିସକୁ ତୁରନ୍ତ ଏତଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ଝିଅଙ୍କ ବିରୋଧରେ ଅପମାନ ଜନକ ଟିପ୍ପଣୀକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ। ଯୋଗୀ କହିଛନ୍ତି ଯେ ଆଇନ ସମସ୍ତଙ୍କ ଲାଗି ସମାନ ଓ ଏହି ମାମଲାରେ ମଧ୍ୟ ବିନା କୌଣସି ଭେଦଭାବରେ କାର୍ଯ୍ୟାନୁଷ୍ଠାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ପ୍ରସଙ୍ଗରେ କହିବା ସହିତ ସପା ମୁଖିଆ ଅଖିଳେଶ ଯାଦବଙ୍କୁ ମଧ୍ୟ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଅନ୍ୟକୁ ଶିକ୍ଷା ଦେବା ପୂର୍ବରୁ ନିଜ ସମର୍ଥକଙ୍କୁ ମଧ୍ୟ ଭାଷାର ମର୍ଯ୍ୟାଦା ପାଳନ କରିବା ଲାଗି ଶିକ୍ଷା ଦିଅନ୍ତୁ। ଯୋଗୀ କହିଛନ୍ତି ଯେ ଗଣତନ୍ତ୍ରରେ ସମାଲୋଚନା ଅଛି ହେଲେ ବ୍ୟକ୍ତିଗତ ଓ ପାରିବାରିକ ସ୍ତରରେ ଅଭଦ୍ର ଟିପ୍ପଣୀର କୌଣସି ସ୍ଥାନ ନାହିଁ।

# ବିଜୟନଙ୍କୁ ନେଇ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସିପିଆଇଏମର ସମାଲୋଚନା



**ନୂଆଦିଲ୍ଲୀ:** ବିରୋଧୀ ଇଣ୍ଡି ମେଣ୍ଟରେ ପୁଣି ଥରେ ବିବାଦ ଦେଖିବାକୁ ମିଳିଛି। କେରଳରେ ବାମ ଦଳ ପ୍ରତି କଂଗ୍ରେସ ନେତୃତ୍ୱର ଆଭିମୁଖ୍ୟ ଉପରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମଏ ବେବି ପ୍ରଶ୍ନ ଉଠାଇବା ପରେ ବିରୋଧୀ ଇଣ୍ଡି ମେଣ୍ଟ ମଧ୍ୟରେ ମତଭେଦ ପୁଣି ଥରେ ଚର୍ଚ୍ଚାକୁ ଆସିଛି। କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପିନାରାୟୀ ବିଜୟନ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ବିଜୟନ କହିଛନ୍ତି, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ରାଜନୈତିକ ଆଭିମୁଖ୍ୟ ଇଣ୍ଡି ମେଣ୍ଟକୁ ଦୃଢ଼ କରୁନାହିଁ ବରଂ ଏହାଦ୍ୱାରା ଅନେକ ସମୟରେ ଭାରତୀୟ ଜନତା ପାର୍ଟି ପାଇଁ ଲାଭଦାୟକ ହେଉଛି। ଇଣ୍ଡି ମେଣ୍ଟ ବୈଠକରେ ରାହୁଲ ଗାନ୍ଧୀ କହିଥିଲେ ଯେ, ସେ କେରଳରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବିଜୟନଙ୍କୁ ଆଲିଙ୍ଗନ କରିପାରିବେ ନାହିଁ। ବିଜୟନ କହିଛନ୍ତି, କିଏ କାହାକୁ ଆଲିଙ୍ଗନ କରୁଛି ସେ ନେଇ ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ଆମେ ସମସ୍ତେ ରାହୁଲ ଗାନ୍ଧୀଙ୍କୁ ନରେନ୍ଦ୍ର ମୋଦୀଙ୍କୁ ଆଲିଙ୍ଗନ କରୁଥିବାର ଫଟୋ ଦେଖିଛନ୍ତି। ସେ ମୋଦୀଙ୍କୁ ଆଲିଙ୍ଗନ କଲେ ମୋର କିଛି ଆପତ୍ତି ନାହିଁ, କିନ୍ତୁ ତାଙ୍କ ଟିପ୍ପଣୀ କିଛି ଅଲଗା ବାର୍ତ୍ତା ଦେଉଛି ବୋଲି ବିଜୟନ କହିଛନ୍ତି। ଏହାଦ୍ୱାରା ଇଣ୍ଡି ମେଣ୍ଟ ପ୍ରତି ରାହୁଲ ଗାନ୍ଧୀଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଜଣାପଡୁଛି। ଏହାଉପରେ ବିସ୍ତାରରେ ଆଲୋଚନା ହେବା ଜରୁରୀ ଓ ମୁଁ ଏହାଉପରେ ବର୍ତ୍ତମାନ ଅଧିକ କିଛି କହିବି ନାହିଁ ବୋଲି ସିପିଏମର ବରିଷ୍ଠ ନେତା କହିଛନ୍ତି। ବିଜୟନ କହିଛନ୍ତି, କେବଳ ସିପିଆଇଏମ ନୁହେଁ, ଅଖିଳେଶ ଯାଦବ ଓ ତେଜସ୍ୱୀ ଯାଦବଙ୍କ ପରି ନେତା ମଧ୍ୟ ଇଣ୍ଡି ମେଣ୍ଟ ବୈଠକ ବେଳେ ଆପତ୍ତି ଉଠାଇଛନ୍ତି ଓ କଂଗ୍ରେସ ଅଭିମୁଖ୍ୟ ବିରୋଧରେ କହିଛନ୍ତି। ଡିଏମ୍କେ ଏବେ କେଉଁ ସ୍ଥିତିରେ ଅଛି ଲୋକ ଦେଖିପାରୁଛନ୍ତି। ବର୍ତ୍ତମାନର ପରିସ୍ଥିତି କଂଗ୍ରେସ ବିଶେଷ କରି ରାହୁଲ ଗାନ୍ଧୀଙ୍କ ଆଭିମୁଖ୍ୟକୁ ନେଇ ସୃଷ୍ଟି ହୋଇଛି। ଏପରି ଆଭିମୁଖ୍ୟ ରଖିଲେ ଇଣ୍ଡି ମେଣ୍ଟ ମଜଭୁତ ହେବନାହିଁ। ରାହୁଲ ଗାନ୍ଧୀ ପ୍ରକୃତରେ ବିଜେପିର ହିତରେ କାମ କରୁଛନ୍ତି ବୋଲି ବିଜୟନ୍ କହିଛନ୍ତି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମଏ ବେବି କେରଳରେ ବାମ ଦଳ ପ୍ରତି କଂଗ୍ରେସ ନେତୃତ୍ୱର ଆଭିମୁଖ୍ୟ ଉପରେ ସାଧାରଣରେ ପ୍ରଶ୍ନ ଉଠାଇଛନ୍ତି। 'ଏକ୍ସ'ରେ ପୋଷ୍ଟ କରି ବେବୀ କହିଛନ୍ତି, କେହି ରାହୁଲ ଗାନ୍ଧୀଙ୍କୁ ବିଜୟନଙ୍କୁ ଆଲିଙ୍ଗନ କରିବାକୁ କହୁନାହାନ୍ତି। ବରଂ ଆମେ କେବଳ ଏତିକି ଚାହୁଁଛୁ ଯେ ସେ ପିନାରାୟୀ ବିଜୟନ ଓ ଅନ୍ୟ ବିରୋଧୀ ନେତାଙ୍କ ଗିରଫ ଦାବି କରି ଇଡି ଓ ମୋଦୀ ସରକାରଙ୍କ ପାଇଁ ସହାୟକ ହେବା ବନ୍ଦ କରନ୍ତୁ। ଏହା ବିରୋଧୀ ଦଳ ନେତାଙ୍କ କାମ ନୁହେଁ।

# ଅଭିଷେକ ବାନାର୍ଜୀଙ୍କ ଘରେ ହାଇଡ୍ରାମା ଧଶେଇ ପଶିଲା ପୋଲିସ୍

**କୋଲକାତା:** ଟିଏମସିର ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କୋଲକାତା ବାସଭବନରେ ଦେଖିବାକୁ ମିଳିଛି ହାଇଡ୍ରାମା। ଶୁକ୍ରବାର ରାତି ୨.୩୦ରେ ଅଭିଷେକଙ୍କ ଘରେ ଧସେଇ ପଶିଛି ବେଙ୍ଗଲ ପୁଲିସ୍। ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ ସୁମିତ ରୟଙ୍କୁ ଧରିବା ପାଇଁ ପଶ୍ଚିମ ମେଦିନପୁର ପୁଲିସ୍ ଏପରି ରେଡ କରିଥିଲା। ରୟଙ୍କ ନାଁରେ ଏକାଧିକ ଅର୍ଥ ହଡ଼ପ ମାମଲା ରହିଛି। ରେଡ ବେଳେ ହାଇଡ୍ରାମା ଦେଖିବାକୁ ମିଳିଥିବା ବେଳେ ପୁଲିସ୍ ଖାଲି ହାତରେ ଅଭିଷେକ ବାନାର୍ଜୀଙ୍କ ଘରୁ ଫେରିଛି। ମିଳିଥିବା ସୂଚନା ଅନୁସାରେ, ସ୍ୱତନ୍ତ୍ରୀ ପୁଲିସ୍ ଟିମ ରାତି ୨.୩୦ରେ ଅଭିଷେକ ବାନାର୍ଜୀଙ୍କ ଘରେ ପହଞ୍ଚି ସର୍ଚ୍ଚ ଅପରେସନ କରିବାକୁ ଚାହିଁଥିଲା। କିନ୍ତୁ ଅଭିଷେକ ବାନାର୍ଜୀଙ୍କ ସିକ୍ୟୁରିଟୀ ଗାର୍ଡମାନେ ସେମାନଙ୍କୁ ଭିତରକୁ ଛାଡ଼ି ନଥିଲେ। ସିକ୍ୟୁରିଟୀ ଗାର୍ଡଙ୍କ ସହ କିଛି ସମୟରେ ବାଦବିବାଦ ପରେ ପୁଲିସ ଟିମ ଅଭିଷେକଙ୍କ ଘରେ ଧସେଇ ପଶିଥିଲ। ଏଥିସହ ଅଭିଷେକ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସର୍ଚ୍ଚ ଅପରେସନ କରାଯାଇଥିଲା। ପୁଲିସ୍ ଅପରେସନ କଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ପାଇବା ମାତ୍ରେ ତୁରନ୍ତ ପୁତୁରାଙ୍କ ଘରେ ପହଞ୍ଚିଥିଲେ। ପୁଲିସ୍ ସହ ତାଙ୍କର ମଧ୍ୟ ଯୁକ୍ତିତର୍କ ହୋଇଥିଲା। ବେଶ କିଛି ସମୟରେ ହାଇଡ୍ରାମା ପରେ ପୁଲିସ୍ ଟିମ ଅଭିଷେକ ବାନାର୍ଜୀଙ୍କ ଘରୁ ଚାଲି ଯାଇଥିଲା। ମମତା ମଧ୍ୟ ନିଜ ବାସଭବନକୁ ଫେରିଥିଲେ। ଶନିବାର ସକାଳୁ ଅଭିଷେକ ବାନାର୍ଜୀଙ୍କ ବାସଭବନରେ ବିପୁଳ ସଂଖ୍ୟାରେ ପୁଲିସ୍ ଓ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଘଟିଥିବା ରେଡ ସମ୍ପର୍କରେ ଅଭିଷେକ ବାନାର୍ଜୀଙ୍କ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାକୁ କହିଛନ୍ତି। ଟିଏମସି ମଧ୍ୟ ପୁଲିସ୍ର କାର୍ଯ୍ୟାନୁଷ୍ଠାନକୁ ରାଜନୀତିକ ଆକ୍ରୋଶ ବୋଲି ମଧ୍ୟ କହିଛି। ଅନ୍ୟପକ୍ଷରେ ଅଭିଷେକ ବାନାର୍ଜୀଙ୍କୁ ହେଟ ସ୍ପିଚ ମାମଲାରେ ସିଆଇଡି ଜୁନ ୧୬ରେ ହାଜର ହେବାକୁ ନୋଟିସ କରିଛି। ସିଆଇଡି ପକ୍ଷରୁ ବିଧାୟକଙ୍କ ଜାଲ ଦସ୍ତଖତ ମାମଲାର ତଦନ୍ତ ମଧ୍ୟ ସିଆଇଡି କରୁଛି। ଏହି ମାମଲାରେ ଗୁରୁବାର ଅଭିଷେକ ବାନାର୍ଜୀଙ୍କୁ ସିଆଇଡି ପ୍ରାୟ ରାତି ୧୨ଟା ଯାଏ ଜେରା କରିଥିଲା। ଏବେ ତାଙ୍କ ଅଡୁଆ ପୁଣି ବଢ଼ିଛି।

# ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାର ଯାଞ୍ଚ କରିବ ଏସଆଇଟି

**ଲକ୍ଷ୍ନୌ:** ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ପରିସରରେ ଥିବା ମନ୍ଦିରଙ୍କ ଦାନ ଚୋରି ହେବା ମାମଲାରେ ଶ୍ରୀ ରାମଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସହଯୋଗ ଲୋଡ଼ିଛି। ଟ୍ରଷ୍ଟ ଦାନରେ ମିଳିଥିବା ବିପୁଳ ରାଶି ଚୋରି ଉପରୁ ପର୍ଦ୍ଦା ହଟାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିବାକୁ ନିବେଦନ କରିଛି। ଟ୍ରଷ୍ଟର ଅନୁରୋଧ ଅନୁସାରେ ଯୋଗୀ ସରକାର ମାମଲାର ତଦନ୍ତ ନିମନ୍ତେ ଏସଆଇଟି ଗଠନ କରିଛନ୍ତି। ଏଥିରେ ଆଇଏଏସ୍ ବିଜୟ ବିଶ୍ୱାସ ପନ୍ତ, ରେଞ୍ଜ ଆଇଜି କିରଣ ଏସ୍. ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ)ଙ୍କୁ ସାମିଲ କରାଯାଇଛି। ଏସଆଇଟିକୁ ୭ ଦିନ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଓ ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ଦାନ ଚୋରିର ଲଗାତାର ଅଭିଯୋଗ




ପରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମୁଖ୍ୟମନ୍ତ୍ରୀଙ୍କ ସହାୟତା କାମନା କରିଛି। ଅଯୋଧ୍ୟା ରାମ ମନ୍ଦିରରୁ କୋଟି କୋଟି ଟଙ୍କା ଦାନ ରାଶି ଚୋରି ହୋଇଥିବା ସନ୍ଦେହ କରାଯାଉଛି। ମନ୍ଦିର ଟ୍ରଷ୍ଟ ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ କାର୍ଯ୍ୟାଳୟକୁ ପତ୍ର ଲେଖି ଚୋରି ଅଭିଯୋଗର ଯାଞ୍ଚ ଏସଆଇଟି ଦ୍ୱାରା କରିବାକୁ ଅନୁରୋଧ କରିଛି। ଏହା ପୂର୍ବରୁ ଟ୍ରଷ୍ଟ ପକ୍ଷରୁ ଅନ୍ତରୀଣ ଯାଞ୍ଚ ଓ ଅଡିଟ କଥା କୁହାଯାଉଥିଲା। ଟ୍ରଷ୍ଟର କହିବା କଥା ହେଉଛି ଏକ ଉଚ୍ଚସ୍ତରୀୟ ଏସଆଇଟି ଯାଞ୍ଚ ଦ୍ୱାରା ନା କେବଳ ଏହି ପୁରା ପ୍ରୋପାଗଣ୍ଡା ପଛର ଚେହେରାଙ୍କ ପର୍ଦ୍ଦାଫାଶ ହେବ ବରଂ ଦେଶର ଜନତାଙ୍କ ସାମ୍ନାକୁ ଏହି ସତ୍ୟ ଆସିବ ଯେ ରାମ ମନ୍ଦିରକୁ ଦିଆଯାଉଥିବା ଦାନ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ପୁରା ପାରଦର୍ଶିତାର ସହିତ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଟ୍ରଷ୍ଟର କହିବା କଥା ହେଉଛି ଏହା ରାମ ମନ୍ଦିରର ଛବି ଓ କୋଟିକୋଟି ଭକ୍ତଙ୍କ ଆସ୍ଥା କୁ ଠେସ୍ ପହଞ୍ଚାଇବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର, ଯାହା ଉପରୁ ପର୍ଦ୍ଦା ହଟିବା ନିତ୍ୟାନ୍ତ ଆବଶ୍ୟକ।

# ଆମେଠିରେ ସ୍ମୃତି ଇରାନୀଙ୍କୁ ଝଟକା

**ଆମେଠି:** ପୂର୍ବରୁ ସାଂସଦ ଥିଲେ ଏବେ ଭୋଟର ଲିଷ୍ଟରେ ନାଁ ନାହିଁ । ୨୦୨୪ ଲୋକସଭା ନିର୍ବାଚନରେ ଭୋଟ୍ ଦେଇଥିଲେ ବି ଆମେଠି ପଞ୍ଚାୟତ ଭୋଟର ତାଲିକାରୁ ସ୍ମୃତି ଇରାନୀଙ୍କ ନାମ ଗାଏବ । ଉତ୍ତରପ୍ରଦେଶର ଆମେଠିରୁ ଏକ ବଡ଼ ରାଜନୈତିକ ଏବଂ ପ୍ରାଶାସନିକ ଖବର ସାମ୍ନାକୁ ଆସିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତ୍ରୀ ସ୍ମୃତି ଇରାନୀଙ୍କ ନାମ ଆମେଠି ଜିଲ୍ଲାର ମେଦନ ମାୱାଇ (Medan Mawai) ଗାଁର ପଞ୍ଚାୟତ ଭୋଟର ତାଲିକାରୁ ବାଦ୍ ପଡ଼ିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଗତ ୨୦୨୪ ଲୋକସଭା ନିର୍ବାଚନ ଏବଂ ୨୦୨୨ ବିଧାନସଭା ନିର୍ବାଚନ ତାଲିକାରେ ତାଙ୍କ ନାମ ଥିଲା ଏବଂ ସେ ନିକଟରେ ସେଠାରେ ନିଜର ମତଦାନ ମଧ୍ୟ ସାବ୍ୟସ୍ତ କରିଥିଲେ।

## ▶▶ ଭୋପାଳ ଗସ୍ତରେ କେନ୍ଦ୍ରମନ୍ତ୍ରୀ

# ୧୨ ବର୍ଷର ଯାତ୍ରା ସେବା, ସୁଶାସନର ସଫଳ ନିଦର୍ଶନ - ଧର୍ମେନ୍ଦ୍ର



**ଭୋପାଳ:** ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି ।

'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ସହିତ ଏହି ଅଭିଯାନରେ ଆଇଆଇଏମ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଯୋଡ଼ାଯିବ, ଯାହାଦ୍ୱାରା ମହିଳାମାନଙ୍କୁ ଉଦ୍ୟମିତା ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ନୂଆ ସୁଯୋଗ ମିଳିପାରିବ ବୋଲି ସେ କହିଛନ୍ତି ।

ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶେଷରେ ସେ କହିଛନ୍ତି ଯେ, 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ସହିତ ଭାରତ ଆଜି ଆତ୍ମବିଶ୍ୱାସର ସହ ବିକଶିତ ଭାରତ ୨୦୪୭ ର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଏଥିରେ ଆମ ମାତୃଶକ୍ତିର ଭାଗିଦାରୀ ହିଁ ଦେଶର ପ୍ରଗତିର ମୂଳ ଆଧାର । ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ । ଏହି ବୈଠକରେ ରାଜ୍ୟରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୁବକମାନଙ୍କ ସଶକ୍ତୀକରଣ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଯୁବ ପ୍ରତିଭାମାନଙ୍କୁ ନୂଆ ସୁଯୋଗ ପ୍ରଦାନ କରି ସେମାନଙ୍କୁ ରାଷ୍ଟ୍ର ନିର୍ମାଣର ସହଭାଗୀ କରିବା ଦିଗରେ କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାର ନିରନ୍ତର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

## କବାଡି, ଟଗ ଅଫ୍ ୱାର ଚାମ୍ପିଅନସିପ ଉଦ୍‌ଘାଟିତ



ଭୁବନେଶ୍ୱର,୧୩।୬(ସବ୍ୟୁ): ରାଜ ପର୍ବ ଉପଲକ୍ଷେ ବିଚିତ୍ର ଚାରିଟେବୁଲ ଆନୁକୂଲ୍ୟରେ ଜାତୀୟସ୍ତରର କ୍ରୀଡା ପ୍ରତିଯୋଗିତା କବାଡି ଓ ରଶିଟଣା ଚାମ୍ପିଅନସିପ ଆରମ୍ଭ ହୋଇଛି । କବାଡି ଓ ରଶି ଟଣା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେଇଛନ୍ତି । ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯିବ । ୪ ଦିନ ଧରି ପ୍ରତିଯୋଗିତା ଭୁବନେଶ୍ୱର ଉପକଣ୍ଠ ମଦନ ପଡିଆରେ ଆୟୋଜିତ ହେଉଛି । କବାଡିରେ ମୋଟ ୧୬ଟି ଦଳ, ଓଡ଼ିଶାରୁ ଜଟଣୀ ୱାନ ଭୟସ ଜୟ ଓଡ଼ିଶା, ପଟ୍ଟନାୟକ, ଜିଏନଏସଓ, ସମ୍ବଲପୁର, କିଟ, ରେନବୋ, ନୂଆପଡ଼ା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି ତଥା ରାଜ୍ୟ ବାହାରୁ ଛତିଶଗଡ଼, ହରିୟାଣା, ଭୋପାଳ ଓ କୋଲକାତା ପୋଲିସ ଅଂଶଗ୍ରହଣ କରିଛନ୍ତି । ସମାନ ସଂଖ୍ୟକ ଦଳ ରଶିଟଣା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି । ପୁରୁଷରେ ଚାମ୍ପିଅନ ଦଳକୁ ୫୦ ହଜାର, ରନର୍ସ ଅପ୍ ଦଳକୁ ୩୦ ହଜାର ଲେଖାଏଁ ପ୍ରଦାନ କରାଯିବ । ମହିଳାରେ ଚାମ୍ପିଅନ ଦଳକୁ ୩୦ ହଜାର ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ଦିଆଯିବ । ଆୟୋଜିତ ଉଦଘାଟନୀ ଉତ୍ସବରେ ସନାତନ ମଙ୍ଗରାଜ, କିଶୋରୀ ଚରଣ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଚିତ୍ର ଚାରିଟେବୁଲ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ଶକ୍ତି ଶଙ୍କର ମିଶ୍ର ଓ ସୁରୋଜିତ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।

### ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ

## ରେଡ ଷ୍ଟାର ବିଜୟୀ




ଭୁବନେଶ୍ୱର,୧୩।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ପ୍ରି-କ୍ୱାର୍ଟର ଫାଇନାଲରେ ରେଡ ଷ୍ଟାର ବିଜୟୀ ହୋଇଛି । ଏହି ମ୍ୟାଚରେ ରେଡ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୭ ୱିକେଟ ହରାଇ ୨୨୩ ରନ୍ କରିଥିଲା । ରେଡ ଷ୍ଟାର ତରଫରୁ ନିଧାଂଶୁ ଦାସ ୯୨ ରନ୍ କରିଥିଲେ । ତୌଫିଲ ଅହମ୍ମଦ ୪୪ ଏବଂ ସମରଜିତ ସାହୁ ଅପରାଜିତ ୫୬ ରନ୍ ସଂଗ୍ରହ କରିଥିଲେ । ୨୨୪ ରନର ପିଛା କରି ସହିଦ ସ୍ପୋର୍ଟିଂ ୨୫.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା । ରେଡ ଷ୍ଟାର ତରଫରୁ ଓମ ଶ୍ରୀ ସାହୁ ଓ ଶେଖ ଏମ ରିଆଜ ଦୁଇଟି କରି ୱିକେଟ ନେଇଥିଲେ । ସହିଦ ସ୍ପୋର୍ଟିଂର ୪ ଜଣ ବ୍ୟାଟର ରନ ଆଉଟ୍ ହେବରୁ ଦଳ ୮୪ ରନ ବ୍ୟବଧାନରେ ପରାଜିତ ହୋଇଛି । ପାରାମାଉଣ୍ଟ ସ୍ପୋର୍ଟିଂର ପୂର୍ବତନ ରଣଜୀ ଖେଳାଳି ଦେବାଶିଷ ସାମନ୍ତରାୟ ରେଡ ଷ୍ଟାରର ମିଧାଂଶୁ ଦାସଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପ୍ରଦାନ କରିଥିଲେ ।

### ଫିଫା ବିଶ୍ୱକପ

# ବିଜୟରୁ ଆମେରିକାର ଅଭିଯାନ



ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ବେଶ ଚମତ୍କାର ଢ଼ଙ୍ଗରେ ଆୟୋଜକ ଆମେରିକା ଫିଫା ବିଶ୍ୱକପ ଅଭିଯାନ ଆରମ୍ଭ କରିଛି । ଆମେରିକା ନିଜ ଘରୋଇ ମାଟିରେ ପାରାଗୁଏକୁ ୪-୧ ଗୋଲରେ ମାତ ଦେଇଛି । ଗ୍ରୁପ ଡି'ର ପ୍ରଥମ ମ୍ୟାଚ କାର୍ଲିଫର୍ଣ୍ଣିଆର ସୋଫି ଷ୍ଟାଡିୟମରେ ଖେଳାଯାଇଥିଲା । ଘରୋଇ ଦର୍ଶକଙ୍କ ସମ୍ମୁଖରେ ଆମେରିକା ଦମଦାର ପ୍ରଦର୍ଶନ କରି ନିଜର ଦବଦବା ଦେଖାଇବାକୁ ସକ୍ଷମ ହୋଇଛି । ୧୯୯୪ରେ ଆମେରିକା ପ୍ରଥମଥର ଘରୋଇ ମାଟିରେ ବିଶ୍ୱକପ ଖେଳୁଛି । ଏତେ ବର୍ଷ ପରେ ମଧ୍ୟ ଆମେରିକା ପ୍ରଶଂସକଙ୍କୁ ନିରାଶ କରିନାହିଁ । ମ୍ୟାଚ ଆରମ୍ଭରୁ ଶେଷ ଯାଏ ଆମେରିକା ବଲକୁ ପ୍ରାୟତଃ ନିଜ ନିୟନ୍ତ୍ରଣରେ ରଖିଥିଲା । କୌଣସି ବି ସମୟରେ ପାରାଗୁଏ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ଦେଖିବାକୁ ମିଳିନଥିଲା । ମ୍ୟାଚର ସପ୍ତମ ମିନିଟରେ ପାରାଗୁଏ ଆୟୋଜକ ଦଳକୁ ଉପହାର ଦେଇଥିଲା । କାରଣ ଦଳର ଡାମିଆନ ବୋବାଡିଲା ଆତ୍ମଘାତୀ ଗୋଲ ଦେଇଥିଲେ । ସେ ଆମେରିକା ବଦଳରେ ନିଜ ଗୋଲ ପୋଷ୍ଟକୁ ବଲ ମାରିଥିଲେ । ଏହି ଆତ୍ମଘାତୀ ବଲରେ ଆମେରିକା ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା । ପ୍ରଥମାର୍ଦ୍ଧ ସୁଦ୍ଧା ଆମେରିକା ଆଉ ଦୁଇଟି ଗୋଲ କରିଥିଲା । ମ୍ୟାଚର ୩୧ତମ ମିନିଟ୍ ଓ ୪୫ତମ ମିନିଟରେ ଗୋଲ ହେବାରୁ ଦଳ ୩-୦ରେ ଆଗୁଆ ହୋଇଥିଲା । ପାରାଗୁଏ ପକ୍ଷରୁ ୭୩ତମ ମିନିଟରେ ମୌରିସିଓ ଗୋଲ କରିଥିଲେ । କିନ୍ତୁ ଏହା ଦଳର ପରାଜୟ ଟାଳିବାରେ ଯଥେଷ୍ଟ ହୋଇନଥିଲା । ବଟଂ ଷ୍ଟପେଜ ଟାଇମରେ ଆମେରିକାର ଜିଓ ରେୟାନା ଆଉ ଏକ ଗୋଲ କରି ଦଳକୁ ୪-୧ରେ ବିଜୟୀ କରିଥିଲେ । ଏହି ବିଜୟ ସହ ଆମେରିକା ଗ୍ରୁପ ଡି'ର ନଂ.୧ ସ୍ଥାନରେ ରହିଛି । ଦଳ ଜୁନ ୧୯ରେ ସିଆଟଲରେ ଅଷ୍ଟ୍ରେଲିଆକୁ ଭେଟିବ । ସେହିଦିନ ପାରାଗୁଏ ଓ ତୁର୍କୀ ମଧ୍ୟରେ ମ୍ୟାଚ ଖେଳାଯିବ ।

### ଡ୍ର' ସତ୍ତ୍ୱେ ଇତିହାସ ରଚିଲା କାନାଡା



ଫିଫା ବିଶ୍ୱକପର ସହ ଆୟୋଜକ କାନାଡା ଘରୋଇ ମାଟିରେ ଇତିହାସ ରଚିଛି । ବୋସନିଆ ଓ ହର୍ଜ ଗୋଭିନା ସହ ମ୍ୟାଚ ୧-୧ରେ ଡ୍ର' ରଖି କାନାଡା ନୂଆ କୀର୍ତ୍ତିମାନ ହାସଲ କରିଛି । ଘରୋଇ ମାଟିରେ ପ୍ରଥମଥର ଦଳ ଫିଫା ବିଶ୍ୱକପ ମ୍ୟାଚ ଖେଳୁଥିବା ବେଳେ ପରାଜୟରୁ ଅକ୍ଷେ ବର୍ତ୍ତି ନୂଆ ରେକର୍ଡର ଅଧିକାର ହୋଇଛି । ଟରୋଣ୍ଟୋରେ ଖେଳାଯାଇଥିବା ମ୍ୟାଚରେ ବୋସନିଆ ପକ୍ଷରୁ ଜୋଭୋ ଲୁକିଚ ୨୧ ତମ ମିନିଟରେ ହେଡର ଜରିଆରେ ଗୋଲ କରି ଦଳକୁ ୧-୦ରେ ଆଗୁଆ କରାଇଥିଲେ । କାନାଡା ଦ୍ୱିତୀୟ ହାରେ ପ୍ରତ୍ୟାବର୍ତ୍ତନ କରିଥିଲା । ଦଳ ପାଇଁ ସାଇଲ ମାରି ଗୋଲ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ । କାନାଡା ଏହାପରେ ଲିଡ ନେବାକୁ ଭରପୂର ଚେଷ୍ଟା କରିଥିଲା । ଘନ ଘନ ଆକ୍ରମଣ ମଧ୍ୟ କରାଯାଇଥିଲା । କିନ୍ତୁ ଏହାର ସୁଫଳ ମିଳିନଥିଲା । ଶେଷରେ କାନାଡା ୧-୧ ଗୋଲରେ ଡ୍ର' ରଖିବାକୁ ବାଧ୍ୟ ହୋଇଥିଲା । ଏହି ମ୍ୟାଚରେ ଡ୍ର' ରହିବାରୁ ବିଶ୍ୱକପ ଇତିହାସରେ କାନାଡା ପ୍ରଥମ ପଏଣ୍ଟ ହାସଲ କରିଛି । ୧୯୮୬ ଓ ୨୦୨୨ରେ ଦଳ ବିଶ୍ୱକପ ଖେଳିଥିଲା । କିନ୍ତୁ ଦଳ ଦୁଇଟିଯାକ ସଂସ୍କରଣରେ ଖେଳିଥିବା ୬ଟି ଯାକ ମ୍ୟାଚ ହାରିଥିଲା । ଆଜି ଯାଏଁ କାନାଡା କେବେ ବି ବିଶ୍ୱକପରେ ପଏଣ୍ଟ ହାସଲ କରିନଥିଲା । କିନ୍ତୁ ୨୦୨୬ ସଂସ୍କରଣରେ କାନାଡା ଘରୋଇ ମାଟିରେ ପ୍ରଥମ ପଏଣ୍ଟ ହାସଲ କରିବାକୁ ସକ୍ଷମ ହୋଇଛି ।

### ଚୋରି ହୋଇଗଲା ଇଂଲଣ୍ଡ ଖେଳାଳିଙ୍କ ଜୋତା

ପୁଣି ଫିଫା ବିଶ୍ୱକପରେ ବିବାଦ ମୁଣ୍ଡ ଟେକିଛି । ଏଥର ଇଂଲଣ୍ଡ ଫୁଟବଲ ଟିମକୁ ଝଟକା ଲାଗିଛି । ଦଳ ବିଶ୍ୱକପରେ ପ୍ରଥମ ମ୍ୟାଚ ଖେଳିବା ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ଖେଳାଳିଙ୍କ ଜୋତା ଓ ଅଭ୍ୟାସ ସାମଗ୍ରୀ ବ୍ୟାଗ ଚୋରୀ ଭଳି ସାଂଘାତିକ ଅଭିଯୋଗ । ଆସିଛି । ଦଳର ଅନେକ ଖେଳାଳିଙ୍କ ଜୋତା, ତାଲିମ ସାମଗ୍ରୀ ଓ ଅଫିସିଆଲ ମ୍ୟାଚ ବଲ ଚୋରି ହୋଇଯାଇଛି । ଆମେରିକାର କାନସାସ ସିଟିରେ ଦଳର ପ୍ରଥମ ଅଭ୍ୟାସ ସେସନ ପୂର୍ବରୁ ଏପରି ଘଟଣା ଘଟିଛି । ବାସ୍ତବରେ ଇଂଲଣ୍ଡ ଟିମର ସାମଗ୍ରୀ ଗୁଡ଼ିକୁ ଫ୍ଲୋରିଡାରୁ ମିଶୋରୀ ସ୍ଥିତ ସ୍ୱପସ୍କୋରର ଗାଁକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସେଗୁଡ଼ିକ ଚୋରି ହୋଇଯାଇଛି । ଇଂଲଣ୍ଡ ଦଳରେ ଥିବା ଏକାଧିକ ବରିଷ୍ଠ ତଥା ଲୋକପ୍ରିୟ ଖେଳାଳିଙ୍କ ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଫିଫା ଅଧିକାରୀ ସ୍ୱଷ୍ଟ କରିଛନ୍ତି । ଏହି ଚୋରୀ ଘଟଣାରେ କାନସାସ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ।

## ଦିନିକିଆ ଶୃଙ୍ଖଳା:ଭାରତକୁ ଜିତାଇଲେ ଗିଲ୍



ଧର୍ମଶାଳା,୧୩।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତ ୭ ୱିକେଟରେ ବିଜୟୀ ହୋଇଛି । ଶୁଭମନ ଗିଲ ଅପରାଜିତ ୮୪ ରନର ଇନିଂସ ଖେଳି ଦଳକୁ ବିଜୟୀ କରିଥିଲେ । ତେଣୁ ଭାରତ ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳରେ ୧-୦ରେ ଅଗ୍ରଣୀ ହାସଲ କରିଛି । ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚରେ ଆଫଗାନିସ୍ତାନ ୨୪.୫ ଓଭରରେ ୧୯୪ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ଭାରତ ୨୨.୫ ଓଭରରେ ୧୯୫/୩ ରନ କରି ଲକ୍ଷ୍ୟ ହାସଲ କରିନେଇଛି ।

ବର୍ଷା ଯୋଗୁଁ ଏହି ମ୍ୟାଚ ୨୫ ଓଭର ବିଶିଷ୍ଟ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ପକ୍ଷରୁ ରହମନ ନୁଲ୍ଲା ଗୁରବାଜ ୫୧ ବଲରୁ ୧୦୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ଏହି ଇନିଂସରେ ସେ ୮ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ । ତାଙ୍କ ବ୍ୟତୀତ ହସ୍ମତୁଲ୍ଲା ସହିଦ ୨୭, ଅଜମୁତୁଲ୍ଲା ଏମାରଜାଇ ୨୬ ରନ କରିଥିଲେ । ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରିନଥିଲେ । ୨୪.୫ ଓଭରରେ ଆଫଗାନିସ୍ତାନ ୧୯୪ ରନ କରି ଅଲଆଉଟ୍ ହୋଇଥିଲା । ଭାରତର ଅର୍ଶଦୀପ ସିଂ ଓ ନୀତିଶ କୁମାର ରେଡ୍ଡୀ ଦୁଇଟି ଲେଖାଏଁ, ଗୁରନୁରବ୍ରାର ଓ ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ ।

୧୯୫ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ପକ୍ଷରୁ ଓପନର ରୋହିତ ଶର୍ମା ୧୬ ରନ୍ କରି ରନ ଆଉଟ୍ ହୋଇଥିଲେ । ଇଶାନ କିଷାନ ୩୪, ଶ୍ରେୟାସ ଆୟର ୧୨ ରନ କରିଥିଲେ । ତେବେ ଶୁଭମନ ଗିଲ ୬୬ ବଲରୁ ୮୪ ଏବଂ ଲୋକେଶ ରାହୁଲ ୧୯ ବଲରୁ ୩୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି । ତେଣୁ ଭାରତ ୨୨.୫ ଓଭରରେ ୧୯୫/୩ ରନ କରି ସହଜ ବିଜୟ ହାସଲ କରିଥିଲା ।

## ଧର୍ମଶାଳା ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ:ୟଙ୍ଗ ଉତ୍କଳ ଚାମ୍ପିଅନ



ଧର୍ମଶାଳା,୧୩।୬(ସବ୍ୟୁ): ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚଳିତ ମାସ ୬ ତାରିଖରୁ ଚାଲିଥିବା ୨୮ ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚୟଙ୍ଗ ଉତ୍କଳ କ୍ଲବ କଟକ ଓ ପ୍ରତାପ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୟଙ୍ଗ ଉତ୍କଳ କ୍ଲବ କଟକ ୪-୨ ଗୋଲରେ ପ୍ରତାପ କ୍ଲବ କଟକକୁ ପରାସ୍ତ କରି ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବ କଟକର ରାକେଶ ଜେନା ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତିୟାର୍ଦ୍ଧରେ ୟଙ୍ଗ ଉତ୍କଳ କ୍ଲବର ବାବୁନି ଦାସ ଗୋଟିଏ ଗୋଲଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ । ଫଳରେ ଆଜିର ଖେଳ ଅମିମାଂଶିତ ଭାବେ ସମାପ୍ତ ହୋଇଥିବା ବେଳେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଟାଇବ୍ରେକରରେ ୟଙ୍ଗ ଉତ୍କଳ କ୍ଲବ କଟକ ପ୍ରତାପ କ୍ଲବକୁ ୪-୨ ଗୋଲ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି ଆଜିର ମ୍ୟାଚରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ସାହୁ ଉଭୟ କ୍ଲବର ଖେଳାଳିଙ୍କ ସହିତ ହାତ ମିଳାଇ ଥିଲେ । ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଅତିଥି ଭାବେ ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ ଯୋଗଦେଇଥିଲେ । ଆଜିର ଖେଳରେ ଚାମ୍ପିଅନ ହୋଇଥିବା ୟଙ୍ଗ ଉତ୍କଳ କ୍ଲବକୁ ଚାମ୍ପିଅନ ଟ୍ରଫି ଓ ପ୍ରତାପ କ୍ଲବକୁ ରନର୍ସ ଅଫ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ୟଙ୍ଗ ଉତ୍କଳ କ୍ଲବର ତୁଷାର କୁମାର ସାହୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ୟଙ୍ଗ ଉତ୍କଳ କ୍ଲବର ଗଣେଶ୍ୱର ସେଠୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ଚନ୍ଦ୍ରମଣି ପଣ୍ଡିତ ଧନ୍ୟବାଦ ଦେଇଥିଲେ । ଆଜିର ମ୍ୟାଚକୁ ଜ୍ୟୋତି ରଞ୍ଜନ ସ୍ୱାଇଁ ରେଫରି ଭାବେ ପରିଚାଳନା କରିଥିବା ବେଳେ ସେକ ସଲିମ ଅହମ୍ମଦ ଓ ଚିତ୍ତରଞ୍ଜନ ଓଝା ଲାଇନମ୍ୟାନ ଭାବେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ଶୈଳେଶ ପାଣି ଦାୟିତ୍ୱ ତୁଲାଇଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## କିଟ୍-କିସ୍ ଭଲିବଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସକୁ ମିଳିଲା 'ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର' ମାନ୍ୟତା




ଭୁବନେଶ୍ୱର/ଲୋଜାନ୍,୧୩।୬(ସବ୍ୟୁ): ଭାରତୀୟ ଭଲିବଲ୍ କ୍ରୀଡ଼ା ପାଇଁ ଏକ ବଡ଼ ସଫଳତା ଭାବେ, ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍ଆଇଭିବି) କିଟ୍-କିସରେ ଥିବା ଏଫ୍ଆଇଭିବି-କିଟ-କିସ୍ ସେଣ୍ଟର ଅଫ୍ ଏକ୍ସଲେନ୍ସକୁ ଆନ୍ତର୍ଜାତିକ ସେଣ୍ଟର ଅଫ୍ ଏକ୍ସଲେନ୍ସର ମାନ୍ୟତା ପ୍ରଦାନ କରିଛି । ସ୍ୱିଜରଲ୍ୟାଣ୍ଡର ଲୋଜାନ୍ ସ୍ଥିତ ଏଫ୍ଆଇଭିବି ମୁଖ୍ୟାଳୟରେ ଆୟୋଜିତ ଏହାର କାର୍ଯ୍ୟକାରିଣୀ ବୈଠକରେ ଏହି ଘୋଷଣା କରାଯାଇଥିଲା । କିଟ କିସ ପ୍ରତିଷ୍ଠାତା ତଥା ଏଫ୍ଆଇଭିବି ଗଭର୍ଣ୍ଣିଂ କାଉନ୍ସିଲର ସଦସ୍ୟ ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏଫ୍ଆଇଭିବି ସଭାପତି ଡ ଫାବିଓ ଆଜେଭେଡୋ ଏହି ଘୋଷଣା କରିଥିଲେ । ଏହି ମାନ୍ୟତା ଭାରତୀୟ କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି । ଭାରତୀୟ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ା ବୈଷୟିକ କର୍ମଚାରୀଙ୍କ ପାଇଁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଚିତ ଏହି କେନ୍ଦ୍ର ଏଣିକି ବିଶ୍ୱର ବିଭିନ୍ନ ଦେଶର ଖେଳାଳି, କୋଚ୍ ଓ କ୍ରୀଡ଼ା ପେଶାଦାରଙ୍କ ପାଇଁ ମଧ୍ୟ ଉନ୍ମୁକ୍ତ ରହିବ । ଏହା ଭାରତକୁ ଭଲିବଲ୍ ଓ ବିଚ୍ ଭଲିବଲ୍ ବିକାଶ କ୍ଷେତ୍ରରେ ଏକ ଆନ୍ତର୍ଜାତିକ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ । ଏହି ଅବସରରେ କିଟ କିସ ଉତ୍କର୍ଷ କେନ୍ଦ୍ରର ଦ୍ରୁତ ଅଗ୍ରଗତି ଓ ସଫଳତାକୁ ଉଚ୍ଚ ପ୍ରଶଂସା କରି ଫାବିଓ ଆଜେଭେଡୋ କହିଲେ, କିଟରେ ଆୟୋଜିତ ଭାରତୀୟ ମହିଳା ଭଲିବଲ୍ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର ନେପାଳରେ ଅନୁଷ୍ଠିତ କାଭା ମହିଳା ଭଲିବଲ୍ ଚାମ୍ପିୟନଶିପ୍ରେ ଭାରତକୁ କାଂସ୍ୟ ପଦକ ଜିତିବାରେ ସହାୟକ ହୋଇଥିଲା । ସେହିପରି, ମାର୍ଚ୍ଚ ୨୦୨୬ରେ ଆୟୋଜିତ ବିଚ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ ୨୦୨୬ର ସଫଳ ଆୟୋଜନ ପାଇଁ ମଧ୍ୟ ଏଫ୍ଆଇଭିବି କିଟ-କିସ୍କୁ ପ୍ରଶଂସା କରିଥିଲା । ଏହି ପ୍ରତିଯୋଗିତାରେ ୫୨ରୁ ଉର୍ଦ୍ଧ୍ୱ ଦେଶର ଖେଳାଳି ଯୋଗଦେଇଥିବା ସର୍ବୋତ୍କୃଷ୍ଟ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଅନ୍ୟତମ ହୋଇଥିବା ଏଫ୍ଆଇଭିବି କୁହାଯାଇଥିଲା ।

ଏହି ସଫଳତାକୁ ଦୃଷ୍ଟିରେ ରଖି ଏଫ୍ଆଇଭିବି ୨୦୨୭ ଓ ୨୦୨୮ ମସିହାର ବିଚ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ ଆୟୋଜନ ପାଇଁ କିଟ-କିସକୁ ସୁଯୋଗ ଦେବା ବୋଲି କହିଛି । ଏହାସହ ବିଭିନ୍ନ ବୟସ ବର୍ଗର ବିଶ୍ୱ ଚାମ୍ପିଅନସିପ୍ ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ମଧ୍ୟ ଏଫ୍ଆଇଭିବି ସହଯୋଗ କରିବ । ନିକଟରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳନ ପରିପ୍ରେକ୍ଷୀରେ 'ଆର୍ଟ ଅଫ୍ ଗିଭିଂ– ସେୟାର ଟୁ ଶାଇନ୍ ଭଲିବଲ୍ ଡେଭଲପମେଣ୍ଟ ଇନିସିଏଟିଭ୍' ଅଧୀନରେ ଦେଶର ୭ ହଜାରରୁ ଅଧିକ ସ୍ଥାନରେ ୨୨ ହଜାରରୁ ଅଧିକ ଭଲିବଲ୍ ଓ ନେଟ୍ ବଣ୍ଟନ କରାଯାଇଥିବାରୁ ଏହାକୁ ଦେଶର ସବୁଠାରୁ ବଡ଼ ତୃଣମୂଳସ୍ତରୀୟ ଭଲିବଲ୍ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଭାବେ ସ୍ୱୀକୃତି ମିଳିଛି । ଏହି ଅବସରରେ କିଟ କିସ ଉତ୍କର୍ଷ କେନ୍ଦ୍ରକୁ 'ଆନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର'ର ମାନ୍ୟତା ଦେଇଥିବାରୁ ଶ୍ରୀ ସାମନ୍ତ ଫାବିଓ ଆଜେଭେଡୋଙ୍କ କୃତଜ୍ଞତା ଜଣାଇଥିଲେ । ଶ୍ରୀ ସାମନ୍ତ କହିଲେ ଯେ, ୨୦୩୨ ବ୍ରିସବେନ୍ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ ତାଙ୍କର ଦୀର୍ଘଦିନର ସ୍ୱପ୍ନ ରହିଛି । ଏହି ଆନ୍ତର୍ଜାତିକ କେନ୍ଦ୍ର ଭବିଷ୍ୟତର ଖେଳାଳିମାନଙ୍କୁ ଚିହ୍ନଟ, ପ୍ରଶିକ୍ଷିତ ଓ ବିକଶିତ କରିବାରେ ମୁଖ୍ୟ ଭୂମିକା ନେବ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି